# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ (୧୨ ପୃଷ୍ଠା) | Bhubaneswar, Tuesday, January 13/2026 | Page 12 | ₹ 7.00 | BALASORE

୫୨ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 51 | ମୂଲ୍ୟ ₹୭/-







# ବିଧାନସଭା ଆସନ ୨୦୦କୁ ବଢ଼ିବ

ଦୀର୍ଘ ୫୦ ବର୍ଷ ପରେ ଓଡ଼ିଶାରେ ପୁଣି ବିଧାନସଭା ଆସନ ବଢ଼ିବ। ୧୯୭୪ରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ ୧୪୭କୁ ବଢ଼ିଥିଲା। ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଇଛି। ତଦନୁଯାୟୀ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ହେବ। ଏହି ପ୍ରକ୍ରିୟା ଚଳିତବର୍ଷ ଆରମ୍ଭ ହୋଇ ୨୦୨୭ରେ ଶେଷ ହେବ। ଏହା ସହ ଆଗାମୀ ୫୦ବର୍ଷକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ଓଡ଼ିଶା ବିଧାନସଭା ଗୋଟିଏ ସ୍ଥାନରେ ନିର୍ମାଣ ହେବ। ନୂଆ ବିଧାନସଭାରେ ୩୦୦ ବିଧାୟକ ବସିବା ଭଳି ବ୍ୟବସ୍ଥା ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସୂଚନା ଦେଇଛନ୍ତି। ଏହାକୁ ଭାଜପା, କଂଗ୍ରେସ ସ୍ୱାଗତ କରିଥିବାବେଳେ ବିଜେଡି କପୋଳକଳ୍ପିତ ବୋଲି କହିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ନୂତନ ଲୋକସେବା ଭବନ ଓ ବିଧାନସଭା ଭବନର ପରିକଳ୍ପିତ ରୂପ।

**ଭୁବନେଶ୍ୱର,୧୨।୧ (ରବିନାରାୟଣ ଜେନା)**

ରାଜ୍ୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଲୋକସେବା ଭବନରେ ପୂର୍ତ୍ତ ବିଭାଗର ଏକ କାର୍ଯ୍ୟକ୍ରମ ଅବସରରେ ରାଜ୍ୟରେ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଆଗାମୀ ୫୦ବର୍ଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାନସଭାରେ ଯେପରି ୩୦୦ ବିଧାୟକ ବସିପାରିବେ, ତାହାକୁ ନେଇ ନୂତନ ବିଧାନସଭା ଭବନ ନିର୍ମାଣ କରାଯିବ। ଲୋକସେବା ଭବନ ଏବଂ ବିଧାନସଭା ଗୋଟିଏ କ୍ୟାମ୍ପସରେ ରହିବ। ତେବେ ଦୀର୍ଘ ୫୦ବର୍ଷ ପରେ ବିଧାନସଭା ଆସନ ସଂଖ୍ୟା ବଢ଼ିବାକୁ ଯାଉଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ୧୯୭୪ରେ ପ୍ରଥମ ଥର ପାଇଁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବୃଦ୍ଧି ପାଇଥିଲା। ଏହାପରେ ୨୦୨୬ରେ ଏହି ସଂଖ୍ୟା ବୃଦ୍ଧିକୁ ନେଇ କଂଗ୍ରେସ ଓ ଭାଜପା ସ୍ୱାଗତ କରୁଥିବାବେଳେ ବିଜେଡି ଏହାକୁ କପୋଳକଳ୍ପିତ ବୋଲି କହିଛି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟରେ ଜନସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଲୋକଙ୍କ ଆଶା ଓ ଆକାଂକ୍ଷା ମଧ୍ୟ ବଢ଼ୁଛି। ଜନପ୍ରତିନିଧି ସେସବୁକୁ ପୂରଣ କରିବା ଦିଗରେ ଅନେକ ସମୟରେ ସମସ୍ୟାରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ☞ ପୃଷ୍ଠା-୨

# ଗୋଟିଏ କ୍ୟାମ୍ପସରେ ଲୋକସେବା ଭବନ, ବିଧାନସଭା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର,୧୨।୧ (ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରତିଷ୍ଠା ହେବ ନୂଆ ଲୋକସେବା ଭବନ ଓ ବିଧାନସଭା। ୭୧.୧୩ ଏକର ଜାଗାରେ ପ୍ରତିଷ୍ଠା ହେବାକୁଥିବା ଏହି ନୂଆ ଲୋକସେବା ଭବନ କ୍ୟାମ୍ପସ ଭିତରେ ବିଧାନସଭା ରହିବ। ରାଜ୍ୟରେ ଏକ ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବାନୁଯାୟୀ, ଆଗକୁ ରାଜ୍ୟରେ ସୀମା ପୁନଃନିର୍ଦ୍ଧାରଣ ହେବ। ଏହାଦ୍ୱାରା ବିଧାନସଭାର ☞ ପୃଷ୍ଠା-୨


DSPL-474




OIPR-



ଇରାନରେ ସରକାର ବିରୋଧୀ ଗଣବିକ୍ଷୋଭକୁ ସମର୍ଥନ କରି ସୋମବାର ପ୍ୟାରିସ୍‌ରେ ବିକ୍ଷୋଭକାରୀମାନେ ଏକ ରାଲିରେ ଇରାନୀୟ ପତାକା ପୋଡୁଛନ୍ତି।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

## କରୁର ଦଳାଚକଟା ମାମଲା

ନୂଆଦିଲ୍ଲୀ,୧୨।୧



ତାମିଲନାଡୁର କରୁରରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସୋମବାର ଟିଭିକେ ଅଧ୍ୟକ୍ଷ ତଥା ଅଭିନେତା ବିଜୟଙ୍କୁ ୬ ଘଣ୍ଟା ଜେରା କରିଛି। ଏହି ଦୁଃଖଦ ଘଟଣା ପାଇଁ ତାଙ୍କ ଦଳ କିମ୍ବା କାର୍ଯ୍ୟକର୍ତ୍ତାମାନେ ଦାୟୀ ନୁହନ୍ତି ବୋଲି ବିଜୟ ତଦନ୍ତକାରୀ ଅଫିସରମାନଙ୍କୁ କହିଥିଲେ। ତାଙ୍କର ଉପସ୍ଥିତି ଅରାଜକତା ସୃଷ୍ଟି କରିପାରେ ବୋଲି ହୃଦ୍‌ବୋଧ କରି ସେ ଘଟଣାସ୍ଥଳ ଛାଡ଼ି ଚାଲିଯାଇଥିଲେ ବୋଲି କହିଛନ୍ତି। ପୂର୍ବରୁ ଟିଭିକେ କାର୍ଯ୍ୟକର୍ତ୍ତାମାନଙ୍କୁ ଜେରା ବେଳେ ସେମାନେ ମଧ୍ୟ ଅନୁରୂପ ବୟାନ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ଏକ ସଭାରେ ଦଳାଚକଟା ଘଟି ୪୧ ଜଣଙ୍କ ଜୀବନ ଯିବା ସହ ୬୦ ଜଣ ଆହତ ହୋଇଥିଲେ। ସୋମବାର ସକାଳେ ବିଜୟ ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ପହଞ୍ଚି ତଦନ୍ତକାରୀ ଅଫିସରମାନଙ୍କ ପ୍ରଶ୍ନର ଜବାବ ରଖିଥିଲେ। ପୋଙ୍ଗଲ୍ ଉତ୍ସବ ପରେ ତାଙ୍କୁ ପୁନର୍ବାର ଜେରା ପାଇଁ ଡକାଯିବ ବୋଲି ଜଣାପଡ଼ିଛି। ବିଜୟ ନୂଆଦିଲ୍ଲୀରେ ପହଞ୍ଚିବାକୁ ଥିବାରୁ ସିବିଆଇ କାର୍ଯ୍ୟାଳୟ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# କଡ଼ାକଡ଼ି ହେଲା କ୍ରିପ୍ଟୋ ନିୟମ

ନୂଆଦିଲ୍ଲୀ,୧୨।୧



ଭାରତର ଡିଜିଟାଲ ଆସେଟ୍ ମାର୍କେଟରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍‌ଆଇୟୁ) ପକ୍ଷରୁ କ୍ରିପ୍ଟୋ ନିୟମକୁ କଡ଼ାକଡ଼ି କରାଯାଇଛି। ଏଫ୍‌ଆଇୟୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ମନି ଲଣ୍ଡରିଂ ନିରୋଧୀ (ଏମ୍‌ଏମ୍‌ଏଲ୍) ଏବଂ କୋ ୟୋର କଷ୍ଟମର (କେୱାଇସି) ପ୍ରୋଟୋକଲରେ ପରିବର୍ତ୍ତନ ଆଣି ନୂଆ ନିୟମ ଜାରି କରିଛି। ତଦନୁସାରେ ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି ଓ ଜିଓଟ୍ୟାଗିଂକୁ ବାଧ୍ୟତାମୂଳକ କରାଯାଇଛି।

ଜାନୁଆରୀ ୮ରେ ପ୍ରକାଶିତ ନୂଆ ଗାଇଡ୍‌ଲାଇନ୍ ଅନୁସାରେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକ ଭର୍ଚୁଆଲ ଆସେଟ୍ ଡିଭାଇସ୍ (ଭିଡିଏ) ସର୍ଭିସ୍ ପ୍ରୋଭାଇଡର୍ସ ରୂପେ ପରିଚିତ ହେବେ। ସେଗୁଡ଼ିକ ପୂର୍ବଭଳି କେବଳ ସାଧାରଣ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରିବର୍ତ୍ତେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବେ। ସଫ୍ଟୱେର ଜରିଆରେ ୟୁଜର୍ସଙ୍କ ଉପସ୍ଥିତିକୁ ଯାଞ୍ଚ କରିବା ପାଇଁ ଲାଇଭ୍ ସେଲ୍ଫି ନେବାକୁ ପଡ଼ିବ। ସ୍ଥିର ଫଟୋ କିମ୍ବା ଡିପ୍‌ଫେକ୍‌ର ବ୍ୟବହାର ଏଡ଼ାଇବାରେ ଏହା ସହାୟକ ହେବ। ବ୍ୟବହାରକାରୀ ଏକ ଆକାଉଣ୍ଟ ତିଆରି ଆରମ୍ଭ କରିବା ମାତ୍ରେ ଏକ୍ସଚେଞ୍ଜଗୁଡ଼ିକ ତାରିଖ, ଟାଇମ୍‌ଷ୍ଟାମ୍ପ୍ ଏବଂ ଆଇପି ଆଡ୍ରେସ୍ ରେକର୍ଡ କରିବା ଜରୁରୀ। ସେହିପରି ୟୁଜର୍ସଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଏକ ପାସ୍‌ପୋର୍ଟ, ଆଧାର କିମ୍ବା ଭୋଟର ଆଇଡି ଭଳି ଅତିରିକ୍ତ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ଓଟିପି ଭେରିଫିକେଶନ୍ ପାଇଁ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ଦେବାକୁ ପଡ଼ିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏଫ୍‌ଆଇୟୁ ଏହି ନିୟମଗୁଡ଼ିକୁ ବଧ୍ୟତାମୂଳକ କରିଛି।

# ମକର ସଂକ୍ରାନ୍ତିରେ ନୂଆ କାର୍ଯ୍ୟାଳୟକୁ ଯିବେ ମୋଦି

ନୂଆଦିଲ୍ଲୀ,୧୨।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କାର୍ଯ୍ୟାଳୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଛି। ସେ ଆସନ୍ତା ୧୪ ତାରିଖ ମକର ସଂକ୍ରାନ୍ତିରେ ଉକ୍ତ କାର୍ଯ୍ୟାଳୟକୁ ଯିବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ନୂଆ କାର୍ଯ୍ୟାଳୟର ଠିକଣା ହେଲା ସେବା ତୀର୍ଥ କମ୍ପ୍ଲେକ୍ସ। ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପର ଅଂଶବିଶେଷ ଭାବେ ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଉକ୍ତ କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ କ୍ୟାବିନେଟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ (ଏନ୍‌ଏସ୍‌ସିଏସ୍) ରହିଛି। ପ୍ରତ୍ୟେକ କାର୍ଯ୍ୟାଳୟର ଅଲଗା ବିଲ୍ଡିଂ ରହିଛି। ପିଏମ୍‌ଓ ଥିବା ବିଲ୍ଡିଂର ନାମ 'ସେବାତୀର୍ଥ-୧'। ଏଥିରେ ଅତ୍ୟାଧୁନିକ କାର୍ଯ୍ୟସ୍ଥଳ, ବୃହତ୍ ଉତ୍ସବ ପ୍ରକୋଷ୍ଠ ରହିଛି। ପିଏମ୍‌ଓ ସ୍ଥାନାନ୍ତର ଏକ ଯୁଗ ଅବସାନର ସୂଚନା ଦେଉଛି। ୧୯୪୭ରେ ଭାରତ ସ୍ୱାଧୀନ ହେବା ପରଠାରୁ ପିଏମ୍‌ଓ ସାଉଥ୍ ବ୍ଲକ୍‌ରେ ରହିଆସିଥିଲା।

# ଟ୍ରମ୍ପ୍‌ଙ୍କ ଧମକ ପରେ ନରମିଲା ଇରାନ

■ବୁଝାମଣା ପାଇଁ ରାଜି
■ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୫୪୪

ଦୁବାଇ,୧୨।୧

ଇରାନରେ ମୁଦ୍ରାସ୍ଫୀତି ଓ ଆର୍ଥିକ ସଙ୍କଟକୁ ନେଇ ସରକାରଙ୍କ ବିରୋଧରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେଲା ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବା ବେଳେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୫୪୪ ଜଣଙ୍କ ମୃତ୍ୟୁ ଘଟିଲାଣି।


ଡୋନାଲ୍ଡ ଟ୍ରମ୍ପ୍

ଆନ୍ଦୋଳନକୁ ଚାପିଦେବା ଲାଗି ଇରାନ ସରକାରଙ୍କ ରକ୍ତାକ୍ତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଇସ୍‌ଲାମିକ୍ ରିପବ୍ଲିକ୍ ଉପରେ ଆକ୍ରମଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେଇଥିଲେ। ଇରାନ ଏବେ ୱାଶିଂଟନ ସହ ବୁଝାମଣା ଚାହୁଁଥିବା ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ଉପରେ ଇରାନ ସିଧାସଳଖ ପ୍ରତିକ୍ରିୟା ଦେଇ ନ ଥିବାବେଳେ ୱାଶିଂଟନ ଏବଂ ତେହରାନ ମଧ୍ୟରେ ଦୀର୍ଘଦିନ ଧରି ମଧ୍ୟସ୍ଥତା କରିଆସୁଥିବା ଓମାନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ବୁଝାମଣା ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ଇରାନର ଆଣବିକ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ ମିଶାଇଲ୍ ଅସ୍ତ୍ରାଗାର ବନ୍ଦ ପାଇଁ ଟ୍ରମ୍ପ୍ କଠୋର ଦାବି ରଖିଥିବାବେଳେ ତେହରାନ କି ପ୍ରକାର ପ୍ରତିଶ୍ରୁତି ଦେବ, ତାହା ସ୍ପଷ୍ଟ ହୋଇନାହିଁ।

ତେହରାନଠାରେ ବିଦେଶୀ କୂଟନୀତିଜ୍ଞମାନଙ୍କୁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘଚି କହିଛନ୍ତି, ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି। ହିଂସା ପାଇଁ ସେ ଇସ୍ରାଏଲ୍ ଏବଂ ଆମେରିକାକୁ ଦାୟୀ କରିଥିବାବେଳେ ଏନେଇ କୌଣସି ପ୍ରମାଣ ଦେଇନାହାନ୍ତି। ଆମେରିକା ସହ କୂଟନୈତିକ ଆଲୋଚନା ଲାଗି ଦ୍ୱାରା ଖୋଲା ରହିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ତେବେ ପାରସ୍ପରିକ ସ୍ୱାର୍ଥ ଓ ଉଦ୍‌ବେଗର ଗ୍ରହଣୀୟତା ଆଧାରରେ ଆଲୋଚନା ହେବା ଆବଶ୍ୟକ। ଏକପାଖିଆ ଏବଂ ଏକଚ୍ଛତ୍ରବାଦ ଆଧାରିତ ଆଲୋଚନା ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

# ବିବାହର ମାସେ ପୂର୍ବରୁ ରୁଷିଆ ଟ୍ୟାଙ୍କରରୁ ମର୍ଚ୍ଚାଣ୍ଟ ନେଭି ଅଫିସର ଅଟକ

ନୂଆଦିଲ୍ଲୀ,୧୨।୧

ହିମାଚଳପ୍ରଦେଶର କାଙ୍ଗ୍ରା ଜିଲାରୁ ରୁଷିଆର ଏକ କମ୍ପାନୀରେ ମର୍ଚ୍ଚାଣ୍ଟ ନେଭି ଅଫିସର ଭାବେ କାର୍ଯ୍ୟରତ ରିକ୍ଷିତ ଚୌହାନଙ୍କର ଆସନ୍ତା ମାସରେ ବିବାହ ଅନୁଷ୍ଠିତ ହେବାର ଥିଲା। ତାଙ୍କୁ ତୁରନ୍ତ ଘରକୁ ଫେରିବାର ଥିବାବେଳେ ତୈଳ ଆଣିବା ପାଇଁ ଭେନେଜୁଏଲା ଯାଇ ସେ ଫସିଯାଇଛନ୍ତି। ରୁଷିଆ ତୈଳ ଟ୍ୟାଙ୍କର, ଯେଉଁଥିରେ ରିକ୍ଷିତ କ୍ରିଉ ମେମ୍ବର ଭାବେ କାର୍ଯ୍ୟ କରୁଥିଲେ, ତାହାକୁ ଆମେରିକା ସୈନ୍ୟ ଜବତ କରିଛନ୍ତି। ରିକ୍ଷିତଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଆଣିବା ପାଇଁ ତାଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ମାରିନେରା ନାମକ ଉକ୍ତ ଜାହାଜରେ ୩ ଭାରତୀୟ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୨୬ ବର୍ଷୀୟ


ରିକ୍ଷିତ ଚୌହାନ

ରିକ୍ଷିତ ଅନ୍ୟତମ। ସେ ପ୍ରଥମ ଥର ପାଇଁ ଉକ୍ତ ଜାହାଜରେ ଭେନେଜୁଏଲା ଯାଇଥିବାବେଳେ ଆମେରିକା ସୁରକ୍ଷା ବଳ ଜାହାଜକୁ ପିଛାକରି ଗତ ୭ ତାରିଖରେ ଜବତ କରିଥିଲା।

# ନିଜ ଗୁଳିରେ ଟଳିଲେ ଚାଷୀ

## ୪ କୋଟିର ଠକେଇରେ ପଡ଼ିଥିଲେ

ହଲ୍‌ଦ୍ୱାନି,୧୨।୧

ଉତ୍ତରାଖଣ୍ଡର ଚାଷୀ ସୁଖୱନ୍ତ ସିଂ(୪୦) ଜମି କିଣିବା ପାଇଁ ୪ କୋଟି ଟଙ୍କା ଠକେଇରେ ପଡ଼ି ଶେଷରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ସେ ରବିବାର ନିଜ ସ୍ତ୍ରୀ ଓ ପୁଅଙ୍କ ସହ ନୈନିତାଲ ଯାଇ ଫେରିବାବେଳେ କାଠଗୋଦାମରେ ଏକ ହୋଟେଲ ରୁମ୍ ନେଇଥିଲେ। ସେ ନିଜକୁ ଗୁଳି କରିବା ପୂର୍ବରୁ ଇଣ୍ଟରନେଟ୍‌ରେ ଏକ ଭିଡିଓ ପୋଷ୍ଟ କରି ତାଙ୍କ ସହ ବିତିଥିବା ଘଟଣା ଓ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ।

# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ଏସ୍‌ଆଇଆର୍‌ରେ ଅନିୟମିତତା ଅଭିଯୋଗ

ନୂଆଦିଲ୍ଲୀ,୧୨।୧

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ସେଥିରେ ମନମାନି ଏବଂ ପ୍ରକ୍ରିୟାଗତ ଅନିୟମିତତା ହେଉଥିବା ନେଇ ତୃଣମୂଳ କଂଗ୍ରେସର କେତେଜଣ ଏମ୍‌ପି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲ ସୋମବାର ଏହା ଉପରେ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ମାଗିଛନ୍ତି। ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏବଂ ଦୋଳ ସେନ୍ ପୂର୍ବରୁ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଖଲ କରିଥିବାବେଳେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ବିଚାରକୁ ନେଇଛନ୍ତି। ବ୍ରାଏନ୍‌ଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଏସ୍‌ଆଇଆର୍ ଉପରେ ଇସିଙ୍କୁ ନୀତି ନିର୍ଦ୍ଦେଶ ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଜାରି କରାଯାଉଛି ଏବଂ ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କୁ ବିମାନ ଆନୁଷ୍ଠାନିକ ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ କୁହାଯାଉଛି। ନିର୍ବାଚନ କମିଶନ ଭୋଟରମାନଙ୍କ ଏକ ଏକ ତାର୍କିକ ବିସଙ୍ଗତି ଆଣିଛନ୍ତି। ଭୋଟର ତଥ୍ୟରେ ଅସଙ୍ଗତି ଓ ତ୍ରୁଟି ଥିବା ଦର୍ଶାଇ ଯୋଗ୍ୟ ଭୋଟରମାନଙ୍କୁ ଶୁଣାଣି ପାଇଁ ହାଜର ହେବାକୁ ନୋଟିସ କରାଯାଉଛି। ୨ ଟିଏମ୍‌ସି ଏମ୍‌ପିଙ୍କ ଆବେଦନ ଉପରେ ସପ୍ତାହେ ମଧ୍ୟରେ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ କହିଛନ୍ତି।

# ପ୍ରକୃତ ଭୋଟରଙ୍କୁ ଅସୁବିଧାରେ ପକାଉଛି ଡିଜିଟାଇଜେଶନ ତ୍ରୁଟି

## ସିଇସିଙ୍କୁ ଜଣାଇଲେ ମମତା

କୋଲକାତା,୧୨।୧(ପି.ଟି.)

୨୦୦୨ର ଭୋଟର ତାଲିକାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପରିଚାଳିତ ଡିଜିଟାଇଜେଶନ ଯୋଗୁ ତ୍ରୁଟି ଓ ଅସଙ୍ଗତି ଦେଖାଦେଇଛି। ଫଳରେ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ସ୍ୱାଭାବିକ ଭୋଟରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ସୋମବାର ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟରେ ଏହା ସିଇସିଙ୍କୁ ମମତାଙ୍କୁ ୫ମ ପତ୍ର। ପୂର୍ବରୁ ତ୍ରୁଟି ସଂଶୋଧନ ହୋଇଥିଲେ ମଧ୍ୟ ନ୍ୟାୟିକ ଶୁଣାଣି ପରେ ପୁନର୍ବାର ପରିଚୟ ପ୍ରମାଣ ଦେବାକୁ ଭୋଟରମାନଙ୍କୁ କୁହାଯାଉଛି। ଏଭଳି ଆଭିମୁଖ୍ୟ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଆସିଥିବା ନିର୍ବାଚନ କମିଶନଙ୍କ ନିଜ କାର୍ଯ୍ୟ ଓ ବ୍ୟବସ୍ଥାକୁ ଅସ୍ୱୀକାର କରୁଥିବା ମମତା ଅଭିଯୋଗ କରିଛନ୍ତି।

# ଝୁଲା ଶିବଲିଙ୍ଗ

**ଅନେକ ଶିବଲିଙ୍ଗ ଦେଖିଥିବେ। ମାତ୍ର ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯେଉଁଠି ଶିବଲିଙ୍ଗ ଝୁଲି କି ରହିଛି। ଏପରି ଚମତ୍କାରିତା ଗୁଜରାଟରେ ଦେଖିବାକୁ ପାଇବେ। ଗୁଜରାଟର ପ୍ରସିଦ୍ଧ ସୋମନାଥ ମନ୍ଦିର ୧୦୨୬ରେ ଗଜନୀବୀର ମହମ୍ମଦଙ୍କ ଦ୍ୱାରା ଆକ୍ରମଣ ଏବଂ ଧ୍ୱଂସ କରାଯାଇଥିଲା। ୨୦୨୬ରେ ଏହି ଆକ୍ରମଣର ୧୦୦୦ତମ ବାର୍ଷିକୀ ପାଳନ କରାଯାଉଛି। ସୋମନାଥ ମନ୍ଦିର ଭାରତର ୧୨ଟି ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ। ଭଗବାନ ଶିବଙ୍କ ଏହି ପ୍ରସିଦ୍ଧ ମନ୍ଦିର ଭାରତର ଆତ୍ମା, ବିଶ୍ୱାସ ଏବଂ ଗର୍ବର ପ୍ରତିମୂର୍ତ୍ତି। ଏହି ମନ୍ଦିର କେବଳ ଏକ ଧାର୍ମିକ ସ୍ଥଳ ନୁହେଁ, ବରଂ ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା, ବିଶ୍ୱାସ ଏବଂ ସଂଘର୍ଷର କାହାଣୀ ମଧ୍ୟ ବର୍ଣ୍ଣନା କରେ। ଜାଣନ୍ତୁ ଏହି ମନ୍ଦିରର ସ୍ୱତନ୍ତ୍ରତା ଏବଂ ରହସ୍ୟ ସମ୍ପର୍କରେ...**



ଦେବଦେବ ମହାଦେବ ସୋମନାଥ ମନ୍ଦିରରେ ବିରାଜମାନ କରିଛନ୍ତି। ସୋମନାଥ ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପବିତ୍ର ସ୍ଥାନ। କୁହାଯାଏ, ଏହି ମନ୍ଦିରରେ ଥିବା ଶିବଲିଙ୍ଗ ସ୍ୱୟଂ ଭଗବାନ ଚନ୍ଦ୍ରଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହା ଋଗ୍‌ବେଦରେ ମଧ୍ୟ ଉଲ୍ଲେଖ ଅଛି। ଏହି ମନ୍ଦିରକୁ ମହମ୍ମଦ ଗଜନୀବୀରଙ୍କ ସମେତ ଅନେକ ମୋଗଲ ଶାସକ ଆକ୍ରମଣ ଏବଂ ଲୁଟ୍ କରିଥିଲେ, କିନ୍ତୁ ଏହାର ଗୌରବ ଆଜି ମଧ୍ୟ ଅକ୍ଷୁଣ୍ଣ ରହିଛି।

ପ୍ରସିଦ୍ଧ ସୋମନାଥ ମନ୍ଦିରକୁ ମୋଗଲ ଶାସକମାନେ ଅନେକ ଥର ଧ୍ୱଂସ କରିଥିଲେ। ଏହା ପରେ ମନ୍ଦିରଟି ଅନେକ ଥର ପୁନଃନିର୍ମାଣ କରାଯାଇଛି। କୁହାଯାଏ ସୋମନାଥ ମନ୍ଦିରରେ ଥିବା ଜ୍ୟୋତିର୍ଲିଙ୍ଗ କୌଣସି ସମର୍ଥନ ବିନା ପବନରେ ଝୁଲି ରହିଥିଲା।

ସୋମନାଥ ମନ୍ଦିରରେ ଭାସମାନ ଶିବଲିଙ୍ଗକୁ ଏକ ପ୍ରାଚୀନ ସ୍ଥାପତ୍ୟ ଚମତ୍କାର ଭାବରେ ବିବେଚନା କରାଯାଏ। କୁହାଯାଏ ଚୁମ୍ବକୀୟ ଶକ୍ତି ବ୍ୟବହାର କରି ଏହାକୁ କୌଣସି ସମର୍ଥନ ବିନା ବାୟୁରେ ଝୁଲାଇ ରଖାଯାଇଥିଲା। ମହମ୍ମଦ ବାୟୁରେ ଶିବଲିଙ୍ଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଧାର୍ମିକ ବିଶ୍ୱାସ ଅନୁସାରେ, ଏହି ମନ୍ଦିର ପ୍ରଭୁ ଚନ୍ଦ୍ରଦେବଙ୍କ ସହିତ ଜଡ଼ିତ। ସେ ତାଙ୍କ ଶ୍ୱଶୁର ଦକ୍ଷ ପ୍ରଜାପତିଙ୍କ ଅଭିଶାପରୁ ମୁକ୍ତ ହେବା ପାଇଁ ଏଠାରେ ଭଗବାନ ଶିବଙ୍କୁ ପୂଜା କରିଥିଲେ। ପୌରାଣିକ କଥା ଅନୁସାରେ, ଚନ୍ଦ୍ରଦେବ ଦକ୍ଷ ପ୍ରଜାପତିଙ୍କ ୨୭ ଜଣ କନ୍ୟାଙ୍କୁ ବିବାହ କରିଥିଲେ, କିନ୍ତୁ ସେ ରୋହିଣୀଙ୍କୁ ସବୁଠାରୁ ଅଧିକ ଭଲ ପାଉଥିଲେ ଏବଂ ଅନ୍ୟ ସ୍ତ୍ରୀମାନଙ୍କ ପ୍ରତି ଭେଦଭାବ କରୁଥିଲେ।

ଯେତେବେଳେ ଦକ୍ଷଙ୍କ ଅନ୍ୟ ସ୍ତ୍ରୀମାନେ ସେମାନଙ୍କ ପିତାଙ୍କ ନିକଟରେ ଚନ୍ଦ୍ରଦେବଙ୍କ ବିଷୟରେ ଅଭିଯୋଗ କଲେ, ଦକ୍ଷ ପ୍ରଜାପତି କ୍ରୋଧିତ ହୋଇ ଚନ୍ଦ୍ରଦେବଙ୍କୁ ଅଭିଶାପ ଦେଇ କହିଲେ, ତୁମେ ତୁମର ସୌନ୍ଦର୍ଯ୍ୟ ଉପରେ ଏତେ ଗର୍ବିତ, ତୁମର ତେଜ କମିଯିବ। ପରେ ଏହା ଚନ୍ଦ୍ରର ତେଜ ହ୍ରାସ କରିଥିଲା। ଅନେକ ଶିବଲିଙ୍ଗ ଦେଖିଥିବେ। ମାତ୍ର ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯେଉଁଠି ଶିବଲିଙ୍ଗ ଝୁଲିକି ରହିଛି। ଏପରି ଚମତ୍କାରିତା ଗୁଜରାଟରେ ଦେଖିବାକୁ ପାଇବେ।

# ଇସ୍ରୋର ପିଏସ୍‌ଏଲ୍‌ଭି ମିଶନ ବିଫଳ

ଶ୍ରୀହରିକୋଟା,୧୨।୧(ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପିଏସ୍‌ଏଲ୍‌ଭି-ସି୬୩ ରକେଟ ବିଦେଶୀ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ସହ ୧୬ଟି ଉପଗ୍ରହକୁ ନେଇ ମହାକାଶକୁ ଯାଉଥିବାବେଳେ ବିସଙ୍ଗତିର ସମ୍ମୁଖୀନ ହେବାରୁ ମହାକାଶ ମିଶନ ବିଫଳ ହୋଇଛି। ରକେଟରେ ବ୍ୟତିକ୍ରମ ଦେଖାଦେବା ପରେ ଗତିପଥରୁ ଏହା ଦୂରେଇଯାଇଥିଲା। ରକେଟକୁ ଆବଶ୍ୟକ ବେଗ ଦେବା ଲାଗି ତୃତୀୟ ପର୍ଯ୍ୟାୟର ଷ୍ଟ୍ରାପ୍-ଅନ୍ ମୋଟରଗୁଡ଼ିକ ଥ୍ରଷ୍ଟ ପ୍ରଦାନ କରୁଥିଲେ ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ମିଶନ ବିଫଳ ହେବାର କାରଣ ଜାଣିବା ପାଇଁ ସବିଶେଷ ଅନୁଧ୍ୟାନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ସାଟେଲାଇଟ୍‌ଗୁଡ଼ିକୁ ଯେଉଁ ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାପିତ କରିବାର ଥିଲା, ତାହା ହୋଇପାରିଲା ନାହିଁ। ସମସ୍ତ ୧୬ଟି ଯାକ ସାଟେଲାଇଟ୍ ମହାକାଶରେ ହଜିଗଲେ ବୋଲି ଇସ୍ରୋ ସୂତ୍ରରୁ କୁହାଯାଇଛି। ତୃତୀୟ ପର୍ଯ୍ୟାୟରେ ଏହା ପିଏସ୍‌ଏଲ୍‌ଭି



ମିଶନର କ୍ରମାଗତ ଦ୍ୱିତୀୟ ବିଫଳତା। ଗତ ମେ'ରେ ମୋଟର ପ୍ରେସର ସମସ୍ୟାକୁ ନେଇ ପିଏସ୍‌ଏଲ୍‌ଭି-ସି୬୧-ଇଓଏସ୍-୦୯ ସଫଳତା ହାସଲ କରିପାରି ନ ଥିଲା।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ | Bhubaneswar, Tuesday, January 13/2026 | ପୃଷ୍ଠା-୧




**ଟୋମାସ ଡୋମେନଙ୍କ ଡବଲ ଗୋଲ୍**

ହାଇଦ୍ରାବାଦ ତୁଫାନ ବିପକ୍ଷ ପୁରୁଷ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଏସ୍‌ଜି ପାଇପର୍ସର ଟୋମାସ ଡୋମେନ।

୧୦

୦୨

**ହନୁମାନ ଚାଳିଶା ପଢୁଛନ୍ତି ପରିଣୀତି**

ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଥିବା ଅଭିନେତ୍ରୀ ପରିଣୀତି ଚୋପ୍ରା ନିଜକୁ ଶାନ୍ତ ରଖିବା ପାଇଁ ସକାଳୁ ଉଠି ହନୁମାନ ଚାଳିଶା ପଢୁଥିବା କହିଛନ୍ତି।





କଟକ ସୂତାହାଟ ଖ୍ରୀଷ୍ଟିଆନ ସାହି ପୁଷ୍କରିଣୀ ମଧ୍ୟକୁ ଭାରସାମ୍ୟ ହରାଇ ଖସି ପଡ଼ିଥିବା ବିଦ୍ୟୁତ୍ ବିଭାଗର ଗାଡ଼ିକୁ ସୋମବାର ବାହାର କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

# ଫେବୃଆରୀ ୧ ରବିବାର କେନ୍ଦ୍ର ବଜେଟ

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଆଗାମୀ ଫେବୃଆରୀ ୧ ତାରିଖ ରବିବାରରେ ପାର୍ଲାମେଣ୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସାଧାରଣ ବଜେଟ ଉପସ୍ଥାପନ କରିବେ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ଘୋଷଣା କରିଛନ୍ତି। ରବିବାର ବଜେଟ ଉପସ୍ଥାପନ କରାଯିବା ଏହା ପ୍ରଥମ ଘଟଣା। ଏହା ସୀତାରାମନଙ୍କ ନବମ ବଜେଟ ଉପସ୍ଥାପନ ହେବ। ସର୍ବାଧିକ ୧୦ ଥର ବଜେଟ ଉପସ୍ଥାପନ କରିବା ରେକର୍ଡ ତତ୍କାଳୀନ ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନାମରେ ରହିଛି।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରେ ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ସଦସ୍ୟମାନଙ୍କୁ ଲୋକ ସଭା ଚାମ୍ବରରେ ଉଦ୍‌ବୋଧନ ଦେବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିପାରନ୍ତି। ବଜେଟ ଅଧିବେଶନର ଜାନୁଆରୀ ୨୮ରୁ ଆରମ୍ଭ ହୋଇ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପୂର୍ବରୁ କହିଥିଲେ। ଅଧିବେଶନର ପ୍ରଥମ ଭାଗ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ମାର୍ଚ୍ଚ ୩ରେ ଦ୍ୱିତୀୟ ଭାଗ ଆରମ୍ଭ ହେବ।

# ଆଜି ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

**ନୂଆଦିଲ୍ଲୀ,୧୨।୧**



**ୱାଶିଂଟନ ପାଇଁ ନୂଆଦିଲ୍ଲୀ ସବୁଠୁ ଜରୁରୀ: ଗୋର୍**

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଆଗାମୀ ଦିନରେ ୫୦୦ ପ୍ରତିଶତ ଟାରିଫ୍ ଲଗାଇବା ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଞ୍ଜୁରୀ ଦେଇଥିବାରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ପୁନର୍ବାର ସମ୍ପର୍କରେ ସୁଧାରଣ ଆଣିବା ପାଇଁ ୱାଶିଂଟନ ଚାହୁଁଥିବା ନୂଆଦିଲ୍ଲୀରେ ଆମେରିକାର ନବନିଯୁକ୍ତ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କୌଣସି ଦେଶ ଆମେରିକା ପାଇଁ ଭାରତ ଭଳି ଜରୁରୀ ନୁହେଁ। ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲାଗି ୨ ଦେଶ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି।

ଆମେରିକା ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ ହେବାକୁ ଥିବା ରଣନୀତିକ ମେଣ୍ଟ 'ପାକ୍ସ ସିଲିକା'କୁ ଭାରତକୁ ଆମନ୍ତ୍ରିତ ହୋଇଥିବା ଗୋର୍ ଘୋଷଣା କରିଛନ୍ତି। ଭାରତରେ କାର୍ଯ୍ୟ ଆରମ୍ଭ କରିବା ପରେ ଆମେରିକା ଦୂତାବାସରେ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ଗୋର୍ କହିଛନ୍ତି, କୂଟନୀତିକୁ ପୁନଃ ପରିଭାଷିତ କରିବାର ଏକ ସୁଯୋଗ ଜୀବନରେ ଥରେ ମିଳିଛି। ଭାରତ ସହ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସହଭାଗିତାକୁ ସମ୍ପୂର୍ଣ୍ଣ କରାଯାଇପାରିବ ବୋଲି ଗୋର୍ କହିଛନ୍ତି। ସେ କହିଛନ୍ତି, କୌଣସି ଅଂଶୀଦାର ଭାରତଠାରୁ ଅଧିକ ଜରୁରୀ ନୁହେଁ। ଏକ ମହତ୍ତ୍ୱାକାଂକ୍ଷୀ ଏଜେଣ୍ଡାକୁ ଅନୁସରଣ କରିବା ତାଙ୍କର ଲକ୍ଷ୍ୟ। ପ୍ରକୃତ ରଣନୈତିକ ସହଯୋଗୀ ଭାବେ ଆମେ ଏହା କରିବୁ ବୋଲି ଆମେରିକା ରାଷ୍ଟ୍ରଦୂତ କହିଛନ୍ତି।

ଟ୍ରମ୍ପ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବନ୍ଧୁତାକୁ ସେ ବାସ୍ତବ ବୋଲି କହିବା ସହ ଦୁଇଦେଶ ମଧ୍ୟରେ ରହିଥିବା ମତପାର୍ଥକ୍ୟ ଦୂର କରିବାରେ ଏହା ସହାୟକ ହେବ। ଭାରତ ଉପରେ ଟ୍ରମ୍ପ୍ ପ୍ରଥମେ ୨୫ ପ୍ରତିଶତ ଜବାବୀ ଟାରିଫ୍ ଲଗାଇଥିଲେ। ତେବେ ରୁଷିଆରୁ ଭାରତ ତେଲ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫ ପ୍ରତିଶତ ☞ପୃଷ୍ଠା-୨

# ଲେଉଟିଲା ଶୀତ, ୪ ଡିଗ୍ରୀ ଯାଏ ଖସିଲା ପାରଦ

**ଭୁବନେଶ୍ୱର,୧୨।୧(ବନ୍ଦନା ସେଠୀ)**

ଦିନକ ପରେ ପୁଣି ଲେଉଟିଛି ଶୀତ। ରାଜ୍ୟର ବିଭିନ୍ନ ସହରରେ ପାରଦ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଆଗାମୀ ଦିନରେ ତାପମାତ୍ରା ଆହୁରି ନିମ୍ନଗାମୀ ହେବ। ଫଳରେ ଶୀତ ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। କେନ୍ଦ୍ରର ସୂଚନାନୁସାରେ, ଆଗାମୀ ୩ଦିନ ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ବିଭିନ୍ନ ଜିଲାକୁ ସତର୍କ କରାଯାଇଛି। ମଙ୍ଗଳବାର ଓ ବୁଧବାର ଝାରସୁଗୁଡା, ଅନୁଗୋଳ ଏବଂ ବୌଦ୍ଧ ଜିଲାକୁ ଥଣ୍ଡା ପାଇଁ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡା, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାକୁ ଆଲର୍ଟ ଜାରି ହୋଇଛି।

ବିଭାଗର ତଥ୍ୟ ଅନୁଯାୟୀ, ରବିବାର ଦାରିଙ୍ଗବାଡିରେ ସର୍ବନିମ୍ନ ରାତି ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ୧୦ ଡିଗ୍ରୀ ତଳେ ୬ ସହର ରହିଥିଲା। ହେଲେ ଗତ ୨୪ ଘଣ୍ଟାରେ ୧୦ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲାବେଳେ ☞ପୃଷ୍ଠା-୨

# ପ୍ରଶ୍ନପତ୍ର ଲିକ୍ ରୋକିବ ଏଆଇ କ୍ୟାମେରା

**ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)**

## ଯୁକ୍ତ୨ ପରୀକ୍ଷା: ଫର୍ମପୂରଣ କରିଛନ୍ତି ୪,୦୧,୬୨୩ ଛାତ୍ରୀଛାତ୍ର

ଯୁକ୍ତ୨ ପରୀକ୍ଷାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସବୁ ସ୍ତରରୁ ପ୍ରୟାସ ଚାଲିଛି। ଇତିମଧ୍ୟରେ ଗତ ୨ ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଫେବୃଆରୀ ୧୮ରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକର ଥିଓରି ଆରମ୍ଭ ହେବ ଓ ଏହା ୨୨ଦିନ ଧରି ଚାଲିବ। ଫେବୃଆରୀ ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ତେବେ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏଆଇ କ୍ୟାମେରା ବ୍ୟବହାର କରିବ ବୋଲି ପରିଷଦ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୧୧ ହବ୍‌ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ୍ୟାମେରା ସ୍ଥାପନ କରିବ। ଏଥିପାଇଁ କଲେଜ ଇଣ୍ଟରନେଟ୍ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏଆଇ କ୍ୟାମେରାରେ ୧୨୮ ଜିବି ମେମୋରୀ କାର୍ଡ ଲଗାଯିବ। ଏଥିପାଇଁ ପାୱାର ବ୍ୟାକ୍‌ଅପ୍ ଦିଆଯିବ। ଫେବୃଆରୀ ୯ ସୁଦ୍ଧା ସବୁ ହବ୍‌ରେ ଲଗାଯିବ। ଅନ୍ୟପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପ୍ରଥମ ଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାକୁ ଏହି କଣ୍ଟ୍ରୋଲ ରୁମରୁ ମନିଟର କରାଯାଇଛି। ପୂର୍ବରୁ କେବଳ ଥିଓରି ପରୀକ୍ଷାକୁ କଣ୍ଟ୍ରୋଲ ରୁମ୍‌ରୁ ମନିଟର କରାଯାଉଥିଲା। ଏହାଦ୍ୱାରା ପିଲାମାନଙ୍କ ସମେତ ଏକ୍ସଟରନାଲମାନଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖାଯାଉଛି।

ପରିଷଦର ସୂଚନାନୁସାରେ, ୨୦୨୫-୨୬ ଶିକ୍ଷାବର୍ଷ ଯୁକ୍ତ୨ ପରୀକ୍ଷା ପାଇଁ ୪,୦୧,୬୨୩ ଛାତ୍ରୀଛାତ୍ର ଫର୍ମପୂରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩,୭୬,୫୩୫ ଜଣ ରେଗୁଲାର ଏବଂ ୨୫,୦୮୮ ଏକ୍ସରେଗୁଲାର ପିଲା ରହିଛନ୍ତି। କଳା ବିଭାଗରେ ୨୫୬୭୦୭ ପିଲା ଫର୍ମପୂରଣ କରିଥିବାବେଳେ ୨୪୧୬୨୨ଜଣ ରେଗୁଲାର ଏବଂ ୧୫୦୮୫ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ବାଣିଜ୍ୟ ବିଭାଗରେ ୨୪,୬୨୧ ଜଣଙ୍କ ମଧ୍ୟରୁ ୨୩,୧୦୨ ରେଗୁଲାର ଏବଂ ୧,୫୧୯ ଏକ୍ସ ରେଗୁଲାର, ବିଜ୍ଞାନ ବିଭାଗରେ ଫର୍ମପୂରଣ କରିଥିବା ୧୧୪୩୬୩ ଜଣଙ୍କ ମଧ୍ୟରୁ ୧୦୬୬୪୭ ରେଗୁଲାର ଏବଂ ୭,୭୧୬ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ସେହିପରି ଧନ୍ଦାମୂଳକରେ ୫,୯୩୨ଜଣ ପଞ୍ଜୀକରଣ କରିଥିବାବେଳେ ୫୧୬୪ ରେଗୁଲାର ଏବଂ ୭୬୮ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ତେବେ ପରୀକ୍ଷା ସରିବାର ୪୦ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

# ସଡ଼କ ସୁରକ୍ଷାରେ ସହାୟକ ହେବ ୬ 'ଇ': ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)**

- ଘାଟି ରାସ୍ତାରେ ଗାଡ଼ିଚାଳକଙ୍କୁ ସତର୍କ କରାଇବ ସାଇରନ୍
- ଭୁବନେଶ୍ୱରରେ ୧୫ ଚାର୍ଜିଂ ଷ୍ଟେଶନର ଲୋକାର୍ପଣ

ସଡ଼କ ସୁରକ୍ଷା ପାଇଁ ପୂର୍ବରୁ ୪ଟି 'ଇ' ପାଳନ କରିବା ଉପରେ ସରକାର ଗୁରୁତ୍ୱ ଦେଉଥିଲେ। ସେଗୁଡ଼ିକ ହେଲା ଏଜୁକେଶନ, ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ ଓ ଏମର୍ଜେନ୍ସି। ଏବେ ଏଥିରେ ଆଉ ୨ 'ଇ'କୁ ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଥିଲେ। ସେହି ଦୁଇଟି ହେଉଛି ଏନଭାୟରନମେଣ୍ଟ ଓ ଇଭାଲ୍ୟୁଏଶନ। ଯାନବାହନର ପ୍ରଦୂଷଣ ନିୟମକୁ ଠିକ୍ ଭାବେ ପାଳନ କରିବା ସହିତ ସଡ଼କ ସୁରକ୍ଷାର ଯେଉଁ ନିୟମଗୁଡ଼ିକ ଅଛି, ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟନ କରିବା ଜରୁରୀ। ଏହି ମୂଲ୍ୟାୟନକୁ ଭିତ୍ତିକରି ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଛନ୍ତି।

ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ସୋମବାର ଆୟୋଜିତ ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ରାଜ୍ୟର ସଡ଼କ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଆଜି ଏକ ଐତିହାସିକ ଦିନ। ସାରା ରାଜ୍ୟରେ ଏବେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଏବେଠାରୁ ସଡ଼କ ସୁରକ୍ଷାକୁ ସୁଶାସନର ଅଂଶ ଭାବେ ଗ୍ରହଣ କରାଗଲା। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ। ଏହି ଅବସରରେ 'ମୁଖ୍ୟମନ୍ତ୍ରୀ ସଡ଼କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଇତିହାସର ପ୍ରତିଶୋଧ ବୋକାମି**


**SIKSHA 'O' ANUSANDHAN**

**SAAT-2026**

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ରାଉରକେଲାକୁ ଉଡ଼ିବ ୭୨ ଆସନ ବିଶିଷ୍ଟ ବିମାନ: ପରିବହନ ମନ୍ତ୍ରୀ

**ରାଉରକେଲା,୧୨।୧(ସଙ୍ଗୀତା ଜେନା)**

ରାଉରକେଲା ଜଲଦା ଫାଣ୍ଡି ଗଡ଼ିଆଟୋଲା ଓ ବନଟୋଲା ମଧ୍ୟବର୍ତ୍ତୀ ଅଞ୍ଚଳରେ ଗତ ଶନିବାର ଅପରାହ୍ନ ସାଢ଼େ ୧ଟାରେ ହୋଇଥିବା ବିମାନ ଦୁର୍ଘଟଣାର ତଦନ୍ତ ରବିବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ସକାଳ ୬ଟାରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦୁର୍ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଲେ, ସମସ୍ତ ଆହତ ସୁରକ୍ଷିତ ଅଛନ୍ତି। ଈଶ୍ୱରଙ୍କ କୃପାରୁ କୌଣସି ଜୀବନହାନି ହୋଇନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ସହଯୋଗ



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।

କେବେ ଭୁଲି ହେବନାହିଁ। ସାହସୀ ଗ୍ରାମବାସୀଙ୍କୁ ସମ୍ମାନିତ କରାଯିବ। ଦୁର୍ଘଟଣାର କାରଣ ବିଷୟରେ ଅନୁଧ୍ୟାନ କରାଯାଉଛି। ଭବିଷ୍ୟତରେ ସୁରକ୍ଷିତ ଉଡାଣ ସୁନିଶ୍ଚିତ କରାଯିବ। ସମ୍ପ୍ରତି ୯ ଆସନ ବିଶିଷ୍ଟ ବିମାନ ଚଳାଚଳ କରୁଛି। ଖୁବ୍‌ଶୀଘ୍ର ବିମାନବନ୍ଦର ଜମି ସମସ୍ୟା ଦୂର ହେବାକୁ ଯାଉଛି। ବର୍ତ୍ତମାନ ସେଲ୍ ପରିଚାଳିତ ବିମାନବନ୍ଦରକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉଛି। ଖୁବ୍‌ଶୀଘ୍ର ପୁଣି ୭୨ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ପରେ ସେ ଜେପି ହସ୍ପିଟାଲ ଯାଇ ଆହତ ଓ ସେମାନଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହି ସମୟରେ ଜିଲାପାଳ ଶୁଭଙ୍କର ମହାପାତ୍ର, ଏଡିଏମ୍ ଦୀନା ଦସ୍ତଗୀର, ଭାଜପା ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେର୍‌କେଟା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଇଣ୍ଡିଆ ୱାନ ଏୟାର ପ୍ରମୋଟର ଶୈଶବ ଆର୍. ଶାହା ମଧ୍ୟ ଆହତଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ସୋମବାର ଅପରାହ୍ନ ୧ଟାରେ ☞ପୃଷ୍ଠା-୨

## ବୃଦ୍ଧାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା

ଉଦଳା,୧୨।୧(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର ମାହାଲୀସାହି ଗ୍ରାମରେ ସୋମବାର ଜଣେ ୭୫ ବର୍ଷର ବୃଦ୍ଧାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପୋଲିସ ଅଭିଯୁକ୍ତ ରଘୁ ହେମ୍ବ୍ରମଙ୍କୁ ଗିରଫ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବୃଦ୍ଧାଜଣଙ୍କ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ପଡ଼ୋଶୀ ରଘୁ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ପରେ ଏକ ପଥରରେ ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ୟୁନିଟ୍ ୪, ସମୟ: ସକାଳ ୮ଟା ୩୦।
- ଏକମ୍ ଇଣ୍ଟରନ୍ୟାଶନାଲ୍ କ୍ଲାସିକ୍ ସୋଲୋ ଡ୍ୟାନ୍ସ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବରିଷ୍ଠ ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ: ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଲଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ, ସ୍ଥାନ: ଗଣ୍ଡିବେଢ଼ ହାଇସ୍କୁଲ ପଡିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ, ସ୍ଥାନ: ଲିଫ୍ଟ ଇରିଗେଶନ୍ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମ୍ଶ୍ରୀ ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ବିଦ୍ୟାଳୟ ପରିସର, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଭଜନ ଶ୍ରୀକ୍ଷେତ୍ରର ବାର୍ଷିକ ଉତ୍ସବ, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ପଡୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଅଲ୍ ଇଣ୍ଡିଆ ନ୍ୟାଶନାଲ ଟ୍ରେକିଂ କ୍ୟାମ୍ପର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଆସ ସ୍କୁଲ ଯିବା ଅଭିଯାନ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ନରେନ୍ଦ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମୋତିଆବିନ୍ଦୁ ପରୀକ୍ଷା ଶିବିର, ସ୍ଥାନ: ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ଶ୍ରୀ ଉତ୍ସବ ଓ ପାଭିଲିୟନ ଉଦ୍‌ଘାଟନ, ସ୍ଥାନ: ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଦୋଳମଣ୍ଡପ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନିଳୋକ ହାଇସ୍କୁଲ, ବନ୍ତ, ସମୟ: ଅପରାହ୍ନ ୨ଟା।
- ସ୍ୱର୍ଣ୍ଣ ଧନୁଷ ପରିକ୍ରମା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୦ ଟା ୩୦।

**ମୟୂରଭଞ୍ଜ**
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ,ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ,ସ୍ଥାନ:ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ,ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଆଧ୍ୟାତ୍ମିକ ସମ୍ମେଳନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସକାଳ ୬ଟା।
- ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ମା' କାଳୁଆ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ, ଶାସ୍ତ୍ରୀ ନଗର, ଗୋଷାଣିନୂଆଗାଁ, ସମୟ: ରାତି ୮ଟା।

**କନ୍ଧମାଳ**
- ପିଏମ୍ଶ୍ରୀ ଉତ୍ସବ, ସ୍ଥାନ: ଭ୍ରମରବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଗଜପତି**
- ସ୍ୱତନ୍ତ୍ର ଜାତୀୟ ସେବା ଶିବିର, ସ୍ଥାନ: ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟ ପରିସର,ସମୟ: ସକାଳ ୭ଟା ୩୦।

**ଢେଙ୍କାନାଳ**
- ନିଯୁକ୍ତି ମେଳା ୨୦୨୫-୨୬, ସ୍ଥାନ: ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟ ଖେଳପଡ଼ିଆ, ଢେଙ୍କାନାଳ, ସମୟ: ସକାଳ ୯ଟା।

**ଅନୁଗୋଳ**
- ବିଦ୍ୟାଳୟସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଆଠମଲ୍ଲିକ ପିଏମ୍ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍ଶ୍ରୀ ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଆଠମଲ୍ଲିକ ପିଏମ୍ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

**ଜଗତସିଂହପୁର**
- ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଜନ୍ମଦିନ ଉପଲକ୍ଷେ ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିନୀ, ରଙ୍ଗିଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସବୁଜ ବାହିନୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଛାତ୍ରୀଛାତ୍ରଙ୍କୁ ନେଇ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍ଏସି ବାଳିକା ବିଦ୍ୟାଳୟ, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିଅର ଲିଗ୍, ସ୍ଥାନ:ଏମ୍ଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜମ୍ବିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।

**ଯାଜପୁର**
- ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିରେ ଗୁରୁ ପଦ୍ମ ସମ୍ଭବ ସମାବେଶ ୩ୟ ଦିବସ, ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ପ୍ରାର୍ଥନା ସଭା, ସ୍ଥାନ: ଉଦୟଗିରି ବୌଦ୍ଧ ପୀଠ, ଯାଜପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍। ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଓଲାଶୁଣୀ ପୀଠରେ କେଶ ଯାତ୍ରା, ଲଳିତଗିରିଠାରୁ ବାହାରି ଓଲାଶୁଣୀ ପାହାଡ଼ରେ ପହଞ୍ଚିବ, ସ୍ଥାନ: ଓଲାଶୁଣୀ ପୀଠ, ବଡ଼ଚଣା ବ୍ଲକ, ଯାଜପୁର, ସମୟ: ସନ୍ଧ୍ୟା ୬ ଟା।
- ବଡ଼ଚଣା ମହୋତ୍ସବର ଉଦ୍‌ଯାପନୀ ସମାରୋହ, ଓଲିଉଡ ଗାୟିକା ଲିପସା ମହାପାତ୍ରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ରାମ ଚରିତ ମାନସ ପାରାୟଣର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ ଭଳି କାର୍ଯ୍ୟକ୍ରମର ଅୟମାରମ୍ଭ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସକାଳ ୭ରୁ ରାତ୍ର ୧୦ଟା।
- ଭୂଆଁଶୀ ମକରଯାତ୍ରାର ୪ର୍ଥ ଦିବସ, ସ୍ଥାନ: ସୋଲପଟାର ମା' ଭୂଆଁଶୀଙ୍କ ପୀଠ, ସମୟ: ସକାଳ ୮ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ , ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟ ମ୍ୟାଚରେ ବ୍ରହ୍ମପୁରା ବନାମ ଖଳିସାହି, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ପ୍ରିୟଜନଙ୍କୁ ଚିଠି ଟିଏ ଏକକ ଅଭିନୟ ପ୍ରତିଯୋଗିତା, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ଅପରାହ୍ନ ୨ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ସନ୍ଧ୍ୟା ଅଧିବେଶନରେ ସଭା, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ଅପରାହ୍ନ ୫ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସରେ ମ୍ୟାଚ ତାର୍ଜନ କ୍ଲବ କଟକ ବନାମ ସାନ୍ କ୍ଲବ ଭୁବନେଶ୍ୱର, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତିମେଳାର ୨ୟ ଦିବସ, ସ୍ଥାନ: ନୟାଗଡ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ସାଂସ୍କୃତିକ ଆସର ଓ ଐତିହାସିକ ନାଟକ, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ସନ୍ଧ୍ୟା ୭ଟା।
- ନବାଙ୍କ ବେଢ଼ା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଭୋଗି ପାଳନ, ସ୍ଥାନ: ଟିକିରି, ସମୟ: ରାତି ୧୨ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୁଢ଼ାରାଜା ଚାଉଁରିଆ ଚଟା ମହୋତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଟା ଗ୍ରାମ, ସମୟ: ଅପରାହ୍ନ ୩ଟା।

**କୋରାପୁଟ**
- ଇଣ୍ଟର କଲେଜ ଟେପିନ ହିଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋଟପାଡ଼ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ଶ୍ରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଏମଶ୍ରୀ ଉତ୍ସବ, ସ୍ଥାନ: ବ୍ଲକ କଲୋନୀ ବିଦ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ହନୁମାନ ଚାଳିଶା ପଢୁଛନ୍ତି ପରିଣୀତି


ପରିଣୀତି ଚୋପ୍ରା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ସେ ଏବେ ତାଙ୍କ ପ୍ରସବ ପରେ ଜୀବନ ବିଷୟରେ ମୁହଁ ଖୋଲିଛନ୍ତି। ପ୍ରସବର ଦୁଇ ମାସ ପରେ ସେ ଧୀରେ ଧୀରେ ସାଧାରଣ ଜୀବନକୁ ଫେରୁଛନ୍ତି। ପ୍ରସବ ପରେ ସେ କିପରି ନିଜକୁ ଶାନ୍ତ ରଖିଛନ୍ତି ତାହା ଶେୟାର କରିଛନ୍ତି।

ପରିଣୀତିଙ୍କ ମତରେ, ମାନସିକ ସ୍ୱାସ୍ଥ୍ୟ ଏବଂ ଧ୍ୟାନ ବର୍ତ୍ତମାନ ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସକାରାତ୍ମକ ଚିନ୍ତାଧାରା ମଧ୍ୟ ଶରୀରକୁ ଶକ୍ତିଶାଳୀ ରଖେ। ଯଦି ମନ ସକାରାତ୍ମକ, ତେବେ ଶରୀର ଏହା ଅନୁସରଣ କରେ। ଅଧିକାଂଶ ଲୋକ ସେମାନଙ୍କ ସକାଳ ସେମାନଙ୍କର ଫୋନ୍ ଯାଞ୍ଚ କରି ଆରମ୍ଭ କରନ୍ତି, କିନ୍ତୁ ଏହା କ୍ଷତିକାରକ ବୋଲି ଭାବନ୍ତି ପରିଣୀତି। ସେ କୁହନ୍ତି, ସବୁଠାରୁ ଖରାପ ଅଭ୍ୟାସ ହେଉଛି ଉଠିବା ମାତ୍ରେ ଫୋନ୍ ସ୍କ୍ରଲ୍ କରିବା। ଏହା ମନକୁ ପ୍ରାୟ ଅସ୍ୱସ୍ଥ କରିଦିଏ ଏବଂ ସମ୍ପୂର୍ଣ୍ଣ ଦିନକୁ ନଷ୍ଟ କରିପାରେ। ତେଣୁ ଉଠିବା ପରେ ମୁଁ ଫୋନ୍ ଛୁଏଁ ନାହିଁ। ଏହା ବଦଳରେ ମୁଁ ନିଜକୁ କିଛି ଶାନ୍ତ ସମୟ ଦିଏ। ମୁଁ ମନ୍ତ୍ର ଜପ କରେ। ଉଠିବା ମାତ୍ରେ ହନୁମାନ ଚାଳିଶା ପଢ଼େ। ଏହାସହ ଗୋଟିଏ ଘଣ୍ଟା ପାଇଁ ଏକାନ୍ତରେ ବସିବା, ସଙ୍ଗୀତ ଶୁଣିବା, ପ୍ରକୃତିକୁ ଉପଭୋଗ କରିବା ମନକୁ ଶାନ୍ତ ରହିବାରେ ସାହାଯ୍ୟ କରେ।

ପ୍ରଥମ ପୃଷ୍ଠାରୁ...

## ବିଧାନସଭା ଆସନ...

ଘୋଷଣା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ନରସିଂହ କହିଛନ୍ତି, ୫୦ବର୍ଷ ପୂର୍ବରୁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବଢ଼ିଥିଲା। ଏବେ ଏହି ସଂଖ୍ୟା ବଢ଼ିବାର ଆବଶ୍ୟକତା ରହିଛି। ଯଦି ବାସ୍ତବରେ ଏହା ହୁଏ, ରାଜ୍ୟବାସୀଙ୍କ ପାଇଁ ଫଳପ୍ରଦ ହେବ। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ରାଜ୍ୟରେ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଘର ଗଣନା ହେବ ବୋଲି ନିକଟରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ କହିଛନ୍ତି। ଏହାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚ ଶେଷ ବେଳକୁ ଜଣାପଡ଼ିବ। ରାଜ୍ୟରେ ଜନସଂଖ୍ୟା ଆଧାରରେ କେତେ ଆସନ ବଢ଼ିବ ତାହାକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଧାରଣ କରାଯିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଲୋକଦେଖାଣିଆ। ବିଜେଡି ସରକାର ସମୟରେ ଲୋକସେବା ଭବନର ଅଧିକ କୋଠା ନିର୍ମାଣ କରିବା ଲାଗି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସ୍ଥାନ ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯଦି ଏହାକୁ ଦେଖି କହୁଥିବେ, ତେବେ ସେଥିରେ କିଛି କହିବାର ନାହିଁ ବୋଲି ପ୍ରତାପ ଦେବ କହିଛନ୍ତି। ସେହିପରି ବିଜେଡିର ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ରାଜ୍ୟରେ ଧାନମଣ୍ଡିଗୁଡ଼ିକରେ ଧାନ ପଡ଼ିଛି ଯେ, ଚାଷୀ କାନ୍ଦୁଛନ୍ତି। ଯଦି ସ୍ଥିତି ଏହିପରି ବଜାୟ ରୁହେ ତେବେ ଚାଷୀ ଆତ୍ମହତ୍ୟା କରିବାକୁ ବାଧହେବେ। ଅନ୍ୟପକ୍ଷରେ ରାଜ୍ୟରେ ଏପର୍ଯ୍ୟନ୍ତ ଜନଗଣନା ଆରମ୍ଭ ହୋଇନାହିଁ। ଚଳିତବର୍ଷ ଏପ୍ରିଲରୁ ଘରଗଣନା ହେବାକୁରହିଛି। ଜନଗଣନା ପରେ ସରକାର ସୀମା ପୁନଃନିର୍ଦ୍ଧାରଣ କରିବେ। ଏହାପରେ କେତେ ଆସନ ବଢ଼ିବ କୁହାଯାଇପାରେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ କପୋଳକଳ୍ପିତ ଛଡ଼ା ଆଉ କିଛି ନୁହେଁ। ମୁଖ୍ୟମନ୍ତ୍ରୀ ଯେଉଁ ଲୋକସେବା ଭବନ ଏବଂ ବିଧାନସଭାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏଥିପାଇଁ ଟଙ୍କା ବରାଦ କରାଯାଇଛି ନା କେବଳ ଅଟକଳରେ ରହିଛି ବୋଲି ଅଶୋକ ପଣ୍ଡା ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା ପ୍ରଶାସନ ଗତିଶୀଳ ହେବା ସହିତ ଲୋକଙ୍କୁ ତ୍ୱରିତ୍ ନ୍ୟାୟ ମିଳିବ। ଘୋଷଣା ଅନୁଯାୟୀ ସରକାର କାର୍ଯ୍ୟ କଲେ ଆଗାମୀ ଦିନରେ ଭାଜପା ଅଧିକ ଲୋକାଦୃତ ହୋଇପାରିବ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇତିପିତା ଇତିପିତା**
**ଦେଲା ମାଉସୀ ନଳିତା ପିତା**
**ନଳିତା ଶାଗ ପିତା ଲାଗେ**
**କିନ୍ତୁ ଏହା ଖିଆଯାଏ ।**

ସାଧାରଣତଃ ନଳିତା ଶାଗ ପାଟିକୁ ପିତା ଲାଗିଥାଏ। ତେବେ ଏହା ପିତା ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ହୋଇଥିବା ଦୃଷ୍ଟିରୁ ଏହାକୁ ଖାଇବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

**ଇଆଡ଼େ ପାଣି, ସିଆଡ଼େ ପାଣି**
**କେମିତି ଯିବି ନ ପାରେ ଜାଣି ।**

ଇଆଡ଼େ ପାଣି ସିଆଡ଼େ ପାଣି ଭଳି ଦୁଇପଟରେ ଅସୁବିଧା ଦେଖାଦେଲେ ମଣିଷ ହରଡ଼ଘଣାରେ ପଡ଼ିଯାଏ। ଏପରି ସ୍ଥଳେ କେଉଁଟା କରିବ କେଉଁଟା ନ କରିବ ଏନେଇ ଦ୍ୱନ୍ଦ୍ୱ ଉପୁଜିଥାଏ। କେଉଁ କୂଳରେ ନ ହେବାର ସ୍ଥିତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ସୋମବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଗୋଟିଏ କ୍ୟାମ୍ପସରେ...

ଆସନ ସଂଖ୍ୟା ବଢ଼ିବ। ତେଣୁ ଅତ୍ୟାଧୁନିକ ଲୋକସେବା ଭବନ ଏବଂ ବିଧାନସଭା କ୍ୟାମ୍ପସର ଆବଶ୍ୟକତା ରହିଛି। ଏହି ନୂତନ ପ୍ରକଳ୍ପ ପାଇଁ ୩୬୨୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ବିଧାନସଭାର ପରିକଳ୍ପିତ ରୂପ ଥ୍ରିଡି ମାଧ୍ୟମରେ ଆଗକୁ ଅଣାଯାଇଛି।

ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗର ୬୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୭୧ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରର ଯେପରି କାୟାକଳ୍ପ ହେବ, ତାକୁ ଦୃଷ୍ଟିରେ ରଖି ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପର ପରିକଳ୍ପିତ ରୂପ ମଧ୍ୟ ବିଭାଗ ପକ୍ଷରୁ ଦେଖାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏଓଭର ନିର୍ମାଣ କରାଯିବ। ଏହାଦ୍ୱାରା ରାଜ୍ୟର ଏକ ଜନଗହଳିପୂର୍ଣ୍ଣ ସଡ଼କରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯାତାୟାତ କରିପାରିବେ। ଏଥିମଧ୍ୟରୁ ପ୍ରାୟ ୫୬୩୦ କୋଟି ଟଙ୍କା ବିନିଯୋଗରେ ୩୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ପ୍ରାୟ ୧୦୭୦ କୋଟି ଟଙ୍କା ବିନିଯୋଗରେ ୩୨ଟି ପ୍ରକଳ୍ପର ଲୋକାର୍ପିତ ହୋଇଛି। ସଡ଼କ ଭିତ୍ତିଭୂମି ଓ ସଡ଼କ ସୁରକ୍ଷା କ୍ଷେତ୍ରରେ ଏହି ଯୁଗାନ୍ତକାରୀ ପଦକ୍ଷେପଗୁଡ଼ିକ ବିକାଶରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜି ଭାରତ-ଆମେରିକା...

ଦଣ୍ଡାତ୍ମକ ଶୁଳ୍କ ଲଗାଇବାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଏଥିସହିତ ନିକଟ ଅତୀତରେ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ଭାରତ-ଆମେରିକା ସମ୍ପର୍କ ତିକ୍ତ ହୋଇଛି। ଦୁଇ ଦେଶର ସମ୍ପର୍କ କେବଳ ମିଳିତ ସ୍ୱାର୍ଥରେ ସୀମିତ ନୁହେଁ ବରଂ ସର୍ବୋଚ୍ଚ ସ୍ତରର। ପ୍ରକୃତ ବନ୍ଧୁତ୍ୱରେ ମତଭେଦ ଥାଇପାରେ କିନ୍ତୁ ଶେଷରେ ସବୁବେଳେ ତାହାର ସମାଧାନ ହୋଇଥାଏ ବୋଲି ଗୋର୍ କହିଛନ୍ତି। ୱାଶିଂଟନ ଖୁବ୍‌ଶୀଘ୍ର ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଚାହୁଁ ନ ଥିବା ଏହାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ କହିଥିବାବେଳେ ଚୁକ୍ତି ସ୍ୱାକ୍ଷର ନେଇ ସକ୍ରିୟତାର ସହ କାର୍ଯ୍ୟ ଚାଲିଥିବା ଗୋର୍ କହିଛନ୍ତି। ୨ ଦେଶର ସମ୍ପର୍କ ପାଇଁ ବାଣିଜ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସୁରକ୍ଷା, ଆତଙ୍କବାଦୀ ନିରୋଧୀ ଅଭିଯାନ, ଶକ୍ତି, ପ୍ରଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ, ଆମେରିକା ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଗୋର୍ କହିଛନ୍ତି।

## ସଡ଼କ ସୁରକ୍ଷାରେ...

ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା କରାଯାଇଛି। କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଉଦ୍‌ଘାଟନ କରିଛନ୍ତି। ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ଏଣିକି ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହାର ସଫଳତାକୁ ଦେଖି ଅନ୍ୟାନ୍ୟ ଘାଟି ରାସ୍ତାରେ ତାହା ଆରମ୍ଭ କରାଯିବ। କଟକ, ଭୁବନେଶ୍ୱରର ଟ୍ୱିନ୍‌ସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡଗପୁର ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଥିଲା। ଆଇଆଇଟିର ରିପୋର୍ଟ ପରେ ଏହି ଆଧାରରେ ଦୁଇ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଂ ଷ୍ଟେଶନର ମଧ୍ୟ ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେଶନର ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଆଉ ୮୫ଟି ଚାର୍ଜିଂ ଷ୍ଟେଶନ ନିର୍ମାଣାଧୀନ ଅଛି, ଏଗୁଡ଼ିକ ଖୁବ୍‌ଶୀଘ୍ର ଲୋକାର୍ପିତ ହେବ। ଆଗାମୀ ଦିନରେ ଆହୁରି ଅଧିକ ଚାର୍ଜିଂ ଷ୍ଟେଶନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୧୪ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ୧୦ ଜିଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ସବୁ ଜିଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକାରେ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ। ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି। ନିଗମର ପୁରୁଣା ବସ୍ ବଦଳରେ ଏହିସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ୍ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚାଳିତ ବସ୍‌ଗୁଡ଼ିକ ପାଇଁ ସ୍ମାର୍ଟ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଡ ବ୍ୟବହାର କରି ଯାତ୍ରୀମାନେ କ୍ୟାଶଲେସ୍ ଟିକେଟ୍ କାଟି ସୁବିଧାରେ ଯାତ୍ରା କରିପାରିବେ।

ଏହି ଅବସରରେ ବ୍ରହ୍ମପୁରଠାରେ କୁଟ ପକ୍ଷରୁ ନିର୍ମିତ ହୋଇଥିବା ଏକ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମସ୍ତଙ୍କୁ ସୁରକ୍ଷିତ ଯାନ ଚାଳନା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଡ୍ରାଇଭ୍ ସେଫ୍, କମ୍ ହୋମ୍ ସେଫ୍। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ ଜଣ ମହିଳା ଗାଡ଼ି ଚାଳକଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଏସ୍ଆର୍‌ଟିସି ସିଏମ୍‌ଡି ଏନ୍‌ବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଲେଉଟିଲା ଶୀତ...

ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ୬.୭ ଡିଗ୍ରୀ, ଫୁଲବାଣୀ ୬.୮, ଝାରସୁଗୁଡା ୭, ଦାରିଙ୍ଗବାଡି ୭, କିରେଇ ୮.୮, ସୁନ୍ଦରଗଡ଼ ୯, ନବରଙ୍ଗପୁର ୯, ଅନୁଗୋଳ ୯.୬ ଏବଂ ବୌଦ୍ଧରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ରାଉରକେଲାକୁ ଉଡ଼ିବ...

ଶାହା ବିମାନ ଯୋଗେ ରାଉରକେଲାରେ ପହଞ୍ଚିବା ପରେ ପ୍ରଥମେ ଜେପି ହସ୍ପିଟାଲ ଯାଇ ସେଠାରେ ଆହତ ପାଇଲଟ, ସହଯୋଗୀ ଏବଂ ଯାତ୍ରୀମାନଙ୍କୁ ଭେଟିଥିଲେ। ପରେ ସେ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ଏହି ଅବସରରେ ଶାହା କହିଥିଲେ, ଉଡ଼ାନ୍ ସ୍କିମ୍‌ରେ ଏହି ଏୟାରକ୍ରାଫ୍ଟ ପୁଣି ଚାଲିବ। ଆଗାମୀ ଦିନରେ ବଡ଼ ବିମାନ ଚାଲିବ ବୋଲି ସେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ଭୁବନେଶ୍ୱରରୁ ରାଉରକେଲା ଉଡ଼ାଣ ସମୟରେ ବିମାନଟି ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦିଲ୍ଲୀର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ୬ ଜଣିଆ ଦଳ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ୪ ଜଣିଆ ଦଳ ରାଉରକେଲାରେ ପହଞ୍ଚି ରବିବାର ତଦନ୍ତ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ବୃଥା ବିବାଦ, କଥା କଟାକଟି, ଟଣାଓଟରା ମଧ୍ୟରେ ଠିକ୍ ନିଷ୍ପତ୍ତିରେ ଉପନୀତ ହୋଇପାରିବେ ନାହିଁ। କିନ୍ତୁ ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିପାରିବେ। ଅର୍ଥ ସଙ୍କଟକୁ ବନ୍ଧୁ ସୁଧାରିନେବେ, କିନ୍ତୁ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ**
ବୁଧଙ୍କ ସ୍ଥିତିଜନିତ ଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଯାତ୍ରାକାଳରେ ଅପରିଚିତାଙ୍କ ସହ ମିତ୍ରତା କରିବାକୁ ଯାଇ ଅସୁବିଧାରେ ପଡ଼ିପାରନ୍ତି। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତାରେ ଉଦ୍‌ବେଗ ବଢ଼ିପାରେ। ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ଭାଇନ୍‌ଭଉଣୀଙ୍କ ମତାନ୍ତରର ଆଶଙ୍କା ରହିଛି।

**ମିଥୁନ**
ଷଷ୍ଠାଧିପ ମଙ୍ଗଳ ସପ୍ତମସ୍ଥ ଯୋଗୁ ପରିବାରରେ ବିତର୍କ ସାଙ୍ଗକୁ ଯାତ୍ରା, ବାଣିଜ୍ୟ ବାଧାପ୍ରାପ୍ତ ହୋଇପାରେ। ଶିକ୍ଷା,ପରୀକ୍ଷା,ନୂତନ ବନ୍ଧୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବା ଆଶା ରହିଛି। ବନ୍ଧୁଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ , କିନ୍ତୁ କହିସାରିବା ପରେ ମନସ୍ତାପ କରିବେ।

**କର୍କଟ**
ରାଶ୍ୟାଧିପ ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଶନି କ୍ଷେତ୍ରସ୍ଥ ଶୁକ୍ର ଯୋଗୁ ଭଲ ଚିନ୍ତାକଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। କିନ୍ତୁ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରେ ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପରିବାର, ଯାତ୍ରା, ବନ୍ଧୁସମ୍ପର୍କ ଏବଂ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଅବିସ୍ମରଣୀୟ ରହିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପଶ୍ଚାତେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ସାହିତ୍ୟ, ଗବେଷଣା, କ୍ରୀଡ଼ା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**କନ୍ୟା**
ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁମିଳନ ଏବଂ କର୍ମାରମ୍ଭ ପାଇଁ ଆନୁଷଙ୍ଗିକ ଆବଶ୍ୟକତା ପାଇପାରିବେ। ସହକର୍ମୀ ସହଯୋଗର ହାତ ବଢ଼ାଇପାରନ୍ତି। ପାରିବାରିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଚିନ୍ତାକରିବେ। ମାଙ୍ଗଳିକ କାର୍ଯ୍ୟ, ନୂତନ ବାଣିଜ୍ୟ,ଭ୍ରମଣ ସକାଶେ ଯୋଜନା କରିପାରନ୍ତି।

**ତୁଳା**
ପ୍ରତ୍ୟେକ ଦିଗରୁ କିଛି ନା କିଛି ବ୍ୟତିକ୍ରମ ରହିଥିଲେ ମଧ୍ୟ ଲକ୍ଷ୍ୟପଥର ଯାତ୍ରା ଅବ୍ୟାହତ ରହିବ। ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କିମ୍ବା ଅର୍ଥସମ୍ପର୍କିତ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା**
ବୃହସ୍ପତିଙ୍କ ସୁଦୃଷ୍ଟିଜନିତ ନୂତନ ଚିନ୍ତା, ବନ୍ଧୁ ସମ୍ପର୍କ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ ହେବେ। କର୍ମକ୍ଷେତ୍ରରେ ସମୟୋଚିତ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ର ସକାଶେ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ**
ଧନଭାବସ୍ଥ ଶୁକ୍ର ବନ୍ଧୁଙ୍କ ନିକଟରୁ ଆଦର, ଗୌରବ ପାଇବା ସହ ମନୋରଞ୍ଜନର ପରିବେଶ ପ୍ରଦାନ କରିବ। ଈର୍ଷାପରାୟଣ ସହକର୍ମୀଙ୍କ ପ୍ରାୟୋଜିତ ମିଥ୍ୟାଭିଯୋଗ କର୍ମକ୍ଷେତ୍ର ସକାଶେ ବାଧକ ସାଜିବା ଆଶଙ୍କା ରହିଛି। ମନ ଭଲ ନ ଥିଲେ ମଧ୍ୟ ଦୈନିକଚର୍ଯ୍ୟା କ୍ଷେତ୍ରରେ ନିତିଦିନିଆ କାମକୁ ଛାଡ଼ିପାରିବେ ନାହିଁ।

**ମକର**
ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ବନ୍ଧୁ ବିରୋଧ ସାଙ୍ଗକୁ ଭ୍ରାତୃ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ନିଜ କାମ ଛାଡ଼ି ଆଜ୍ଞାବହ ଭାବରେ ପର କାମରେ ମନ ଦେଇ ଘରକାମକୁ ଅଣଦେଖା କରିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। ବକେୟା ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ**
ଦ୍ୱିତୀୟସ୍ଥ ଶନିଙ୍କ ସ୍ଥିତି ଆର୍ଥିକ ଅନଟନ ସାଙ୍ଗକୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରାଇ ଭାବୁକ ବନାଇଦେଇପାରେ। ଆଜି ଆପଣଙ୍କ କୌଣସି କାମ ଅଟକିବ ନାହିଁ ତଥାପି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ ଏବଂ କଚେରି ମାମଲାରେ ସଫଳତା ମିଳିବ। ଅଣ୍ଡାଜନିତ ପୀଡ଼ାରେ କଷ୍ଟ ଅନୁଭବ କରିପାରନ୍ତି।

**ମୀନ**
ବନ୍ଧୁଙ୍କ ଅନୁରୋଧରେ ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବ, କିନ୍ତୁ ଆଶାନୁରୂପ ସଫଳତା ପାଇବେ ନାହିଁ। ବ୍ୟବସାୟ, ପରିବହନ, ଦୂରଯାତ୍ରାରୁ ସୁଫଳ ପାଇବେ। ଏକାଦଶ ଭାବରେ ଶୁକ୍ର ଉଚ୍ଚଶିକ୍ଷା, ସନ୍ତାନଙ୍କ କୃତିତ୍ୱ ଏବଂ ବନ୍ଧୁଙ୍କ ସହ ଆଲୋଚନାର ସୁଯୋଗ ପ୍ରଦାନ କରିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟିକ ଦିଗରୁ ଦିନଟି ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୧୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, ମାଘ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ଦଶମୀର ଏକୋଦିଷ୍ଟ ଶ୍ରାଦ୍ଧ। ସକାଳ ଘ.୦୬।୨୭ ଗତେ, ଘ.୦୭।୧୧ ମଧ୍ୟେ, ଦିବା ଘ.୦୯।୧୧ ଗତେ, ଘ.୧୧।୩୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୯ ଗତେ, ଘ.୦୪।୦୦ ମଧ୍ୟେ ରାହୁକାଳ।




# ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ନିର୍ମାଣ ଆଧାର, ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)**

ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ନିର୍ମାଣର ଆଧାର ଓ ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ। ସେ ଭାରତର ଯୁବ ସମାଜ ପାଇଁ ଅସୀମ ପ୍ରେରଣାର ଉତ୍ସ। ଯୁବବର୍ଗଙ୍କ ପ୍ରତି ତାଙ୍କର ଅତୁଟ ଭରସା ଥିଲା ଏବଂ ଯୁବ ସମାଜ ହିଁ ଭାରତର ଭାଗ୍ୟ ପରିବର୍ତ୍ତନ କରିପାରିବ ବୋଲି ସେ ସର୍ବଦା କହୁଥିଲେ। ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା, ଶୃଙ୍ଖଳା ଓ ଆତ୍ମବିଶ୍ୱାସକୁ ସେ ଶିକ୍ଷାର ମୂଳମନ୍ତ୍ର ବୋଲି ବିଶ୍ୱାସ କରୁଥିଲେ। ପାଶ୍ଚାତ୍ୟ ବିଜ୍ଞାନ ସହ ବେଦାନ୍ତର ସମନ୍ୱୟକୁ ସେ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ଉତ୍କଳ ବିଶ୍ୱ ବିଦ୍ୟାଳୟର ନ୍ୟୁ କନ୍‌ଭେନ୍‌ଶନ ହଲ୍‌ରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ କିପରି ଯୁବସମାଜକୁ ପ୍ରେରଣା ପ୍ରଦାନ କରୁଛି ସେ



ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

## ଜାତୀୟ ଯୁବ ଦିବସ

ବିଷୟରେ ବକ୍ତବ୍ୟ ରଖିଥିଲେ। ସେ କହିଲେ, ଯୁବ ସଶକ୍ତୀକରଣ ପାଇଁ ଶିକ୍ଷା ସହିତ ସରକାର ବିଭିନ୍ନ ଯୁବ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ଖେଳକୁଦରେ ଉତ୍କର୍ଷତା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନେକ ଯୋଜନା ରୂପାୟଣ କରାଯାଇଛି। ଓଡ଼ିଶା ଏବେ ଦେଶର 'ଖେଳ ରାଜଧାନୀ' ଭାବେ ପରିଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ଓଡ଼ିଶାର ଯୁବବର୍ଗ ଆଜି ବିଶ୍ୱସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଫିଟ୍ ଇଣ୍ଡିଆ ମିଶନ ଦେଶବ୍ୟାପୀ ଏକ ଆନ୍ଦୋଳନରେ ପରିଣତ ହେବା ସହ ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ଓ ସଫଳ ଜୀବନଶୈଳୀ ନିମନ୍ତେ ଅନୁପ୍ରାଣିତ କରୁଛି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡ. ଯଜ୍ଞେଶ୍ୱର ଦଣ୍ଡପାଟ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୪୬ ଜଣ ପାଇଲେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ



ସମାରୋହରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ପଦକପ୍ରାପ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ।

**କଟକ,୧୨।୧(କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସ ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। କଟକସ୍ଥିତ ଆର୍.କେ.ପାଢ଼ୀ ମେମୋରିଆଲ ହଲ୍‌ରେ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ୪୬ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡ଼ା ଏସ୍‌ପି ସ୍ୱାତି ଏସ୍. କୁମାର, କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସ୍‌ପି ହରିଶ ବି.ସି., ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ରହିଛନ୍ତି। ଏଥିସହ ୩ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୭ ଜଣ ସବ୍‌ଇନ୍ସପେକ୍ଟର, ୫ ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଲ/ଓଏପିଏଫ୍/ସିପାହି ଅନ୍ତର୍ଭୁକ୍ତ ଅଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୋଇନ୍ଦା) ଆର୍.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମାରୋହରେ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍, ୨ଭାଇ ମୃତ




**ଗୁଣପୁର,୧୨।୧(ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସହର ନିକଟସ୍ଥ ଲିମାମେଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଖୁଣ୍ଟରେ ଏକ ବାଇକ୍ ପିଟିହୋଇଯିବାରୁ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୁଡାରି ବ୍ଲକ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ଭାକା (୨୪) ଏବଂ କ୍ରିଷ୍ଣା କିମ୍ଭାକା (୨୧)। ସୂଚନା ଅନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସି ବ୍ୟକ୍ତିଗତ କାମରେ ରବିବାର ଗୁଣପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମେଡ଼ା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ହୋଇଯାଇଥିଲା। ଦୁର୍ଘଟଣା ପରେ ଉଭୟ ରାସ୍ତା ଉପରକୁ ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାରକରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁକରିବା ସହ ଉଭୟଙ୍କ ମୃତଦେହ ଜବତ କରିଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

## ୧୩ ଦିନରେ ଗଲାଣି ୩ ଜୀବନ

**ବନ୍ତଲା,୧୨।୧(ସୁଶିତ ସାହୁ)**

ଅନୁଗୋଳ ବନାଞ୍ଚଳ କରତପଟା ସେକ୍ସନ ଶଙ୍ଖପୁର ପଞ୍ଚାୟତ ଡିପପଦା ସାହିରେ ସୋମବାର ଭୋର୍ ସମୟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଇଚ୍ଛା ଦେହୁରୀ (୭୫)। ଇଚ୍ଛାଙ୍କୁ ମିଶାଇ ଗତ ୧୩ ଦିନରେ ଏହି ବନାଞ୍ଚଳରେ ହାତୀ ଆକ୍ରମଣରେ ମୋଟ ୩ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶଙ୍ଖପୁର ପଞ୍ଚାୟତ ଡିପପଦା ସାହିର ବୃଦ୍ଧା ଇଚ୍ଛା ଶୌଚ ପାଇଁ ଯାଇଥିବାବେଳେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିବା ଜାଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଫରେଷ୍ଟର ଲଳିତ କୁମାର ବେହେରା ଓ ରେଞ୍ଜର ଉଦ୍ଧବ ବେହେରା ମେଡିକାଲରେ ପହଞ୍ଚି ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧା ଇଚ୍ଛାଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ମୃତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ଓ ୨ ଦିନ ଭିତରେ ସେଥିରୁ ଅଗ୍ରିମ ୧ ଲକ୍ଷ ଟଙ୍କା ଦିଆଯିବ ବୋଲି ରେଞ୍ଜର ବେହେରା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସୂଚନାଯୋଗ୍ୟ, ଅନୁଗୋଳ ବନାଞ୍ଚଳ ସୁନାଭୂଇଁ ଗ୍ରାମର ଝିଲି ବେହେରା (୩୫)ଙ୍କ ଗତ ଡିସେମ୍ବର ୩୧ରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ସେହିପରି ଗତ ୧ ତାରିଖରେ ଗୁରଙ୍ଗ ଖଇରାସାହି ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଜୀବନ ନେଇଥିଲା ହାତୀ। ବନ ବିଭାଗ ପକ୍ଷରୁ ହାତୀଙ୍କ ଉପସ୍ଥିତି ନେଇ ଠିକ୍ ଭାବରେ ଗ୍ରାମବାସୀଙ୍କୁ ସୂଚନା ଦିଆଯାଉ ନ ଥିବାରୁ ଏପରି ଜୀବନହାନି ଘଟୁଥିବା ଅଭିଯୋଗ ହେଉଛି।

# କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ: ନାବାଳକଙ୍କ ଆଖି ନଷ୍ଟ

**ଟିଟିଲାଗଡ, ୧୨।୧ (ସନ୍ତୋଷ ପଟ୍ଟନାୟକ)**

କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ ହେବାରୁ ଜଣେ ନାବାଳକଙ୍କ ଆଖି ନଷ୍ଟ ହୋଇଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଧୀନ ଶଗଡ଼ଘାଟ ଗ୍ରାମରେ। ସୂଚନା ଅନୁଯାୟୀ, ବରଗଡ଼ ଓ ସମ୍ବଲପୁର ଜିଲାରେ ଏକ କମ୍ପାନୀ ପକ୍ଷରୁ କୁର୍‌କୁରେ ତିଆରି କରାଯାଇ ଜରି ପ୍ୟାକେଟ୍‌ରେ ଭର୍ତ୍ତି କରାଯାଉଛି। ଏଥିସହ ପିଲାଙ୍କୁ ଆକର୍ଷିତ କରିବା ପାଇଁ ଉକ୍ତ ପ୍ୟାକେଟ୍‌ରେ ଛୋଟ ଖେଳଣା ମଧ୍ୟ ଦିଆଯାଉଛି। ଏହାର ଦାମ୍ ୫ ଟଙ୍କା ରହିଛି। ପରେ ଉକ୍ତ ପ୍ୟାକେଟ୍ ବିଭିନ୍ନ ଦୋକାନରେ ବିକ୍ରି କରାଯାଉଛି। ଏହି କ୍ରମରେ ଶଗଡ଼ଘାଟ ଗ୍ରାମର ଏକ ଦୋକାନରେ ଉକ୍ତ କୁର୍‌କୁରେ ପ୍ୟାକେଟ୍ ବିକ୍ରି ହେଉଛି। ରବିବାର ସନ୍ଧ୍ୟାରେ ଶଗଡ଼ଘାଟ ଗ୍ରାମର ଲବ ହରପାଲଙ୍କ ପୁଅ ଅଙ୍କେଶ ହରପାଲ(୮) ଉକ୍ତ ଦୋକାନକୁ ଯାଇ ଏହି କୁର୍‌କୁରେ ପ୍ୟାକେଟ୍ କିଣିଆଣି ଘରେ ଖାଇବା ସହ ସେଥିରେ ଥିବା ଖେଳଣାକୁ ନିଆଁରେ ପକାଇ ଦେଇଥିଲେ। ହେଲେ ଖେଳଣାଟି ହଠାତ୍ ବିସ୍ଫୋରଣ ଘଟିବାରୁ ଅଙ୍କେଶଙ୍କ ଆଖିରେ ବାଜି ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବାବେଳେ ତାଙ୍କ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଡାକ୍ତର କହିଛନ୍ତି। ଏନେଇ ଅଙ୍କେଶଙ୍କ ମା', ବାପା ସୋମବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ କୁର୍‌କୁରେ କମ୍ପାନୀ ବନ୍ଦ କରିବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

## ନୃସିଂହ ଚରଣ ଷଡ଼ଙ୍ଗୀ ପାଇବେ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'

**ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)**

ଓଡ଼ିଆ ଭାଷା ପ୍ରତି ଅବଦାନ ତଥା ଗବେଷଣା କ୍ଷେତ୍ରରେ ସାହିତ୍ୟିକ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ମିଳିବ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ'। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁଆରୀ ୧୪ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ଅବସରରେ ନୃସିଂହ ଚରଣଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ସମ୍ମାନ ବାବଦକୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଡିଆରଡିଓରେ ଡ୍ୟୁଟି ବେଳେ ଟଳିପଡ଼ିଲେ ହୋମଗାର୍ଡ

**ବାଲେଶ୍ୱର(ବାଞ୍ଛାନିଧି ଦେ)/ବଡଲା (ଦୁର୍ଗାପ୍ରସାଦ ଆୟଚ), ୧୨।୧**

ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆରଡିଓରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ହୋମଗାର୍ଡ ହେଲେ ଅଲେଖ ଜେନା (୪୨)। ତାଙ୍କ ଘର କେନ୍ଦୁଝର ଜିଲା କୁଆଗଡ଼ିଆ ଅଞ୍ଚଳରେ। ରବିବାର ଦ୍ୱିପ୍ରହର ସମୟରେ ଖାଇ ସାରି ସେ ବିଶ୍ରାମ ନେଉଥିଲେ। ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଅନ୍ୟ ହୋମଗାର୍ଡମାନେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ଚାନ୍ଦିପୁର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁଞ୍ଜରିତ ହେଲା 'ବନ୍ଦେ ମାତରମ୍'


ଏକ ସ୍କୁଲରେ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯାଉଛି।

## ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ କଣ୍ଠରେ ମା' ଭାରତୀର ଜୟଗାନ

**ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)**

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ ଅବସରରେ ସୋମବାର ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଛି। ରାଜ୍ୟର ୧୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନରେ ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଜାତୀୟ ଗୀତକୁ ଗାନ କରି ଦେଶପ୍ରୀତିର ବାର୍ତ୍ତା ଦେଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦେଶାତ୍ମବୋଧକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏକାଠି ହୋଇ ମା' ଭାରତୀଙ୍କ ବନ୍ଦନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ନେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୁସିବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିବା ସହ ଯୁବବର୍ଗଙ୍କ କଣ୍ଠରେ ବନ୍ଦେ ମାତରମ୍‌ର ସାମୂହିକ ଗାନ ରାଷ୍ଟ୍ର ପ୍ରତି ରହିଥିବା ଆମର ଅନନ୍ୟ ସମର୍ପଣ ଭାବର ଏକ ନିଛକ ନିଦର୍ଶନ ବୋଲି ସେ ମତପ୍ରକାଶ କରିଛନ୍ତି।

DADLS-76

ଓଡ଼ିଶା ସରକାର



ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୬

ସକାଳ – ୯ ଘଟିକା
ଏଜି ଛକ, ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ
ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ପୂର୍ବାହ୍ନ ୧୧ ଘଟିକା — ସାଧାରଣ ସଭା ଏବଂ ଆଲୋଚନା ଚକ୍ର
ଜୟଦେବ ଭବନ, ଭୁବନେଶ୍ୱର

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ, ଓଡ଼ିଶା

- ସମ୍ମାନନୀୟ ଅତିଥି -
ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଏମ,ଏସ,ଏମ,ଇ, ଓଡ଼ିଶା
ଗଞ୍ଜାମ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ହୋତା, ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ

- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପ୍

- ଧନ୍ୟବାଦ ଅର୍ପଣ -
ଶ୍ରୀଯୁକ୍ତ ମହେଶ୍ୱର ବରାଡ଼
ସମ୍ପାଦକ, ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର

ଗଂଜାମର ପ୍ରାଚୀନ ଲୋକନୃତ୍ୟ 'ଭାରତ ଲୀଳା' ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଗ୍ନି ତିଳେ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ନବାଙ୍କ ବେଢ଼ା, ମାସାନ୍ତ



# ଇତିହାସର ପ୍ରତିଶୋଧ ବୋକାମି

ନୂଆଦିଲ୍ଲୀରେ ଜାନୁଆରୀ ୧୦ରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍' ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତକୁ କେବଳ ସୀମାରେ ନୁହେଁ, ସମସ୍ତ କ୍ଷେତ୍ରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଆମକୁ ଆମ ଇତିହାସର ପ୍ରତିଶୋଧ ନେବାକୁ ହେବ। ଆମର ଏକ ବିକଶିତ ସଭ୍ୟତା ଥିଲା। ଆମେ କାହାର ମନ୍ଦିର ଭାଙ୍ଗି ନ ଥିଲୁ। ଆମେ କେବେ ବିଦେଶୀଙ୍କ ଉପରେ ଆକ୍ରମଣ କରିନାହୁଁ, ଯେତେବେଳେ ଅବଶିଷ୍ଟ ବିଶ୍ୱ ପଛୁଆ ଥିଲା। ପୂର୍ବତନ ଗୋଇନ୍ଦା ବ୍ୟୁରୋର ମୁଖ୍ୟ ୮୦ ବର୍ଷୀୟ ଡୋଭାଲ ପୁଣି କହିଛନ୍ତି, ଆମ ପୂର୍ବପୁରୁଷମାନେ ବଡ଼ ବଡ଼ ତ୍ୟାଗ କରିଥିଲେ। ସେମାନେ ବହୁ ଅପମାନ ସହିଥିଲେ ଓ ଚରମ ଅସହାୟତାର ସମୟ ଅତିବାହିତ କରିଥିଲେ। ଆମ ମନ୍ଦିରଗୁଡ଼ିକ ଲୁଟ୍ ହୋଇଥିଲା, ଆଉ ଆମେ ନୀରବ ଦର୍ଶକ ଭାବେ ସବୁକିଛି ଦେଖୁଥିଲୁ। ଏହି ଇତିହାସ ଆଜିର ଯୁବବର୍ଗଙ୍କ ମଧ୍ୟରେ ଅଗ୍ନି ପ୍ରଜ୍ୱଳନ କରିବା ଉଚିତ ବୋଲି ସେ କହିଛନ୍ତି। 'ପ୍ରତିଶୋଧ' ଶବ୍ଦଟି ଉପଯୁକ୍ତ ନ ହୋଇପାରେ ବୋଲି ସ୍ୱୀକାର କରି ସେ କହିଛନ୍ତି ଯେ, ଏହା ସୁରକ୍ଷାରୁ ଆର୍ଥିକ ଓ ସାମାଜିକ ବିକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତକୁ ପୁନର୍ନିର୍ମାଣ କରିବା ପାଇଁ ଏକ ଶକ୍ତିଶାଳୀ ପ୍ରେରଣାଦାୟୀ ଶକ୍ତି ହୋଇପାରେ।

ଜଣେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଭାଷାକୁ କୁଟନୀତି ଓ ରଣନୀତିକୁ ମିଶାଇ କରି ବିଚାର କରାଯାଇପାରେ। କିନ୍ତୁ ସେ ଯେଉଁଭଳି ଭାବେ 'ପ୍ରତିଶୋଧ' ଭଳି ଶବ୍ଦ ବ୍ୟବହାର କରିଛନ୍ତି, ତାହାକୁ ଭାରତୀୟ ମାନସିକତା କିଭଳି ଗ୍ରହଣ କରିବ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦେଶର ବର୍ତ୍ତମାନର ଆଭ୍ୟନ୍ତରୀଣ ସାମ୍ପ୍ରଦାୟିକ ଘୃଣାଭାବ ଓ ଅନ୍ତର୍ଜାତୀୟ ସ୍ତରରେ ଅପମାନଜନକ ଅବହେଳାର ପରିବେଶରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଐତିହାସିକ ଅନ୍ୟାୟକୁ ଉଠାଇବା ଦେଶର ସୂକ୍ଷ୍ମ ସାମାଜିକ ସମ୍ବନ୍ଧକୁ ଆହୁରି ଦୁର୍ବଳ କରିବା ସହ ବିଶ୍ୱସ୍ତରରେ ଭାରତର ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ। ଜାତୀୟ ଉଦ୍ଦେଶ୍ୟକୁ ଐତିହାସିକ ପ୍ରତିଶୋଧ ଭାବରେ ଚିତ୍ରଣ କରିବା ଦେଶକୁ ସର୍ବଦା ନିଜେ ଶିକାର ମାନସିକତାରେ ବୁଡ଼ାଇବାର ଚେଷ୍ଟା ବୋଲି କୁହାଯାଇପାରେ। ଦେଶରେ ବେକାରି, ଅସମାନତା ଓ ଲୋକଙ୍କ ଦୈନନ୍ଦିନ ଚଳଣି ଖର୍ଚ୍ଚ ବୃଦ୍ଧି ଆଦି ସମସ୍ୟାରୁ ସମ୍ଭବତଃ ଦୃଷ୍ଟି ହଟେଇବା ପାଇଁ ଏଭଳି ଆହ୍ୱାନ ଦିଆଯାଇଛି। ଅତୀତର ପ୍ରତିଶୋଧ ନେବା ଭଳି ଭାଷା ପ୍ରୟୋଗ ଦେଶର ଶୀର୍ଷ ନିରାପତ୍ତା ଅଧିକାରୀଙ୍କଠାରୁ ଆସିବା ପଡ଼ୋଶୀ କିମ୍ବା ମିତ୍ରରାଷ୍ଟ୍ରଗୁଡ଼ିକୁ ଅସ୍ଥିର କରିପାରେ। କାରଣ ସବୁ ପଡ଼ୋଶୀଙ୍କ ସହ ଭାରତର ଏବେ ଅପଢ଼ ସମ୍ପର୍କ ବିଷୟ ଜଣାଶୁଣା। ଭୂରାଜନୈତିକ ସ୍ଥିତିରେ ଭାରତକୁ ନିଜର ଶକ୍ତି ଓ ସାମର୍ଥ୍ୟ ବିଷୟରେ ଜଣାଇବା ପାଇଁ ବ୍ୟାଖ୍ୟାନର ସାହାରା ନେବାକୁ ପଡୁଛି। କହିବାକୁ ଗଲେ ଡୋଭାଲ ଯେଉଁ ସ୍ୱରରେ ତାଙ୍କ ବକ୍ତବ୍ୟ ରଖିଛନ୍ତି, ତାହା ରାଜନୈତିକ ନେତାଙ୍କ କ୍ଷେତ୍ରରେ ହୁଏତ ଶୋଭା ପାଇଥାଆନ୍ତା। କିନ୍ତୁ ଦେଶର ଶୀର୍ଷ ସୁରକ୍ଷା ଅଧିକାରୀଙ୍କଠାରୁ ଏହା ଉଚ୍ଚାରିତ ହେବା ସମସ୍ୟା ଡାକିପାରେ। ବୈଦେଶିକ ବା କୂଟନୈତିକ ଭାଷା ମାପିଚୁପି କୁହାଯାଇଥାଏ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଇତିହାସକୁ ପ୍ରତିଶୋଧ ନିଆଯାଇପାରିବ ନାହିଁ। କେବଳ ତା'ଠାରୁ ଶିକ୍ଷା ନେଇ ଭବିଷ୍ୟତରେ କିଭଳି ସେହି ଭୁଲ୍‌ର ପୁନରାବୃତ୍ତି ନ ହେବ ସେହିଦିଗରେ ଏବର ମଣିଷ ସଜାଗ ହେବା କଥା। ଅତୀତରେ ଯଦି କିଛି ଅନ୍ୟାୟ ଘଟିଥାଏ, କଦାପି ଏବେ ସୁଧୁରାଯାଇପାରିବ ନାହିଁ, ମୃତକଙ୍କୁ ପୁନର୍ଜୀବିତ କରାଯାଇପାରିବ ନାହିଁ ଏବଂ ଯନ୍ତ୍ରଣାକୁ ପୋଛି ଦିଆଯାଇପାରିବ ନାହିଁ। କୁହାଯାଇଥାଏ ପୁରୁଣା କଥାକୁ ରୋମନ୍ଥନ କରିବା କେବଳ ସମୟର ଅପଚୟ। ମାନବ ଜାତିର ଇତିହାସରେ ପ୍ରତ୍ୟେକ ସମାଜ କୌଣସି ନା କୌଣସି ରୂପରେ ଅତ୍ୟାଚାରର ଶିକାର ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅତୀତର ଭୁଲ୍‌ରୁ ଶିକ୍ଷା ନେବା ଓ ସମସ୍ତଙ୍କ କଲ୍ୟାଣ ସୁନିଶ୍ଚିତ କରୁଥିବା ଏକ ସମାଜ ହୁଏତ ପୁନଃନିର୍ମାଣ କରାଯିବାର ଚେଷ୍ଟା ବର୍ତ୍ତମାନର ପିଢ଼ି କରିବା ଦରକାର।

ଏଠାରେ କେତୋଟି ଉଦାହରଣ ଦେଖାଯାଉ। ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦୁଇଟି ପରମାଣୁ ବୋମାରେ ନଷ୍ଟ ହେବା ସହ ଅପମାନଜନକ ପରାଜୟ ଭୋଗିଥିଲା। କିନ୍ତୁ ସେ ବିନାଶ ଓ ପରାଜୟକୁ ଆର୍ଥିକ ପୁନରୁତ୍ଥାନରେ ପରିଣତ କଲା। ପ୍ରତିଶୋଧ ଖୋଜିବା ବଦଳରେ ସେ ବିଶ୍ୱସ୍ତରୀୟ ଔଦ୍ୟୋଗିକ ଶକ୍ତି ହୋଇ ଇତିହାସର ଜବାବ ଦେଲା। ସେହିପରି ଜର୍ମାନୀ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱଂସ ହୋଇଥିଲା। କିନ୍ତୁ ବିଳାପ ଓ ଘୃଣା କରିବା ବଦଳରେ ସେ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇପାରିଛି। ଇହୁଦୀମାନେ ଦୀର୍ଘସମୟ ଧରି ଗଣହତ୍ୟା ଓ ଅପମାନର ଶିକାର ହୋଇଆସିଛନ୍ତି। କିନ୍ତୁ ଆଜି ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିଜକୁ ଗଢ଼ିତୋଳି ସେଠାକାର ସମଗ୍ର ଭୂଖଣ୍ଡ ଉପରେ ପ୍ରଭାବ ବିସ୍ତାର କରିପାରିଛି।

ଏବକାର ଭାରତୀୟ ଯୁବପିଢ଼ି ବୁଝିବା ଦରକାର 'ଭାରତ' ବୋଲି କୌଣସି ଗୋଟିଏ ଦେଶ କେବେ ନ ଥିଲା। ଏହି ସମଗ୍ର ଭୂଖଣ୍ଡରେ ଅନେକ ରାଜା ମହାରାଜାଙ୍କ ଶାସନ ଦୀର୍ଘ ଶତାବ୍ଦୀ ଧରି ଚାଲିଆସିଥିଲା। ଯେଉଁ ଅଞ୍ଚଳକୁ ଭାରତବର୍ଷ ବୋଲି କୁହାଯାଉଥିଲା ଏହି ଉପମହାଦେଶର ଉତ୍ତର ଭାଗରେ ଏକ ସୀମିତ ଅଞ୍ଚଳ ମାତ୍ର, ଯେଉଁଥିରେ ଓଡ଼ିଶା ଓ ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ସାମିଲ ନ ଥିଲେ। ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇବା ପରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ମୁଖ୍ୟ ମୁଣ୍ଡବ୍ୟଥା ଥିଲା କେଉଁଭଳି ଉପାୟରେ ସେତେବେଳର ୫୬୨ ରାଜା ମହାରାଜାଙ୍କୁ ଧନଲୋ ବାପଲୋ କହି କିମ୍ବା ଧମକାଇ ଏକତ୍ରିତ କରି ଗୋଟିଏ ଦେଶ ସୃଷ୍ଟି କରିବେ। ଯଦି କେହି ଭାବୁଥାଏ ଯେ, ହିନ୍ଦୁଧର୍ମ ଏହି ଉପମହାଦେଶର ସମସ୍ତଙ୍କୁ ଯୋଡୁଥିଲା, ତେବେ ତାହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ଧାରଣା। ସେହି ହିନ୍ଦୁ ଧର୍ମରେ ବିଭିନ୍ନ ଅଞ୍ଚଳର ବିଭିନ୍ନ ଠାକୁରାଣୀ ଠାକୁରଙ୍କୁ ପୂଜା କରାଯାଉଥିଲା। ଓଡ଼ିଶାର କୌଣସି ଗ୍ରାମାଞ୍ଚଳରେ ପୁରାତନ ରାମ ମନ୍ଦିର ଦେଖିବାକୁ ମିଳେନାହିଁ। ସେହିଭଳି ଉତ୍ତରପ୍ରଦେଶ କିମ୍ବା ରାଜସ୍ଥାନରେ ପୁରୁଣା ଜଗନ୍ନାଥ ମନ୍ଦିର ମଧ୍ୟ ଖୋଜିଲେ ମିଳିବ ନାହିଁ। ଯଦି ଧର୍ମକୁ ନେଇ ଦେଶ ସୃଷ୍ଟି ହେଉଥାଆନ୍ତା, ତେବେ ୟୁରୋପ ଗୋଟିଏ ଦେଶ ହୋଇଥାଆନ୍ତା ଏବଂ ସେହିଭଳି ଦକ୍ଷିଣ ଆମେରିକା ମଧ୍ୟ ଗୋଟିଏ ଭାଷା ଓ ଗୋଟିଏ ଧର୍ମ ଯୋଗୁ (ବ୍ରାଜିଲ ବ୍ୟତୀତ) ଗୋଟିଏ ଦେଶ ହୋଇଥାଆନ୍ତା। ଭାରତରେ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଏବଂ ଧର୍ମର ବିବିଧ ରୂପ ରହିଛି। ତେଣୁ ବିଦେଶୀ ଆକ୍ରମଣକାରୀମାନେ ଡୋଭାଲଙ୍କ ପୂର୍ବପୁରୁଷଙ୍କ ଉପରେ କେଉଁଭଳି ଅତ୍ୟାଚାର କରିଥିଲେ, ତାହା ସମ୍ଭବତଃ କେହି ଓଡ଼ିଆ ଜାଣି ନ ଥିବେ। କିନ୍ତୁ ଓଡ଼ିଶାର ଇତିହାସ ସମ୍ପର୍କରେ କ୍ଷୁଦ୍ର ଜ୍ଞାନ ଥିବା ବ୍ୟକ୍ତି ଜାଣିଥିବେ ଯେ, ଓଡ଼ିଶା ମାଟି ଉପରେ ବର୍ଗୀ ବା ମରାଠା ହିନ୍ଦୁମାନେ ଆମର ପୂର୍ବପୁରୁଷଙ୍କୁ ବହୁମାତ୍ରାରେ ନିର୍ଯାତନା ଦେଇଥିଲେ।

ଏବର ସମୟରେ ଭାରତୀୟମାନେ ଦେଶର ନେତୃତ୍ୱଙ୍କଠାରୁ ଅତ୍ୟଧିକ ବକ୍ତବ୍ୟ ଓ ଅନାବଶ୍ୟକ ବୋଲି ଶୁଣୁଛନ୍ତି। ପ୍ରକୃତରେ ଦେଖିଲା ବେଳକୁ ଦେଶବାସୀଙ୍କ ଜୀବନ ଅତ୍ୟନ୍ତ ଆର୍ଥିକ କଷ୍ଟ ଦେଇ ଗତି କରୁଛି। ବୈଦେଶିକ ନୀତିର ବିଫଳତା ଭାରତକୁ ପ୍ରାୟ ଏକଘରିଆ କରିଦେଲାଣି। ଏଭଳି କଠିନ ସମୟରେ ଆମ ନେତା ଓ ନୀତି ନିର୍ଦ୍ଧାରକମାନେ ଭବିଷ୍ୟତକୁ ଅନିଶା କରିବା ଦରକାର। ବିଶ୍ୱସ୍ତରରେ ଦେଖାଦେଉଥିବା ପରିବର୍ତ୍ତନ ସହ ତାଳ ମିଳାଇ ଅଗକୁ ବଢ଼ିବାକୁ ପଡ଼ିବ। ଆମେରିକା, ଚାଇନା ଓ ରୁଷିଆ ଭବିଷ୍ୟତ ପାଇଁ ନିଜ ନିଜ ପ୍ରଭାବ କ୍ଷେତ୍ର ଗଢ଼ିଛନ୍ତି। ଭାରତ ଏବେ ମଧ୍ୟ ନିଷ୍ପତ୍ତି ନେଇପାରୁ ନାହିଁ କେଉଁ କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରି ଏକ ଅନନ୍ୟ ରାଷ୍ଟ୍ର ଭାବେ ପ୍ରାସଙ୍ଗିକତା ବହନ କରିବ। କ୍ଷୁଦ୍ର ଆଭ୍ୟନ୍ତରୀଣ ରାଜନୈତିକ ଫାଇଦା ପାଇଁ ଇତିହାସକୁ ରୋମନ୍ଥନ କରି ସମୟ ନଷ୍ଟ କରାଯିବାର ସମୟ ଅତିକ୍ରାନ୍ତ ହେଲାଣି ବୋଲି ନୀତି ନିର୍ଦ୍ଧାରଣ କରୁଥିବା ବର୍ଗ ହେଜିବା ଦରକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | | | | | | 4 |
| | | | | | 1 | | | |
| 2 | | 5 | | | | | | 3 |
| 7 | | | | 4 | 2 | | 3 | |
| | 8 | | | 6 | | | | |
| | | 9 | | | | 5 | 6 | |
| | 4 | | | | 7 | 6 | | 1 |
| | | | | | | | | |
| | | | 3 | | 6 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 4 | 1 | 9 | 8 | 3 | 5 | 2 |
| 5 | 1 | 3 | 4 | 7 | 2 | 9 | 8 | 6 |
| 2 | 8 | 9 | 5 | 6 | 3 | 7 | 1 | 4 |
| 3 | 5 | 7 | 8 | 4 | 1 | 2 | 6 | 9 |
| 8 | 9 | 2 | 6 | 3 | 7 | 1 | 4 | 5 |
| 1 | 4 | 6 | 2 | 5 | 9 | 8 | 7 | 3 |
| 6 | 7 | 8 | 3 | 2 | 5 | 4 | 9 | 1 |
| 9 | 2 | 5 | 7 | 1 | 4 | 6 | 3 | 8 |
| 4 | 3 | 1 | 9 | 8 | 6 | 5 | 2 | 7 |

ଗତକାଲିର ଉତ୍ତର



# 'ୟେସ୍' କହିଲେ ସବୁ ଶେଷ

ଡ. ତପନ କୁମାର ପାଳ

ଆପଣଙ୍କୁ ଶୀର୍ଷକଟି ଆଶ୍ଚର୍ଯ୍ୟଜନକ ଲାଗିପାରେ। ଆମ ଭାରତୀୟ କଥିତ ଭାଷାରେ ୟେସ୍ ଅର୍ଥ ଗ୍ରହଣୀୟତା। ଏହା ଏକ ପ୍ରତିକାତ୍ମକ ଭଲ ପାଇବାର ଭାବନାକୁ ଚିତ୍ରିତ କରିଥାଏ। ଆମ୍ଭେମାନେ ଅନେକ କ୍ଷେତ୍ରରେ ୟେସ୍ ଶବ୍ଦଟି ବ୍ୟବହାର କରିଥାଉ। ତେବେ ଆମେ ଯେଉଁ ୟେସ୍‌ର ଆଲୋଚନା କରୁଛୁ ତାହା ନିଶ୍ଚିନ୍ତ ଭାବେ ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟକର ମଧ୍ୟ। ବର୍ତ୍ତମାନ ଡିଜିଟାଲ ଆରେଷ୍ଟପରି ଏହି ଭୟାନକ ଅଦୃଶ୍ୟ 'ୟେସ୍ ସ୍କାମ୍' ଲୋକଙ୍କୁ କାଙ୍ଗାଳ କରିଦେଉଛି। ଆଖି ପିଛୁଳାକେ ଅନେକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥରାଶି ଉଭାନ ହୋଇଯାଉଛି। ମୋବାଇଲରେ ବିଶେଷକରି ମେସେଜ ବ୍ୟବସ୍ଥାରେ ଏପରି ସ୍କାମ୍‌ରମାନଙ୍କ ଅଦୃଶ୍ୟ ଚେହେରାକୁ କେହି ଦେଖିପାରୁନାହାନ୍ତି ଆଉ ପୋଲିସର ସାଇବର ବିଭାଗ ଏହାକୁ ଠାବ କରିବା ମଧ୍ୟ ମୁସ୍କିଲ ହୋଇପଡୁଛି।

ଆପଣ ମୋବାଇଲରେ ପ୍ରାୟତଃ ଆର୍ଥିକ କାରବାର କରୁଥିବେ। ଭାରତରେ ଡିଜିଟାଲ ବ୍ୟବସ୍ଥା ଲୋକମାନଙ୍କୁ ସୁଲଭ, ହାତପାହାନ୍ତାରେ ତତ୍କାଳ ସେବା ପ୍ରଦାନ କରୁଥିବାରୁ ଅନେକେ ଏହାକୁ ବିଶେଷ ଭାବେ ଗ୍ରହଣ କରୁଛନ୍ତି। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆମର ଆଜିର ଆଲୋଚନାଟି ରଖୁଛୁ। ଆପଣ ମୋବାଇଲ ବ୍ୟବହାର କରୁଥିବା ସମୟରେ ଧରନ୍ତୁ କେହି ଜଣେ ପ୍ରଥମେ ଆପଣଙ୍କୁ କଲ୍ କରି ଆପଣଙ୍କ ନାଁ ଧରି ପ୍ରଶ୍ନଟି ପଚାରିବ। ଅପର ପାର୍ଶ୍ୱ ଜଣଙ୍କ ଆପଣଙ୍କ ନାଁ ଧରି ପଚାରୁଛି ଅର୍ଥ ଆପଣ ବିନା ଦ୍ୱିଧାରେ 'ୟେସ୍' ନିଶ୍ଚିନ୍ତ ଭାବେ କହିବେ। କାରଣ ଏହା ଏକ କଥୋପକଥନର ସର୍ବନିମ୍ନ ଶାଳୀନତା। ତେବେ ଆପଣଙ୍କର ଏହି ଗୋଟିଏ 'ୟେସ୍' ଶବ୍ଦ ଆପଣଙ୍କୁ କାଙ୍ଗାଳ କରିଦେବ। ସେହି ୟେସ୍ କହିବାର କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରେ ଥିବା ତମାମ ଅର୍ଥରାଶିକୁ ଅଦୃଶ୍ୟ ଅନ୍‌ଲାଇନର ସାଇବର ଠକ ପୂରାପୂରି ପୋଛି ଦେଇଥିବେ। ହଁ, କେହି କେହି ଓଟିପି ସମ୍ପର୍କରେ ପ୍ରଶ୍ନ ପଚାରି ପାରନ୍ତି, ତେବେ ଏହି ନୂଆ ୟେସ୍ ମାୟାଜାଲରେ ଆପଣଙ୍କୁ କୌଣସି ଓଟିପି ଦେବାକୁ ପଡ଼ିବ ନାହିଁ। ସାଇବର କ୍ଷେତ୍ରରେ ଭୟାନକ ଠକମାନେ ଏଭଳି ଅନେକ ପ୍ରଶ୍ନ ପଚାରି ପାରନ୍ତି, ଯାହାର ଉତ୍ତର କେବଳ 'ୟେସ୍', ଯାହାକୁ ଓଡ଼ିଆରେ ହଁ କୁହାଯାଏ। ସେମାନଙ୍କର ବ୍ୟବସ୍ଥା ହେଉଛି ଆପଣଙ୍କଠାରୁ କେବଳ ୟେସ୍ ଶବ୍ଦଟି ଗ୍ରହଣ କରିବା। ଏହାପଛର ଯେଉଁ ଅଦୃଶ୍ୟ ଠକାମିର କାରନାମା ରହିଛି ତାହା ଜାଣିଲେ ଦେହ ଶୀତେଇ ଉଠିବ। କାରଣ ୟେସ୍ ଶବ୍ଦଟି କହୁଥିବା ଆପଣଙ୍କ କଣ୍ଠସ୍ୱରର ରେକର୍ଡ଼ ହିଁ ସେମାନଙ୍କ ପାଇଁ ଯଥେଷ୍ଟ। ଆପଣଙ୍କ କଣ୍ଠସ୍ୱରରେ ଥିବା ୟେସ୍ ଶବ୍ଦକୁ ନେଇ ସାଇବର ଅପରାଧୀମାନେ ନୂଆ ଆକାଉଣ୍ଟ ଖୋଲିଥାନ୍ତି । ପରବର୍ତ୍ତୀ ସମୟରେ ଏଥିରେ କେବଳ ଦେଣନେଣ ହୋଇନଥାଏ ବରଂ ମୋଟାଅଙ୍କର ଋଣ ମଧ୍ୟ ଆବେଦନ ହୋଇଥାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ ସ୍ୱରୂପ ଆପଣଙ୍କ ୟେସ୍ କଣ୍ଠସ୍ୱରକୁ ଭଏସ୍ ବାୟୋମେଟ୍ରିକ ସିଷ୍ଟମ ବ୍ୟବସ୍ଥାରେ ଗ୍ରହଣ କରି



ଭଏସ୍ କଲ୍ ଜରିଆରେ ଋଣ ମଞ୍ଜୁର କରିଥାନ୍ତି। ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜଣଙ୍କର କଣ୍ଠସ୍ୱର ମଧ୍ୟ ବ୍ୟାଙ୍କ ଆକାଉଣ୍ଟର ପାସ୍‌ୱାର୍ଡ ବି ହୋଇପାରେ।

ୟେସ୍ ଅଦୃଶ୍ୟ, ଭୟାନକ ଠକମାନଙ୍କଠାରୁ ରକ୍ଷା ପାଇବା ପାଇଁ ସର୍ବପ୍ରଥମେ ଗୋଟିଏ କଥାକୁ ଭଲ ଭାବେ ମନେରଖନ୍ତୁ ଯେ, ଆପଣ କୌଣସି ଅଜଣା ବ୍ୟକ୍ତି ବା ସଂସ୍ଥାଠାରୁ ଆପଣଙ୍କ ସମ୍ବନ୍ଧିତ ଫୋନ୍ କଲ୍ ପାଉଥିଲେ ସର୍ବନିମ୍ନ ଭାବେ ୟେସ୍ କିମ୍ବା ହଁ ଆଦୌ କୁହନ୍ତୁ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ କେତେକ ଆକାଉଣ୍ଟଧାରୀଙ୍କର ଖାତା ଖୋଲିଲା ବେଳେ ଭଏସ ବାୟୋମେଟ୍ରିକ୍ସ ଅଥେଣ୍ଟିକେଶନ୍ ସିଷ୍ଟମ ରଖିଥାନ୍ତି, ତେଣୁ ଏ କ୍ଷେତ୍ରରେ ତୁରନ୍ତ ନିଜର ଖାତା ଖୋଲିଥିବା ବ୍ୟାଙ୍କକୁ ଯାଇ ଏହି ବ୍ୟବସ୍ଥାକୁ ତୁରନ୍ତ ଡିଜାବଲ୍ କରନ୍ତୁ, ଯାହାଦ୍ୱାରା ଆପଣ ଏହି ୟେସ୍ ସ୍କାମ୍‌ର ଭୟାନକ ଠକାମିରୁ ବର୍ତ୍ତି ପାରିବେ। ସେହିପରି ଆଉ ଏକ ଅଦୃଶ୍ୟ ଅନ୍‌ଲାଇନ ଠକଙ୍କ କାରନାମା ହେଉଛି 'ଜାମ୍ ଡିପୋଜିଟ ସ୍କାମ୍'। ଉଦାହରଣସ୍ୱରୂପ, ବ୍ୟାଙ୍କ ସହିତ ଜଡ଼ିତ ହୋଇଥିବା ଆପଣଙ୍କ ଫୋନ୍‌କୁ ଧରାଯାଉ ଏକ ସୂଚନା ଆସିବ ଯେ ଆପଣଙ୍କ ପାସ୍‌ବୁକରେ କିଛି ଟଙ୍କା କ୍ରେଡିଟ ବା ଜମା ହୋଇଛି। ତେଣୁ ଆପଣ ନିଶ୍ଚିନ୍ତ ନିଜର ୟୁପିଆଇ ଆକାଉଣ୍ଟ ଖୋଲି ସର୍ବପ୍ରଥମେ ଏହି ବିଷୟରେ ଜାଣିବା ପାଇଁ ଆଗ୍ରହ ରଖିବେ। ତେବେ ଏଇଠି ଆପଣ ପୂରାପୂରି ଫସିଯିବା ଥୟ। କାରଣ ଅଦୃଶ୍ୟ ଅନ୍‌ଲାଇନ ଠକମାନେ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ହୋଇ ଏକ ବଡ଼ଧରଣର କ୍ୟାଶ ୱିଥଡ୍ରୟାଲ ରିକୁଏଷ୍ଟ ପଠାଇ ନିଜର ଯୋଜନା ପ୍ରସ୍ତୁତ କରିସାରିଥିବେ। ଆପଣ ନିଜର ଆକାଉଣ୍ଟ ଜାଣିବା ପାଇଁ ୟୁପିଆଇ ଖୋଲିଲା ବେଳକୁ ଯେତେବେଳେ ନିଜେ ପିନ୍ ନମ୍ବରଟି ପ୍ରଦାନ କରିବେ ଏହା ସ୍ୱୟଂକ୍ରିୟ ଭାବେ ଆକସେସ୍ ହୋଇଯିବ, ଯାହାର ପରିଣାମ ସ୍ୱରୂପ କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯିବ।

ଆମ୍ଭମାନଙ୍କ ଭିତରେ ୟୁପିଆଇ ବହୁଳ ବ୍ୟବହାର ହେଉଛି। ତେବେ ଏଯାବତ୍ ଅନେକେ ପେମେଣ୍ଟ ରିକୁଏଷ୍ଟ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ତେଣୁ କୌଣସି ପରିସ୍ଥିତିରେ ଅଜଣା ମେସେଜ ପଢ଼ି ତୁରନ୍ତ ମନଇଚ୍ଛା ସେମାନଙ୍କ କଥା ଗ୍ରହଣ କରନ୍ତୁ ନାହିଁ। କାରଣ ଏହା ପଛରେ ଏପରି କିଛି ଠକାମିର ଲିଙ୍କ୍ ରହିଥାଏ, ଯାହାକୁ ଆପଣ ଟଚ୍ କରିବାମାତ୍ରେ ସ୍କାମରମାନେ ଜାଲ୍ ଏସ୍‌ଏମ୍‌ଏସ୍ ଗେଟୱେ ଦ୍ୱାରା ଆକାଉଣ୍ଟକୁ ଟଙ୍କା ଆସିବା ପରି ଏକ ଧାରଣା ତିଆରି କରନ୍ତି। ସେହି ଏସ୍‌ଏମ୍‌ଏସ୍‌ରେ ୟୁପିଆଇ ଆକାଉଣ୍ଟ ଖୋଲିବାର ବିକଳ୍ପ ବି ରହିଥାଏ। ତେଣୁ ଏହି କ୍ଷେତ୍ରରେ ଆଦୌ ନିଜର ୟୁପିଆଇ ଆକାଉଣ୍ଟ ଖୋଲନ୍ତୁ ନାହିଁ। ହଁ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେସେଜଗୁଡ଼ିକ କେଉଁ ବିଧିବଦ୍ଧ ସେଣ୍ଟରରୁ ଆସିଛି ତାହା ଯାଞ୍ଚ କରନ୍ତୁ। ବର୍ତ୍ତମାନ ଲୋକଙ୍କ ଭିତରେ ସଚେତନତା ବଢୁଥିବାରୁ ହ୍ୟାକରମାନେ ସେହିପରି ଠକାମିର ନୂଆ ନୂଆ ତରିକା ଆପଣେଇଲେଣି। ତେଣୁ ବର୍ତ୍ତମାନ ଆଇଭିଆର କଲ୍ ଦ୍ୱାରା ଠକିବାର ଏକ ନୂଆ ଫନ୍ଦି ସାଇବର ଠକମାନେ ଆପଣାଉଛନ୍ତି। ଆଇଭିଆର କଲ୍‌ଗୁଡ଼ିକ ଟ୍ରାଇ ଦ୍ୱାରା ନିୟନ୍ତ୍ରିତ ହେବା ସତ୍ତ୍ୱେ ଠକଙ୍କ ରାଜୁତି କିନ୍ତୁ କମୁନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଓ ଜରୁରିକାଳୀନ ଭୂମିକା ରହିଛି। ସେହିପରି ବିଭିନ୍ନ ପ୍ରକାର ଥାର୍ଡ଼ ପାର୍ଟି ଦ୍ୱାରା ଆପ୍ ବ୍ୟବସ୍ଥାକୁ ଗ୍ରହଣ କରି ଠକମାନେ ଟଙ୍କା ଗାଏବ କରିଥାନ୍ତି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସତର୍କତା କୁହାଯିବ ଆପଣ ଆପ୍ ଷ୍ଟୋରରୁ ଆପ୍ ଇନ୍‌ଷ୍ଟଲ କରିବା ପୂର୍ବରୁ ସେ ଆପ୍‌ର ଡେସ୍କ୍ରିପଶନ ପଢ଼ିବା ସହ ଭଲ କରି ପରଖିବା ଉଚିତ। କୌଣସି ପରିସ୍ଥିତିରେ କାହାକୁ ମୋବାଇଲକୁ ଆସିଥିବା ଓଟିପି କହିବେ ନାହିଁ। ଏଭଳି କିଛିଟା ସତର୍କତା ଅବଲମ୍ବନ କଲେ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷା ଦେଇପାରିବା। ସାଧାରଣତଃ ଅସହଜରେ ଟଙ୍କା ପାଇବା ଲୋଭରେ ଲୋକେ ଠକାମିର ଶିକାର ହୁଅନ୍ତି। ସହଜରେ ଟଙ୍କା ଉପାର୍ଜନ କରିବାର କୌଣସି ଉପାୟ ପୃଥିବୀରେ ନାହିଁ। ଏଇ କଥା ଥରେ ବୁଝିଗଲେ ଆଉ କେହି ଆପଣଙ୍କୁ ଠକିପାରିବେ ନାହିଁ।

ଆପଣଙ୍କ ଆକାଉଣ୍ଟକୁ ଯଦି ଅଚାନକ କୌଣସି ଭାବରେ କିଛି ଟଙ୍କା କ୍ରେଡ଼ିଟ ହୋଇଯାଇଛି ତେବେ ଆପଣ 'ରାତାରାତି ବଡ଼ଲୋକ ହୋଇଗଲେ ବୋଲି' ଏହି ବିଚାର ଆଦୌ କରନ୍ତୁ ନାହିଁ। କାରଣ କ୍ରେଡ଼ିଟ ସମ୍ବନ୍ଧରେ ସୂଚନାକୁ ଆପଣ ତତ୍‌କ୍ଷଣାତ ନ ଦେଖି ବରଂ କିଛି ସମୟ ପରେ ଏହାକୁ ଦେଖନ୍ତୁ। କାରଣ କିଛି ସମୟ ଅତିକ୍ରମ କରିଗଲେ ହ୍ୟାକରମାନେ ଆପଣଙ୍କୁ ଲୁଟିବା ପାଇଁ ଯେଉଁ କ୍ୟାଶ ୱିଥଡ୍ରୟାଲ ରିକୁଏଷ୍ଟ ଯୋଜନାବଦ୍ଧ ଭାବେ କରିସାରିଥିବେ ତାହା ଇତିମଧ୍ୟରେ ଇନ୍‌ଭାଲିଡ ହୋଇସାରିଥିବ। ସେହିପରି କୌଣସି ପରିସ୍ଥିତିରେ ଆଦୌ ଭୁଲ୍ ପିନ୍ ମାରନ୍ତୁ ନାହିଁ। କାରଣ ପ୍ରଥମ ପିନ୍‌ରେ ହିଁ ହ୍ୟାକରମାନେ ରିକୁଏଷ୍ଟ ଆକସେସ୍ କରିବା ପାଇଁ ସେମାନଙ୍କର ଠକାମିର ଜାଲ ବିଛେଇ ଥାଆନ୍ତି। ଆପଣ ଭୁଲ୍ ପିନ୍ ମାରିବା ଦ୍ୱାରା ସେ ରିକୁଏଷ୍ଟ କ୍ୟାନ୍‌ସେଲ ହୋଇଯାଏ। ଆପଣମାନଙ୍କର ସତର୍କତା କେବଳ ଆପଣଙ୍କୁ ନିଜର ଠକାମିରୁ ବଞ୍ଚାଇବ ନାହିଁ ବରଂ ବ୍ୟାଙ୍କ ପାଇଁ ଏକ ଅଯଥା ଆର୍ଥିକ ଝମେଲାରୁ ବଞ୍ଚାଇପାରିବ। ଆଜିର ସମୟରେ ଡିଜିଟାଲ ବ୍ୟବସ୍ଥା ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଚାଲିଛି। ତେଣୁ ଆପଣ ଉପରୋକ୍ତ ସତର୍କତାଗୁଡ଼ିକ ଗ୍ରହଣ କରି ବ୍ୟାଙ୍କିଙ୍ଗ କାରବାର କରି ନିଜର ଅର୍ଥକୁ ସୁରକ୍ଷିତ ରଖନ୍ତୁ ଏବଂ ଆପଣଙ୍କ ଆକାଉଣ୍ଟ ଖୋଲିଥିବା ବ୍ୟାଙ୍କକୁ ଅଯଥା ଝମେଲାରୁ ବଞ୍ଚାଇବାରେ ସକ୍ଷମ ହୁଅନ୍ତୁ।

ଏସ୍‌ବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ
ମୋ :୯୯୩୭୬୫୮୩୬୨



# ବୁଦ୍ଧଙ୍କ ଦେଶରେ ମନ୍ଦିର କଳି

ଲଳିତେନ୍ଦୁ ପଲାଉରୀ

ଦକ୍ଷିଣପୂର୍ବ ଏସିଆର ଦୁଇ ପଡ଼ୋଶୀ ଦେଶ ଥାଇଲାଣ୍ଡ-କାମ୍ବୋଡିଆ। ଭଗବାନ୍ ବୁଦ୍ଧଙ୍କୁ ଅନୁସରଣ କରୁଥିବା ଏହି ଦୁଇ ଦେଶର ୮୦ପ୍ରତିଶତ ଅଧିବାସୀ ବୌଦ୍ଧ ଧର୍ମାବଲମ୍ବୀ। ବିଶ୍ୱ ମାନଚିତ୍ରରେ ଥାଇଲାଣ୍ଡର ପର୍ଯ୍ୟଟନ ଅର୍ଥନୀତି ବେଶ୍ ସମୃଦ୍ଧ। ଯଦିଓ କୃଷି ଓ ପର୍ଯ୍ୟଟନ ଉପରେ କାମ୍ବୋଡିଆବାସୀ ନିର୍ଭର କିନ୍ତୁ ଥାଇଲାଣ୍ଡ ଭଳି ବିକଶିତ ନୁହେଁ। ଥାଇଲାଣ୍ଡ ଚାଇନାର ବନ୍ଧୁ ହୋଇଥିବା ବେଳେ କାମ୍ବୋଡିଆ ହେଉଛି ଆମେରିକାର ବନ୍ଧୁ। ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଚୟନ ଚର୍ଚ୍ଚାରେ ପ୍ରଥମେ କାମ୍ବୋଡିଆ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ହକ୍‌ଦାର ବୋଲି ମତ ରଖିଥିଲା। ବୁଦ୍ଧ ଉପାସକଙ୍କ ଏହି ଦୁଇ ଦେଶ ମଧ୍ୟରେ ଦୁଇଟି ପ୍ରାଚୀନ ମନ୍ଦିରକୁ ନେଇ ବିବାଦ ବେଶ୍ ପୁରୁଣା। ଅନେକ ଥର ଏହି ବିବାଦ ସମାଧାନ ପାଇଁ ଉଦ୍ୟମ ବିଫଳ ହୋଇଛି। ୨୦୨୫ ଅକ୍ଟୋବରରେ ମାଲେସିଆରେ ଆୟୋଜିତ ଆସିଆନ ଶିଖର ବୈଠକରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ-କାମ୍ବୋଡିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାରେ ସଫଳ ହୋଇଥିଲେ ମଧ୍ୟ ଏହା ବେଶି ଦିନ ତିଷ୍ଠିପାରିନି। ୨୦୨୫ ଶେଷ ଭାଗରେ ଥାଇଲାଣ୍ଡ-କାମ୍ବୋଡିଆ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଥାଇଲାଣ୍ଡ କାମ୍ବୋଡିଆ ସୀମାରେ ଏୟାର ଷ୍ଟ୍ରାଇକ କରି ପ୍ରଥମେ ଶାନ୍ତି ରାଜିନାମାକୁ ଉଲ୍ଲଂଘନ କରିଥିବା କାମ୍ବୋଡିଆ ଅଭିଯୋଗ କରିଛି। ଥାଇଲାଣ୍ଡର ଏଫ୍-୧୬ ଲଢୁଆ ବିମାନରେ ମଧ୍ୟ କାମ୍ବୋଡିଆର ଧର୍ମସ୍ଥଳଗୁଡ଼ିକୁ ଟାର୍ଗେଟ କରିଥିଲା ଆଉ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲା ଥାଇଲାଣ୍ଡ। କାମ୍ବୋଡିଆ ସେନା ମନ୍ଦିରରେ ଅସ୍ତ୍ରଶସ୍ତ୍ର ରଖି ଏହାକୁ ସାମରିକ ଘାଟି ଭାବେ ବ୍ୟବହାର କରୁଥିବା ଥାଇଲାଣ୍ଡ ଆପତ୍ତି ଉଠାଇଥିଲା। ତେଣୁ ଉଭୟ ଦେଶ ମଧ୍ୟରେ ଛକାପଞ୍ଝା ସହ ଯୁଦ୍ଧସ୍ଥିତି ଉପୁଜିଛି। କାମ୍ବୋଡିଆ ସୀମାରେ ଥିବା ସ୍କୁଲଗୁଡ଼ିକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରାଯାଇଛି। ଉଭୟ ଦେଶର ସେନା ଆଲର୍ଟ ମୋଡ୍‌ରେ ରହିଛନ୍ତି। ଗତ ୨ମାସ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

କହିବାକୁ ଗଲେ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ବିବାଦ ୧୧୮ ବର୍ଷ ପୁରୁଣା। ଦୁଇ ଦେଶର ସୀମାରେ ଥିବା ଦୁଇଟି ପ୍ରାଚୀନ ଶିବ ମନ୍ଦିରକୁ ନେଇ ବିବାଦ ବାରମ୍ବାର ହିଂସାତ୍ମକ ରୂପ ନେଉଛି। ଏହି ମନ୍ଦିର ଦୁଇଟି ହେଲା ପ୍ରିୟାହ ଭିହେର ଏବଂ ଟା ମୁଏନ ଥାମଁ ମନ୍ଦିର। ଉଭୟ ମନ୍ଦିରକୁ ଥାଇଲାଣ୍ଡ ଓ କାମ୍ବୋଡିଆ ସେମାନଙ୍କର ବୋଲି ଦାବି କରୁଛନ୍ତି। ୨୦୦୮ରେ ୟୁନେସ୍କୋ ଏହି ମନ୍ଦିର ଦୁଇକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଅନ୍ତର୍ଭୁକ୍ତ କରିବା ପରେ ବିବାଦ ଅଧିକ ଘନୀଭୂତ ହୋଇଛି। ୨୦୧୩ରେ ଅନ୍ତର୍ଜାତୀୟ ନ୍ୟାୟାଳୟ ନିର୍ଦ୍ଦେଶ ଥିଲା କେବଳ ମନ୍ଦିର ନୁହେଁ, ଆଖପାଖ ଅଞ୍ଚଳ ମଧ୍ୟ କାମ୍ବୋଡିଆର। ଥାଇଲାଣ୍ଡ ଏହି ନିଷ୍ପତ୍ତିକୁ ସ୍ୱୀକାର କରୁନି। ଗତବର୍ଷ ଜୁନ୍ ୧୫ରେ ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିଥିଲା।



ସେହି ସମୟରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଥିବା ପି.ସିନାୱାତ୍ରା କାମ୍ବୋଡିଆର ନେତା ହୁନ ସେନଙ୍କ ସହ ଫୋନରେ କଥା ହୋଇ ଥିବା ଘଟଣା ସୋସିଆଲ ମିଡିଆରେ ଆସିବା ପରେ ଦେଶରେ ବିରୋଧାଭାସ ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋରଦାର ହୋଇଥିଲା। ଦେଶବ୍ୟାପୀ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପି. ସିନାୱାତ୍ରାଙ୍କ ବିରୋଧରେ ଅସନ୍ତୋଷ ଦେଖାଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ସିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରାଯାଇଥିଲା। ପି. ସିନାୱାତ୍ରା ଦେଶବାସୀଙ୍କୁ କ୍ଷମା ମାଗିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ପଦରୁ ହଟିବାକୁ ବାଧ୍ୟ ହୋଇଥିଲେ। ପୂର୍ବରୁ ଫ୍ରାନ୍ସ ଦ୍ୱାରା ଶାସିତ କାମ୍ବୋଡିଆ ସ୍ୱାଧୀନତା ପରେ ଏହାର ୮ଶହ କିମି ସୀମାବର୍ତ୍ତି ଅଞ୍ଚଳର ସାର୍ବଭୌମତ୍ୱକୁ ନେଇ ଥାଇଲାଣ୍ଡ ସହ ବିବାଦ ମଧ୍ୟ ରହିଛି। ଏହାସହ ୧୯୬୨ରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଏହି ପ୍ରାଚୀନ ଶିବ ମନ୍ଦିରକୁ କାମ୍ବୋଡିଆର ଅଂଶ ଭାବରେ ଘୋଷଣା କରିଥିଲେ। କିନ୍ତୁ ଥାଇଲାଣ୍ଡର କିଛି ଜାତୀୟତାବାଦୀ ଗୋଷ୍ଠୀ ଏହାକୁ ଚ୍ୟାଲେଞ୍ଜ କରି ଆସୁଛନ୍ତି।

ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ନିର୍ମିତ ଉଭୟ ପ୍ରାଚୀନ ଶିବ ମନ୍ଦିରକୁ ନକ୍‌ସାରେ କାମ୍ବୋଡିଆର ବୋଲି ଉଲ୍ଲେଖ କରିଥିଲା ଫ୍ରାନ୍ସ। ସେତେବେଳେ କିନ୍ତୁ ଥାଇଲାଣ୍ଡ ପକ୍ଷରୁ ଏହାକୁ ବିରୋଧ କରାଯାଇ ନ ଥିଲା। ପରେ ବିବାଦ ଉଗ୍ର ହୋଇଥିଲା। ସେହି ଶିବ ମନ୍ଦିର ଦୁଇଟିକୁ ନେଇ ବିବାଦ ବଢୁଛି। ନିକଟରେ କାମ୍ବୋଡିଆ ସୈନିକମାନେ ମୁଏନ ଥାମଁ ମନ୍ଦିରକୁ ତାରଜାଲିଘେରା କରିଥିବା ବେଳେ ଥାଇଲାଣ୍ଡ ସୈନିକମାନେ ରକେଟ ଓ ଡ୍ରୋନ ମାଡ଼ କରି ଏହାକୁ ଉଡ଼ାଇ ଦେଇଥିଲେ। ଟା ମୁଏନ ଥାମଁ ମନ୍ଦିର ଏଭଳି ସ୍ଥାନରେ ଅବସ୍ଥିତ, ଏହା କେଉଁ ଦେଶରେ ସାମିଲ ରହିବ ତାହା ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇପାରୁନି। ତେବେ କାମ୍ବୋଡିଆ କହିବା କଥା ଖମେର ସାମ୍ରାଜ୍ୟ କାମ୍ବୋଡିଆର ଅଂଶ ହୋଇଥିବାବେଳେ ଏହା କାମ୍ବୋଡିଆବାସୀଙ୍କ ଉପାସନା ପୀଠ ରହି ଆସିଛି। ଖମେର ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ସଭ୍ୟତା। ନବମ ଶତାବ୍ଦୀରୁ ୧୫ଶହ ଶତାବ୍ଦୀ ଯାଏ ଏହା ସମୃଦ୍ଧ ଥିଲା। ଖମେରମାନେ ଉଭୟ ଥାଇଲାଣ୍ଡ ଓ ଭିଏତ୍‌ନାମର କିଛି ଅଞ୍ଚଳକୁ ଶାସନ କରିଥିବା କାମ୍ବୋଡିଆ ପକ୍ଷରୁ କୁହାଯାଇଛି। ସେପଟେ ଥାଇଲାଣ୍ଡ କହୁଛି ଏହି ମନ୍ଦିର ଚାରିପଟ ଥିବା ଜମି ତାହାର। ଥାଇଲାଣ୍ଡ ପ୍ରିୟାହ ଭିହେର ମନ୍ଦିର ଉପରେ ବାରମ୍ବାର ନିୟନ୍ତ୍ରଣ ଦାବି କରୁଛି, ଯାହାକୁ ନେଇ କାମ୍ବୋଡିଆ ୧୯୫୯ରେ ମାମଲାକୁ ଅନ୍ତର୍ଜାତୀୟ କୋର୍ଟରେ ଉପସ୍ଥାପନ କରିଥିଲା। ୧୯୬୨ରେ ଅଦାଲତ କହିଥିଲେ ଏହି ମନ୍ଦିର କାମ୍ବୋଡିଆର ଏବଂ ଥାଇଲାଣ୍ଡ ତା'ର ସୈନିକ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲେ କିନ୍ତୁ ଆଖପାଖ ଅଞ୍ଚଳ ନିଜର ବୋଲି ଦାବି କରୁଛି।

ବାଲିପନ୍ତାଳ,ନଗର,ଅସ୍ତରଙ୍ଗ,ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ହିମାଳୟ ଜୈବ ବିବିଧତାର ଗନ୍ତାଘର। ଏହା ହେଉଛି ଦୁର୍ଲଭ ଔଷଧୀୟ ବୃକ୍ଷ ଓ ପୁଷ୍ପର ଭଣ୍ଡାର। ଏପରିକି ସେଠାରେ ଥିବା ଆହୁରି ଅନେକ ବୃକ୍ଷ ସମ୍ପର୍କରେ ଉଦ୍ଭିଦବିଜ୍ଞାନୀମାନେ ତଥ୍ୟ ହାସଲ କରିପାରିନାହାନ୍ତି। ତେବେ ଯେଉଁସବୁ ବିରଳ ବୃକ୍ଷ ସମ୍ପର୍କରେ ଏବେ ଜଣାପଡ଼ିଛି ସେଗୁଡ଼ିକ ମଧ୍ୟରୁ ହିମାଳୟର ଆଶ୍ଚର୍ଯ୍ୟ ଭାବେ ଜଣାଶୁଣା ସିକିମ୍ ସୁନ୍ଦରୀ ଅନ୍ୟତମ। ଏହାର ବିରଳ ଫୁଲ ଅନେକ ଦଶନ୍ଧି ପରେ ଗତ ବର୍ଷ ଡିସେମ୍ବରେ ଫୁଟିବା ଆରମ୍ଭ ହୋଇଛି, ଯାହା ପ୍ରକୃତିପ୍ରେମୀ ଓ ଉଦ୍ଭିଦବିଜ୍ଞାନୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପୂର୍ଣ୍ଣ ରୂପେ ଫୁଟିଲା ପରେ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସିକିମ୍ ସୁନ୍ଦରୀ ଗଛ ଅନେକ ବର୍ଷ ଅନ୍ତରରେ ୨ ମିଟର ଉଚ୍ଚଯାଏ ବଢ଼େ ଓ ଫୁଲ ଫୁଟେ। ଏହି ସମୟରେ ଏହା ଏକ ଟାୱାର ଭଳି ଦେଖାଯାଏ। ମଞ୍ଜି ଧରିବା ପରେ ଗଛର ଜୀବନଚକ୍ର ସମ୍ପୂର୍ଣ୍ଣ ହୋଇଥାଏ। ସମୁଦ୍ର ପତ୍ତନଠାରୁ ୪,୦୦୦ରୁ ୪,୮୦୦ ମିଟର ଉଚ୍ଚରେ ଫୁଟେ ଏହି ଫୁଲ। ସ୍ଥାନୀୟ ଲୋକେ ଏହାକୁ ବିଶେଷକରି ପାରମ୍ପରିକ ଚିକିତ୍ସାରେ ବ୍ୟବହାର କରିଥାନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ଜାନୁଆରୀ ୧୯୭୭

- ଉପରାଷ୍ଟ୍ରପତି ବି.ଜି. ଜଟ୍ଟି ଶହୀଦନଗରଠାରେ 'ଇଣ୍ଡିଆନ ମେଟାଲ୍ସ କମ୍ପାନୀ ଦାତବ୍ୟ ସଂସ୍ଥା' ପକ୍ଷରୁ ପ୍ରତିଷ୍ଠିତ ହେଉଥିବା ଏକ ଅବସର ବିନୋଦନ କେନ୍ଦ୍ର ଓ ଶିଶୁ ଉଦ୍ୟାନର ଭିତ୍ତି ସ୍ଥାପନ କରିଛନ୍ତି।
- ଚାଷନଳା କୋଇଲା ଖଣି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣା ଜମି, ଚାକିରି ସହ ପରିବାର ପିଛା ୧୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ସଖିରେ ସେହି ମତି ବରଷା କରେ ରତି
ଧରାରେ ଉପୁଜାଇ ପୁଲକ
ତନୁରେ ତନୁ ମିଶି ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଧୁବାବୁ ପେନ୍‌ସନ ହିତାଧିକାରୀ ହଟହଟା

ମହାଶୟ,

ପୂର୍ବରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନୂତନ ବିନ୍ୟାସରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ହେବାରୁ ଆଇଏଫ୍‌ଏସ୍‌ସି କୋଡ୍ ପରିବର୍ତ୍ତନ ଯୋଗୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରୁ ମଧୁବାବୁ ପେନ୍‌ସନ ଯୋଜନା ଭତ୍ତା ପାଉଥିବା ହିତାଧିକାରୀମାନେ ନଭେମ୍ବର ଓ ଡିସେମ୍ବର ୨୦୨୫ର ଭତ୍ତା ପାଇ ନାହାନ୍ତି। ଫଳରେ ସେମାନେ ଦୁର୍ଦ୍ଦିନରେ ରହିଛନ୍ତି। ସତ୍ୟବାଦୀ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ କ'ଣ ଏହି ଅସୁବିଧା ସମ୍ବନ୍ଧରେ ଜ୍ଞାତ ନୁହନ୍ତି ? କ'ଣ କଲେ ହିତାଧିକାରୀମାନେ ଭତ୍ତା ପାଇବେ ସେ କଥା କୁହାଯାଉନାହିଁ। କିନ୍ତୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରେ ଅନୁସନ୍ଧାନ କଲେ ସେମାନେ ବ୍ଲକ୍‌ରୁ ଟଙ୍କା ଆସିନାହିଁ ବୋଲି କହୁଛନ୍ତି। ଯଦି ଏହା ସତ ହୁଏ ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ହିତାଧିକାରୀମାନେ ଭତ୍ତା ପାଇବାରେ ବିଳମ୍ବ ହେଉଛି ବୋଲି ବୁଝିବାକୁ ପଡ଼ିବ। ଅତି ଶୀଘ୍ର ସମସ୍ୟା ସମାଧାନକରି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ।

-ରାମଚନ୍ଦ୍ର ଦାଶ,ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗଡ଼କୁଣ୍ଡ,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପ୍ରଧାନ ଶିକ୍ଷକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

### ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଘଟଣା

**କାଳିପଦା,୧୨।୧(ରାଜଶ୍ରୀ ପାଣିଗ୍ରାହୀ):** ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଘଟଣାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ନିଲମ୍ବିତ କରାଯାଇଥିଲା। ଯାହାକୁ ନେଇ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲା। ତେବେ ସୋମବାର ଅପରାହ୍ନରେ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କୁ ଭେଟି କୌଣସି କାରଣ ନ ଥାଇ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି କରିବା ସହିତ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିବା ଦ୍ୱାରା ଦୀର୍ଘ ୭୨ଘଣ୍ଟା ଧରି ସେ ମାନସିକ ଯନ୍ତ୍ରଣା ଭୋଗୁଥିବା ନେଇ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ତାଙ୍କ ନିଲମ୍ବନ ଆଦେଶକୁ ଯଥାଶୀଘ୍ର ପ୍ରତ୍ୟାହାର କରିବା ପାଇଁ ଶିକ୍ଷକ ସଂଘ ଦାବି କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି।

# ବାଟବଣା ବାୟୁ ପ୍ରଦୂଷଣ କଟକଣା


■ ବେଆଇନ ଭାବେ ଚାଲିଛି ଇଟାଭାଟି

■ ମାର୍ଗଦର୍ଶିକା ଜାରି କରି ପ୍ରଶାସନ ଚୁପ୍

**ଲଙ୍ଗଳେଶ୍ୱର, ୧୨।୧(କମଳାକାନ୍ତ ଦାସ)**

ବାଲେଶ୍ୱର ଜିଲାରେ ବାୟୁ ପ୍ରଦୂଷଣ ପ୍ରତିହତ କରିବା ଲାଗି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଭିଡିଓ କନଫରେନ୍ସିରେ ସମୀକ୍ଷା କରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ଥିତି ବିଗୁଡୁଥିବାରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍) ଧାରା ୧୬୩ ଅନୁଯାୟୀ କଟକଣା ଜାରି ହୋଇଛି। ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଭିଡିଓ କନଫରେନ୍ସିରେ ଗୃହ ଓ ରାସ୍ତା ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଆରଡବ୍ଲ୍ୟୁଏସ୍ଏସ୍, ଡ୍ରେନେଜ୍, ଜନସ୍ୱାସ୍ଥ୍ୟ, ସମସ୍ତ ଲାଇନ୍ ବିଭାଗର ଅଧିକାରୀ, ତହସିଲଦାର, ବିଡିଓ, ମ୍ୟୁନିସିପାଲିଟି, ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଜିଲାପାଳ ସମସ୍ତ ବିଭାଗକୁ ଜାରି ନିର୍ଦ୍ଦେଶଗୁଡ଼ିକୁ ଦୃଢ଼ତାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଟକଣାର କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଖିଲା ଓ ଧୂଳିଭରା ଅଞ୍ଚଳରେ ନିୟମିତ ପାଣି ଛାଟିବା, ଖୋଲାସ୍ଥାନରେ ନିଆଁ ଜଳାଇଲେ ଜରିମାନା ସହ କଡ଼ା କାର୍ଯ୍ୟାନୁଷ୍ଠାନ, ବେଆଇନ ଇଟା ଭାଟିଗୁଡ଼ିକରେ ଜରିମାନା ଓ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ବସ୍ତା ତହସିଲ ଅଧୀନରେ ଗଢ଼ିଉଠିଥିବା ବେଆଇନ ଇଟାଭାଟିରେ ପ୍ରଦୂଷଣ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରି ମାଲିକମାନେ ବେଧଡ଼କ ବେପାର ଜମାଇଛନ୍ତି।

ସୂଚନା ଅନୁସାରେ ଦୀର୍ଘବର୍ଷ ଧରି ବସ୍ତା ଓ ସିଂଲା ଥାନା ଅଞ୍ଚଳରେ ଶତାଧିକ ବେଆଇନ ଚଦର ଇଟାଭାଟି ଓ ଚିମନି ଭାଟି ମାନ ଗଢ଼ି ଉଠିଛି। ବସ୍ତା ତହସିଲ ଅଧୀନ ସନ୍ତୋଷପୁର, ରଘୁନାଥପୁର, କରୁଆ, ପାଉଁଶକୁଲି, ତାଡ଼ଦା, ସିଂଲା, ଭେଲୋରା, ନାବରା ଆଦି ପଞ୍ଚାୟତରେ ୭୦ରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟି ଖଣି ବିଭାଗ ଓ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି ପ୍ରମାଣ ପତ୍ର ନ ନେଇ ଖୁଲମଖୁଲା ବେପାର ଚାଲିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ



ଇଟାଭାଟି ଚିମିନୀରୁ ବାହାରୁଥିବା ଧୂଆଁ।

ମାର୍ଗଦର୍ଶିକା ଜାରି ହେବା ପରେ ଗତ ଶୁକ୍ରବାର ରଘୁନାଥପୁର ପଞ୍ଚାୟତର ଟାଟା ଇଟାଭାଟି, ଲାୟନ ଇଟାଭାଟି, ନାବରା ପଞ୍ଚାୟତର ଦେବୀ ଜିଗଜାଗ ବିଶାଳ ଚିମିନି ଇଟାଭାଟିର ଧୂଆଁରେ ଆକାଶ ଧୂଆଁମୟ ହେଉଛି। ଫଳରେ ଅଞ୍ଚଳବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ଛୋଟପିଲା ଛାତିରେ ଯନ୍ତ୍ରଣା ଭୋଗିବା ଓ କାଶରେ ପଡୁଥିବା ଅଭିଯୋଗ ଆସିଛି। ଉକ୍ତ ଇଟାଭାଟିଗୁଡିକ ମଧ୍ୟରୁ ୩୧ଟିକୁ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଗତ ଗୁରୁବାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ ମଧ୍ୟ ମାଲିକମାନେ ଏହାକୁ ନ ମାନି ଶୁକ୍ରବାର ନିର୍ଭୟରେ ଇଟାଭାଟି ଚଲାଇଥିଲେ। ଇଟା ଭାଟିର ମାଲିକ ସ୍ଥାନୀୟ ଚାଷଜମିରୁ ମାଟି ଆଣି ଇଟା ତିଆରି କରୁଛନ୍ତି। ଯାହାକୁ ଖଣିବିଭାଗ ଏବଂ ତହସିଲ ବିଭାଗ ଜାଣି ନ ଜାଣିଲା ଭଳି ଚୁପ୍ ରହୁଛି। ଆଦୌ ରାଜସ୍ୱ ନ ଦେଇ ଇଟାଭାଟି ମାଲିକ ମାଲେମାଲ ହେଉଛନ୍ତି। ପ୍ରଦୂଷଣ, ଖଣି, ତହସିଲ ଓ ଜଙ୍ଗଲ ବିଭାଗ ଏହି ଇଟାଭାଟି ମାଲିକଙ୍କ ପ୍ରତି ଆଖିବୁଜି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଇଟାଭାଟି ମାଲିକ ବେଆଇନ ମାଟି ଉଠାଇବା ସହିତ ଚୋରା କୋଇଲା ବ୍ୟବହାର କରୁଛନ୍ତି। ଚୋରା କୋଇଲା ବେପାରୀ ମଧ୍ୟ ସକ୍ରିୟ ରହୁଛନ୍ତି। ଯାହା ବାୟୁ ପ୍ରଦୂଷଣ ମାତ୍ରାକୁ ବଢ଼ାଇ ଚାଲିଛି। ଜିଲା ପ୍ରଶାସନ, ପ୍ରଦୂଷଣ ଓ ଖଣି ବିଭାଗ କେବଳ ନୋଟିସ ଜାରି କରି କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉପଜିଲାପାଳ ଶିବ ମାଲଭିୟାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ସମ୍ପାଦକଙ୍କ ନିଲମ୍ବନର କାରଣ ଦର୍ଶାଇଲା ବୋର୍ଡ



ଖବରଦାତା ସମ୍ମିଳନୀରେ ଚିଉଳ ସେବା ସମବାୟ ସମିତି କର୍ମକର୍ତ୍ତା।

**ବାହାନଗା, ୧୨।୧(ଅରୁଣ କୁମାର ଦାସ)**

### ଚିଉଳ ସେବା ସମିତି

ବାହାନଗା ବ୍ଲକ ଚିଉଳ ସେବା ସମବାୟ ସମିତି ସମ୍ପାଦକ ଚନ୍ଦ୍ରଶେଖର ନାୟକଙ୍କୁ ନିଲମ୍ବନ ନେଇ କାରଣ ସ୍ପଷ୍ଟ କରିଛି ସମିତି ବୋର୍ଡ। ଏନେଇ ରବିବାର ଅପରାହ୍ନରେ ସମିତି ପରିସରରେ ଏକ ଖବରଦାତା ସମ୍ମିଳନୀ କରି ବୋର୍ଡ ସଭାପତି ଅଭୟ ପଣ୍ଡା, ବୋର୍ଡ ଡାଇରେକ୍ଟର ଗୋଲକ ପ୍ରଧାନ, ଅନନ୍ତ କୁମାର ବିଶ୍ୱାଳ, ବିଶ୍ୱରଞ୍ଜନ ବେହେରା, ଦିବାକର ନାୟକ, ରବିନାରାୟଣ ନାୟକ, ଗୋବର୍ଦ୍ଧନ ଦାସ, ଭାଗିରଥି ସାହୁ ଓ ବୃନ୍ଦାବନ ନାୟକ ପ୍ରମୁଖ ସମେତ ତଦାରଖ କମିଟି ସଦସ୍ୟମାନେ ସମ୍ପାଦକ ନାୟକଙ୍କ ଦୁର୍ନୀତି ସମ୍ପର୍କରେ ପ୍ରକାଶ କରିଥିଲେ।

ସମ୍ପାଦକ ଚନ୍ଦ୍ରଶେଖର ନାୟକ ସଭାପତିଙ୍କ ବିନା ଦସ୍ତଖତରେ ଅତିକ୍ରମରେ ୪ଲକ୍ଷ ଟଙ୍କା ନେଇଯାଇଥିବା ଜଣାପଡିବା ପରେ ତାଙ୍କ ବିରୋଧରେ ତଦନ୍ତ କରାଯାଇ ଗତ ୭ ତାରିଖରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଛି। ଏ ବାବଦରେ ବୋର୍ଡ ପକ୍ଷରୁ ବାହାନଗା ସମବାୟ ବ୍ୟାଙ୍କ, ବାହାନଗା ବିଡିଓ, ବାଲେଶ୍ୱର ଅତିରିକ୍ତ ଆକାଉଣ୍ଟସ କୋଅପରେଟିଭ ସୋସାଇଟି, ଏଆରସିଏସ, ଡିଆରସିଏସ, ବାଲେଶ୍ୱର ଜିଲାପାଳ, ରାଜ୍ୟ ଭୁବନେଶ୍ୱରରେ ଆରସିଏସ୍, ସମବାୟ ମନ୍ତ୍ରୀ ପ୍ରମୁଖଙ୍କ ନିକଟକୁ ଚିଠି ମାଧ୍ୟମରେ ନିଲମ୍ବନ କରାଯାଇଥିବା ଜଣାଇ ଦିଆଯାଇଛି। ସମ୍ପାଦକ ତାଙ୍କ ଯୋଗ୍ୟ ଦରମା ଠାରୁ ଢେର ଅଧିକ ଦରମା ବେଆଇନ ଭାବେ ନେବା, ଏସଏଚ୍‌ଜି ପକ୍ଷରୁ ନେଇଥିବା ଲୋନର ସବସିଡି ସେମାନଙ୍କ ଖାତାକୁ ନ ଦେଇ ନିଜେ ଉଠାଇନେବା ସମେତ ୨୧ଟି ଅଭିଯୋଗକୁ ନେଇ ବୈଠକରେ ବିଚାରବିମର୍ଶ ପରେ ତାଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନ କରିବା ନିଷ୍ପତ୍ତି ନେଇ ରିଜୋଲେସନ କରାଯାଇ ନିଲମ୍ବନ କରାଯାଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଏ ସମ୍ପର୍କରେ ସମ୍ପାଦକ ଚନ୍ଦ୍ରଶେଖର ନାୟକ କହିଛନ୍ତି ଯେ, ବୋର୍ଡର ନିଲମ୍ବନ କରିବାର କୌଣସି କ୍ଷମତା ନାହିଁ। ମୋର ଉପରିସ୍ଥ ଅଧିକାରୀ ଡିଆରସିଏସ କିମ୍ବା ଏଆରସିଏସ ଚିଠି କରି ଜଣାଇନାହାନ୍ତି।

# ଜଳେଶ୍ୱର ବ୍ଲକରେ ଧାନମଣ୍ଡି ଉଦ୍‌ଘାଟିତ

**ଜଳେଶ୍ୱର, ୧୨।୧(ନବୀନ ସାହୁ)**



ଜଳେଶ୍ୱର ବ୍ଲକରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଖୁଆଡ଼ ସମବାୟ ସମିତି, ଇକଡ଼ା ସମବାୟ ସମିତି, ଅଲାଲପୁର ସମବାୟ ସମିତିରେ ସରକାରଙ୍କ ତରଫରୁ ଧାନକିଣା ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ତରଫରୁ ପ୍ରତ୍ୟେକ ସମବାୟ ସମିତିକୁ ୧ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ରହିଛି। ପ୍ରଥମ ଦିନରେ ଖୁଆଡ ସମବାୟ ସମିତିରେ ୧୫ଜଣ ଚାଷୀଙ୍କଠାରୁ ୫ଶହ କୁଇଣ୍ଟାଲ ଧାନକିଣା ଯାଇଛି ବୋଲି ଖୁଆଡ଼ ସମବାୟ ସମିତିର ସଂପାଦକ ମନୋଜ କୁମାର ଜେନା ସୂଚନା ଦେଇଛନ୍ତି। ଏସଏସ୍ ଏଗ୍ରି ରାଇସ ମିଲ ମିଲର ଖୁଆଡ଼ ସମବାୟ ସମିତିରୁ ଧାନ କିଣିଛନ୍ତି।

### ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ସେମିରେ ବାଲେଶ୍ୱର ଆଦର୍ଶ କ୍ଲବ ବିଜୟୀ

**ଖଇରା, ୧୨।୧(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ବାଲେଶ୍ୱର ଆଦର୍ଶ କ୍ଲବ ଭଦ୍ରକର ସୂର୍ଯ୍ୟଶିଖା କ୍ଲବକୁ ୧୯୧ରନର ବିଶାଳ ସ୍କୋର ବ୍ୟବଧାନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆଦର୍ଶ କ୍ଲବ ରାଉଳ ଗୁପ୍ତାଙ୍କ ଧୂଆଁଧାର ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ଓଭରରେ ୨୪୨ ରନ ସଂଗ୍ରହ କରିଥିଲା। ୨୪୩ ରନର ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ସୂର୍ଯ୍ୟଶିଖାର ଦ୍ରୁତ ଉଇକେଟ ପତନ ଯୋଗୁ ୧୦.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୫୧ ରନ କରି ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ସୁଧାଂଶୁ ଲେଙ୍କା ଏବଂ ରାଜୀବ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। କମିଟି ସଭାପତି ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱରର ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ସ୍ୱରୂପ ଦାସ ଓ ସୁଧାଂଶୁ ଶେଖର ପରିଡା, ବିଶ୍ୱଭୂଷଣ ପ୍ରଧାନ, ରବୀନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ ଅରୁଣ ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଘୋଷିତ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ଓ ଶୁଭ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିଧାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



ଜଣେ ମହିଳା ରକ୍ତଦାତାଙ୍କ ଗହଣରେ ବିଧାୟକ।

**ବାଲେଶ୍ୱର, ୧୨।୧(ବାଞ୍ଛାନିଧି ଦେ):** ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଜନ୍ମଦିନ ଉପଲକ୍ଷେ ଶନିବାର ରେମୁଣା ଭାଜପା କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ଜିଲା ଉପସଭାପତି ସୁକୁମାର ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସମ୍ପାଦକ ରାକେଶ ମହାପାତ୍ର, ଜିଲା ଉପସଭାପତି ସିପ୍ରା ମହାପାତ୍ର, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଲମ୍ବୋଦର ପ୍ରଧାନ, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଗୋପୀନାଥ ସେନାପତି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ଲଡ ବ୍ୟାଙ୍କ ଅଫିସର ଓ ଟିମ୍‌ଙ୍କ ସହାୟତାରେ ମୋଟ ୩୭୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପ୍ରତ୍ୟେକ ରକ୍ତଦାତାଙ୍କୁ ବିଧାୟକ ଦାସ ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସମ୍ପାଦିକା ରବିତା ଦାସ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ମାନସ ମହାନ୍ତି, ରଘୁନାଥ ପରିଡ଼ା, ଉମାକାନ୍ତ ଜେନା, ପ୍ରଫୁଲ୍ଲ ଦ୍ୱିବେଦୀ, ବିବେକ ବିକାଶ ରାଉତ, ପୂର୍ବତନ ମଣ୍ଡଳ ସଭାପତି ବିଭୂତି ରଞ୍ଜନ ସେନାପତି, କୃଷ୍ଣଚନ୍ଦ୍ର ସାହାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଝାଟିଆମାଳରେ ୮୦ ଦୋକାନ, ୧୫ ବାସଗୃହ ଉଚ୍ଛେଦ

## ପ୍ରଭାବିତ ହେବେ ୩ଶହ ବ୍ୟବସାୟୀ

**ସିମୁଳିଆ, ୧୨।୧(ସନ୍ତୋଷ ନାୟକ):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡି ପଞ୍ଚାୟତର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥାନୀୟ ଲୋକଙ୍କ ପ୍ରୟାସରେ ପ୍ରାୟ ୫୧ବର୍ଷ ପୂର୍ବେ ଗଢାଯାଇଥିବା ଝାଟିଆମାଳ ଛକକୁ ପ୍ରଶାସନ ସୋମବାର ଉଚ୍ଛେଦ କରିଛି । ମାଜିଷ୍ଟ୍ରେଟ ରୂପେ ସିମୁଳିଆର ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ସୋର ତହସିଲଦାର ବୈରାଗୀ ମଲିକ, ସ୍ଥାନୀୟ ଆରଆଇ ସରସୀ ମହାନ୍ତି, ମାର୍କୋଣା ଆରଆଇ ଅରୁଣ କୁମାର ମହାଳିକ, ମଇତାପୁର ଆରଆଇ ତାପସ ସେନ, ପୁରୁଷୋତ୍ତମପୁର ଆରଆଇ ସୁବ୍ରତ କୁମାର ସିଂ, ସୁପରଭାଇଜର ଟିକୌଶ କୁମାର ସେନାପତିଙ୍କ ସମେତ ବିଦ୍ୟୁତ କର୍ମଚାରୀ, ପୋଲିସ ଓ ଦମକଳ ବାହିନୀ ପ୍ରମୁଖଙ୍କ ଉପସ୍ଥିତିରେ ଦୁଇଟି ଡ୍ରୋଜର ଏହି ଉଚ୍ଛେଦ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ଉଚ୍ଛେଦ ମଧ୍ୟରେ ୮୦ଟି ଦୋକାନ ବ୍ୟବସାୟ ପ୍ରତିଷ୍ଠାନ ସମେତ ପ୍ରାୟ ୧୫ଟି ବାସସ୍ଥାନ ରହିଛି। ତେବେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ପାଇଁ ସ୍ଥାନୀୟ ଲୋକମାନେ ଲୋକପ୍ରତିନିଧିମାନଙ୍କ ନିକଟକୁ ରବିବାର ଯାଇଥିଲେ ହେଁ ଲୋକ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେବା ପରେ ମୋବାଇଲ ସୁଇଚ୍ ଅଫ୍ ରଖିବାରୁ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜାମୁଝାଡ଼ି ପଞ୍ଚାୟତ ଜାମୁଝାଡି ମୌଜା, ଖାତା ନଂ. ୬୦୩, ପ୍ଲଟ ନଂ. ୧୨୫୦, କିସମ ମେଳନ ପଡିଆରେ ୧୯୭୫ମସିହାରେ ଝାଟିଆମାଳ ଛକ ପ୍ରତିଷ୍ଠା ହୋଇଥିଲା। ଏହି ସ୍ଥାନ ସୋର-ସିମୁଳିଆ ବ୍ଲକ ସମେତ ସିମୁଳିଆ ବ୍ଲକର ବାଟି, କ୍ଷୀରକୋଣା, ଜାମୁଝାଡି, ବରି ଆଦି ପଞ୍ଚାୟତର ଜନସାଧାରଣଙ୍କ ଦୈନନ୍ଦିନର ଖାଉଟି ସାମଗ୍ରୀର ଭରଣା ପାଇଁ ଚୟନ କରାଯାଇଥିଲା । ଏ ସମ୍ପର୍କରେ ସ୍ଥାନୀୟ ସାର ଦୋକାନୀ ନାରାୟଣ ବେହେରା କୁହନ୍ତି, ପୂର୍ବରୁ ଗୌଡପଡା ଗାଁ ଭିତରେ ଥିବା ପଡିଆରେ ହାଟ ଚାଲୁଥିଲା। ତେବେ ସମସ୍ତଙ୍କ ସୁବିଧା ପାଇଁ ଝାଟିଆମାଳକୁ ଚୟନ କରାଯାଇଥିଲା। ସେହିପରି ପରିବା ଦୋକାନୀ ଦିଲୀପ କୁମାର ସାହୁ(୪୧), ଚକ୍ରଧର ନାୟକ(୭୧), ତେଜରାତି ଦୋକାନୀ ବାସନ୍ତୀ ଦାସ(୬୨) କ୍ଷେଶନାରୀ ଦୋକାନୀ ଖଗେନ୍ଦ୍ର ବେହେରା(୬୫) ପ୍ରମୁଖ ବ୍ୟବସାୟୀମାନେ ଏହି ଉଚ୍ଛେଦ ବିରୋଧରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବ୍ୟବସାୟ କରି ପରିବାର ପୋଷଣ କରୁଥିବା ପରିବାର ପ୍ରତି ପ୍ରଶାସନ ଥଇଥାନର ବ୍ୟବସ୍ଥା ନ କରି ଗତ ୨ ତାରିଖ ଲେଖାଯାଇଥିବା ନୋଟିସକୁ ୭ତାରିଖରେ ପ୍ରଦାନ କରି ଉଚ୍ଛେଦ କରୁଥିବା ଅଭିଯୋଗ କରିଛନ୍ତି। ଏହାଦ୍ୱାରା ୩ଶହ ବ୍ୟବସାୟ ପ୍ରତିଷ୍ଠାନ ସମେତ ବିଭିନ୍ନ ବାସସ୍ଥାନ କରି ବସବାସ କରୁଥିବା ଲୋକମାନେ ପ୍ରଭାବିତ ହେବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଆରଆଇ ସରସୀ ମହାନ୍ତି କୁହନ୍ତି ଗତ ୨୦୨୨ରେ ସ୍ଥାନୀୟ ପରସ୍ପର ମଧ୍ୟରେ ଆକ୍ରୋଶମୂଳକ ରୂପେ ବଜାର ଉଚ୍ଛେଦ ପାଇଁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଡାହାଣ ପାର୍ଶ୍ୱ କରାଯାଇଛି, ପୁଣି ପରେ ବାମ ପାର୍ଶ୍ୱ କରାଯିବ । ପୂର୍ବରୁ ବାରମ୍ବାର ନୋଟିସ ପ୍ରଦାନ କରାଯିବା ପରେ ଏଲଇ ମାମଲା(ନଂ. ୪୮୬/୨୫) ଉଚ୍ଛେଦ କରାଯାଇଛି। ତେବେ ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ପୁଣି ବ୍ୟବସାୟୀମାନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।



ଝାଟିଆମାଳ ଛକରେ ଉଚ୍ଛେଦ କରାଯାଉଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,08,600/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **28 ଜାନୁଆରୀ, 2026 ଅପରାହ୍ନ 02:00 ଟା ଅଟେ।**

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି (Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧିନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ :** ₹ 35,40,000.00, **EMD :** ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-

ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-993/Q/25-26

**MUNICIPAL OFFICE: KENDRAPARA**
ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା
E-mail:kendraparamunicipality@gmail.com
Notice No.118/KM, Date:09.01.26
**"e" Procurement Notice**

**No.C-2037:** Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.

Further details can be seen from the procurement portal i.e. www.tendersorissa.gov.in.
OIPR-
Sd./- Executive Officer, Kendrapara Municipality

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

**ପରିବେଶୀୟ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇଡ୍‌କୋ ପ୍ଲଟ୍ ନଂ. ଏସ୍୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ" ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।**

ସ୍ଥାନ: ମୁମ୍ବାଇ — ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
**e-Procurement Notice**
**BID IDENTIFICATION NO.RWKSNG-online-08/25-26**

**No.O-2027:** 1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR-
Sd./- Superintending Engineer, Rural Works Division, Kesinga

**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470
'e' Procurement Notice No. BDO-RPS-02 of 2025-26

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | **13.01.2026** at 10.00 Hours | **28.01.2026** at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website **"https://tendersodisha.gov.in"**
All corrigendum/ cancellation of tender if any, will only be uploaded in the above website.
OIPR-
Sd./- BLOCK DEVELOPMENT OFFICER, RAGHUNATHPUR

**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
**NOTICE INVITING TENDER (NIT)**
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**

Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.

The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.

By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

ଗଣପର୍ବ ମକର

# ମୟୂରଭଞ୍ଜ ଉତ୍ସବମୁଖର

ବାରିପଦା,୧୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଗଣପର୍ବ ମକର ଉତ୍ସବ ପାଇଁ ମୟୂରଭଞ୍ଜ ଜିଲା ଉତ୍ସବ ମୁଖର ହୋଇଉଠିଛି। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଜନଜଞ୍ଜାଳ ହୋଇପଡ଼ିଛି। ସୁସ୍ୱାଦୁ ଖାଦ୍ୟ ସହ ନୂଆ ଲୁଗା ପରିଧାନ କରି ପର୍ବ ପାଳନ କରିବାକୁ ଲୋକେ ଦୋକାନ ବଜାରରେ ଭିଡ଼ ଜମାଉଛନ୍ତି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ବଡ଼ ପର୍ବପର୍ବାଣୀ ମଧ୍ୟରୁ ମକର ଅନ୍ୟତମ। ଯାହା ପାଇଁ ସରକାରୀସ୍ତରରେ ମଧ୍ୟ ସ୍ୱତନ୍ତ୍ର ଏକ ଦିନର ଅଧିକ ଛୁଟି ମଞ୍ଜୁର ହୋଇଥାଏ। ଏହି ପର୍ବକୁ ଆଉ ମାତ୍ର ଗୋଟିଏ ଦିନ ବାକି ଥିବା ବେଳେ ଏ ନେଇ ଜିଲାର କୋଣ ଅନୁକୋଣରେ ମକରର ମହକ ବାରି ହୋଇପଡୁଛି। ସବୁଆଡ଼େ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଧନୀଠାରୁ ଗରିବ ସମସ୍ତେ କିଛି ନା କିଛି ନୂଆ କିଣିବେ। ତେଣୁ ଅଞ୍ଚଳରେ ଚାଲୁଥିବା ହାଟଗୁଡ଼ିକରେ ହଜାର ହଜାର ଲୋକ ଏହି ପର୍ବ ପାଇଁ ପନିପରିବା,



ମକର ପର୍ବ ପାଇଁ ବଜାରରେ ଭିଡ଼ ଜମିଛି।

ସଉଦା, କୁଖୁଡ଼ା ଛେଳି ଆଦି କିଣିବାରେ ବ୍ୟସ୍ତ ଅଛନ୍ତି। ନୂଆ ଲୁଗା କିଣିବା ପାଇଁ ପ୍ରବଳ ଭିଡ଼ ଜମାଉଛନ୍ତି। ବିଶେଷକରି ଚୁଡ଼ା, ଗୁଡ, ଆଖୁ, କନ୍ଦମୂଳ, ଗୁଡ ଓ ରେଡିମେଡ୍ ପୋଷାକ ଦୋକାନମାନଙ୍କରେ ଲୋକଙ୍କ ଗହଳି ଜମୁଛି। ଆଦିବାସୀମାନେ ପିନ୍ଧୁଥିବା ରଙ୍ଗ ବେରଙ୍ଗର ଛପାଶାଢ଼ୀ, ନୂଆ ଧୋତି, ଗାମୁଛାର ଭଲକିଭଲ ପସରା ବ୍ୟବସାୟୀମାନେ ମେଲାଇଛନ୍ତି। ଲୋକେ ନୂଆ ବାସନ କୁସନ, ଘରୋଇ ଉପକରଣ, ଧାନ, ଚାଉଳ, ବାଉଁଶ ଟୋକେଇ ଓ ମାଟି ତିଆରି ହାଣ୍ଡି କିଣିବାରେ ବ୍ୟସ୍ତ। ସମଗ୍ର ମୟୂରଭଞ୍ଜ ଜିଲାରେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଏହି ପର୍ବକୁ ଧୂମଧାମରେ ପାଳନ କରାଯାଇଥାଏ। ମାଛ, ମାଂସ ଓ ପିଠାପଣା ସାଙ୍ଗକୁ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ କିପରି ପ୍ରସ୍ତୁତ ହେବ ସେଥିପାଇଁ ଗୃହିଣୀମାନେ ସଜବାଜ ଆରମ୍ଭ କରିଦେଇଛନ୍ତି। ପର୍ବ ଯେତେ ପାଖେଇ ଆସୁଛି ଲୋକେ ଘରର ଆଖପାଖ ସ୍ଥାନ ଓ ପୋଷାକକୁ ପରିଷ୍କାର ପରିଚ୍ଛନ୍ନ କରିବାରେ ଲାଗିଛନ୍ତି। ଚାଷୀ ତାର ବର୍ଷସାରାର ଧାନକୁ ଅମଳ କରି ଘରେ ସାଇତି ରଖିଛି। ମକର ସଂକ୍ରାନ୍ତି ଦିନ ପ୍ରତ୍ୟେକ ଲୋକ ନିଜ ନିଜ ଖଳାରେ କୃଷି ଯନ୍ତ୍ରପାତିକୁ ପୂଜା କରି ମକର ଚାଉଳ ଭୋଗ ଲଗାଇଥାନ୍ତି। ତିଳଉ ଓ ଆରିସା ପିଠାର ବାସ୍ନା ପ୍ରତ୍ୟେକ ଘରେ ଘରେ ମହକିବା ଆରମ୍ଭ କଲାଣି। ଏଥିପାଇଁ ପ୍ରତ୍ୟେକ ପରିବାର ସେମାନଙ୍କର ବନ୍ଧୁବାନ୍ଧବ, ସାଙ୍ଗସାଥୀମାନଙ୍କୁ ନିମନ୍ତ୍ରଣ କରି ଏକ ସଙ୍ଗରେ ଏହି ପର୍ବର ମଜା ଉଠାଇବା ପାଇଁ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି। ମକର ସଂକ୍ରାନ୍ତି ବଡ଼ିଭୋରରୁ ବୁଢ଼ାବଳଙ୍ଗ ନଦୀରେ ହଜାର ହଜାର ଲୋକ ବୁଡ଼ ପକାନ୍ତି। ବିଶେଷ ଭାବେ ମକର ପର୍ବରେ ଆଦିବାସୀ ଜୀବନ ଶୈଳୀ ଓ ପରମ୍ପରାର ଅଧିକ ଛାପ ଦେଖିବାକୁ ମିଳେ। ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଏହି ପର୍ବକୁ ୧୫ଦିନ ଧରି ପାଳନ କରିଥାନ୍ତି। ଆଦିବାସୀ ଯୁବତୀ ଯୁବକ, ମହିଳା ପୁରୁଷ ସ୍ଥାନେସ୍ଥାନେ କାନ୍ଧକୁ କାନ୍ଧ ମିଶାଇ ହାତକୁ ହାତ ଧରି ମାଦଳର ତାଳେ ତାଳେ ନାଚିବା ପାଇଁ ବିଭିନ୍ନ ସ୍ଥାନରେ ଆୟୋଜନ ଶେଷ ହୋଇଛି। ଏହି ଅବସରରେ ଆଦିବାସୀଙ୍କର ଦାମୋଦର ଯାତ୍ରା ଓ ଟୁସୁ ପର୍ବ ପାଳନ ହୋଇଥାଏ। ମକର ସଂକ୍ରାନ୍ତି ପୂର୍ବଦିନ କୁଡୁମୀ ସମ୍ପ୍ରଦାୟର ମହିଳା ଓ ଯୁବତୀମାନେ ଟୁସୁ ଦେବୀଙ୍କୁ ଆହ୍ୱାନ କରିଥାନ୍ତି। ଟୁସୁ ପୂଜା ପାଇଁ ନିର୍ମିତ ଚୂଡ଼ି କିଣା ପାଇଁ ସବୁଠି ଭିଡ଼ ଜମୁଛି। ମହିଳା ଓ ଯୁବତୀମାନେ ଟୁସୁ ଦେବୀଙ୍କ ମୂର୍ତ୍ତିକୁ ହାତରେ ଧରି ଗୀତ ଗାଇ ତାଙ୍କ ମୂର୍ତ୍ତିକୁ ମନେ ପକାଇବା ପାଇଁ ଗାଁଗାଁରେ ବୁଲିଥାନ୍ତି। ଏତଦ୍ ବ୍ୟତୀତ ଏହି ପର୍ବରେ ମୁଖ୍ୟ ଆକର୍ଷଣ ଭାବେ କୁକୁଡ଼ା ଲଢ଼େଇ ହୋଇଥାଏ। ଏହି ଅବସରରେ ନାଚ, ଗୀତ, ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ଓ ଯାତ୍ରା ଆଦି ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହୋଇଥାଏ। ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ପରିବାରର ମୃତକ ଲୋକଙ୍କୁ ମନେ ପକାଇ ଦାମୋଦର ମେଳାରେ ସାମିଲ ହୋଇ ଦାନ ଧର୍ମ କରିଥାନ୍ତି।

## ରେଳ ପ୍ରକଳ୍ପ ପାଇଁ ଜମି ସୀମା ନିର୍ଦ୍ଧାରଣ



ତହସିଲ ଏବଂ ରେଲୱେ କର୍ତ୍ତୃପକ୍ଷ ଜମି ସୀମା ନିର୍ଦ୍ଧାରଣ କରୁଛନ୍ତି।

ବାରିପଦା,୧୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ ଆଦେଶ ଏବଂ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାରଠାରୁ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ ପାଇଁ ଜମି ସୀମା ନିର୍ଦ୍ଧାରଣ (ଡିମାର୍କେସନ) ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ସର୍ଭେ କାର୍ଯ୍ୟ କରଞ୍ଜିଆ ତହସିଲ ଅନ୍ତର୍ଗତ ଧକାଟା, ବିରାଜକୁମାରପୁର ଓ ଘୋଗାଡ଼ା ଗ୍ରାମ ଏବଂ ଝୁମ୍ପୁରା ତହସିଲ ଅଧୀନ କୁସୁମାପୁର ଗ୍ରାମରେ କରାଯାଉଛି। ପ୍ରସ୍ତାବିତ ରେଳପଥ ପାଇଁ ଆବଶ୍ୟକ ଜମିର ଠିକ୍ ସୀମା ଚିହ୍ନଟ, ରେକର୍ଡ ସହ ସ୍ଥଳ ସତ୍ୟାପନ ଏବଂ ଆଗାମୀ ଭୂମି ଅଧିଗ୍ରହଣ ପ୍ରକ୍ରିୟାକୁ ସୁଚାରୁ ଭାବେ ତ୍ୱରାନ୍ୱିତ କରିବା ସକାଶେ ଉକ୍ତ ସର୍ଭେ କାର୍ଯ୍ୟ ବୋଲି କୁହାଯାଇଛି। ସମ୍ପୃକ୍ତ ତହସିଲ ପ୍ରଶାସନ ଏବଂ ରେଲୱେ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସର୍ଭେ କାର୍ଯ୍ୟ ଚାଲୁ ରହିଛି।

## ଶିକ୍ଷକଙ୍କ ଘରୁ ଟଙ୍କା, ସୁନା ଲୁଟ୍

ବେତ୍ନୋଟି,୧୨।୧(ରତନ ଦାଶ)

ବେତ୍ନୋଟି ଥାନା ଅଧୀନ ଦୁର୍ଗାପୁର ଗ୍ରାମର ଶିକ୍ଷକ ବସନ୍ତ କୁମାର ସେନାପତିଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ସହ ଆସବାବ ପତ୍ର ଓ ନଗଦ ୧୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୧୮/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ଶିକ୍ଷକ ସେନାପତି ପରିବାର ସହିତ ଶ୍ୱଶୁର ଘରକୁ ଯାଇଥିଲେ। ସୋମବାର ସକାଳେ ଘରକୁ ଫେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ବେତ୍ନୋଟି ଥାନା ଏଏସ୍ଆଇ ଅଶୋକ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଏସ୍ଏସ୍‌ଡି ସ୍କୁଲରେ ମକର ଛୁଟି ବାତିଲ

ବାରିପଦା,୧୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଦ୍ୱାରା ପରିଚାଳିତ ତଥା ବାରିପଦା ଉପଖଣ୍ଡରେ ଥିବା ଏସ୍ଏସ୍‌ଡି (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କର ମକର ଛୁଟି ବାତିଲ କରାଯାଇଛି। ଏ ନେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ସହିତ ସମ୍ପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ମଧ୍ୟ ଛୁଟି ବାତିଲ କରାଯାଇଛି। ଆଇଟିଡିଏ କାର୍ଯ୍ୟାଳୟ ଚିଠି ନଂ. ୧୪/୧୨ ଜାନୁଆରୀ ୨୦୨୬ରେ ମକର ଛୁଟି ସମୟରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନିୟମିତ ପାଠପଢ଼ା ଚାଲୁ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କେତେକ ଏହାକୁ ପରୀକ୍ଷା ପ୍ରସ୍ତୁତି ପାଇଁ ଉପଯୁକ୍ତ ମନେ କରୁଥିବା ବେଳେ ଅନ୍ୟମାନେ ପର୍ବର ଆନନ୍ଦରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହି ନିର୍ଦ୍ଦେଶର କାର୍ଯ୍ୟାନ୍ୱୟନ କିପରି ହେଉଛି ତାହା ଦେଖିବାକୁ ବାକି ରହିଲା।

## ‘ଶିକ୍ଷା ହିଁ ଜ୍ଞାନର ଭଣ୍ଡାର’





ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### ଲିଟିଲ୍ ଷ୍ଟାର ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

ଖଡ଼ପୋଖରିଆ,୧୨।୧ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଖଡ଼ପୋଖରିଆ (ବଏସ୍ଛକ)ସ୍ଥିତ ଲିଟିଲ ଷ୍ଟାର ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା କାଶୀନାଥ ଭଦ୍ର ଓ ସମ୍ପାଦିକା ମାଳତୀ ଭଦ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପିସି ସ୍ୱୟଂଶାସିତ କଲେଜର ସହକାରୀ ଅଧ୍ୟାପକ ଡ.ସରୋଜ କୁମାର ନାୟକ, ମୁଖ୍ୟବକ୍ତା ଭାବେ ସୀମାନ୍ତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଶିଶିର କୁମାର ପଞ୍ଜନାୟକ, ସମ୍ମାନିତ ଅତିଥି ଭାବେ ଖଡ଼ପୋଖରିଆ ଥାନା ଏସ୍ଆଇ ଚନ୍ଦ୍ରକାନ୍ତ ମହାନ୍ତି, ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ବିନୟ କୁମାର ଭଦ୍ର, ସୀମାନ୍ତ ଶିଳ୍ପ ତାଲିମ କେନ୍ଦ୍ରର ଶିକ୍ଷକ ଅଶୋକ କୁମାର ପୁଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ରାଜାରାମ ବିଶ୍ୱଜିତ ପଣ୍ଡିତ କାର୍ଯ୍ୟକ୍ରମ ପରିଚାଳନା ଓ ଅଶୋକ କୁମାର ପୁଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ହିଁ ଜ୍ଞାନର ଭଣ୍ଡାର ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟଦକ୍ଷତା ଉପରେ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉପେନ୍ଦ୍ରନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ମୋରଡ଼ା/ରାସଗୋବିନ୍ଦପୁର, ୧୨।୧ (ସ୍ୱାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୫୦ତମ ବାର୍ଷିକ ଉତ୍ସବ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଜ୍ଞାପତି ତୁଳସୀ ମୁଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସୁବ୍ରତ କୁମାର ରଣା, ମୁଖ୍ୟ ବକ୍ତା ସଲାମ ଜୀବନ ଫାଉଣ୍ଡେସନର ସହ ପ୍ରତିଷ୍ଠାତା ମହମ୍ମଦ ଇମ୍ରାନ ଅଲ୍ଲୀ, ଭଦ୍ରକ ଅଗରପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅଞ୍ଜଳି ମହାନ୍ତି ଅତିଥି ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ ଓଡ଼ିଆ ବିଭାଗର ମୁଖ୍ୟ ଅବନୀକାନ୍ତ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ମାଗାଜିନ ‘ଉପେନ୍ଦ୍ର ଜ୍ୟୋତି’ର ଉନ୍ମୋଚନ କରାଯାଇଥିଲା। ପରେ ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂଲିଶ ବିଭାଗର ଅଧ୍ୟାପିକା ଦୀପାଳି ଶାଁସଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋଷୀଙ୍କୁ ୨୦ ବର୍ଷ ଜେଲ୍

### ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

ବାରିପଦା,୧୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ସ୍ପେଶାଲ ପୋକ୍ସୋ କୋର୍ଟରେ ସୋମବାର ଏକ ନାବାଳିକା ଅପହରଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟରେ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଶୁଳିଆପଦା ଥାନା ଅଞ୍ଚଳର ବୁଲୁ ମୁଖି(୨୦)। ସୂଚନାଯୋଗ୍ୟ, ୨୦୨୫ ଜୁନ ୩ରେ ବୁଲୁ ଜଣେ ୪ବର୍ଷର ନାବାଳିକାକୁ ଗାଧୋଇବା ପାଇଁ ନିକଟସ୍ଥ ଜଳାଶୟକୁ ନେଇଯାଇଥିଲେ। ସେଠାରେ ସେ ତାଙ୍କୁ ଅପ୍ରାକୃତିକ ଯୌନ ନିର୍ଯାତନା ଦେଇଥିବା ପରିବାର ଲୋକେ ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା(ନଂ. ୯୮/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଆଇନଜୀବୀ ମନୋରଞ୍ଜନ ପଞ୍ଚନାୟକ ମାମଲା ପରିଚାଳନା କରୁଥିଲେ।

## ୯୦ ଅଭିଯୋଗର ହେଲା ଶୁଣାଣି

ରାଇରଙ୍ଗପୁର,୧୨।୧(ମାନସ ମହାନ୍ତି)

ବାମନଘାଟି ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଉପ ଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ଓ ଏସ୍ଡିପିଓ ବୀରେନ୍ଦ୍ର କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୯୦ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିବା ବେଳେ ୭୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୭ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୂହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଶିବିରରେ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାନ୍ତାଳି ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ



ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

### ସରିଲା ଆମ କପ୍ତିପଦା ମହୋତ୍ସବ

ଉଦଳା,୧୨।୧(ସନ୍ତୋଷ କୁମାର ବାରିକ)

କପ୍ତିପଦା ହାଇସ୍କୁଲ ପଡ଼ିଆରେ ଆୟୋଜିତ ଆମ କପ୍ତିପଦା ମହୋତ୍ସବ ରବିବାର ଶେଷ ହୋଇଛି। ସାନ୍ତାଳି ନୃତ୍ୟ ଓ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଆଦିବାସୀ ଗାୟକ ମଙ୍ଗଳ ହାଁସଦାଙ୍କ ଏତାଙ୍ଗ ଲୁଟି ସାନ୍ତାଳି ଗୀତର ତାଳରେ ଶାମୁଆ ସନ୍ଧ୍ୟାରେ ସମସ୍ତେ ଉଦ୍ଦାମ ହୋଇଥିଲେ। ଏଥିରେ ସାଂସ୍କୃତିକ ମଞ୍ଚରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଆୟୋଜିତ କର୍ମଶାଳାରେ ମହିଳା ସଶକ୍ତିକରଣର ବାର୍ତ୍ତା ସହିତ ଯୌନ ନିର୍ଯାତନା ସମ୍ପର୍କୀୟ ବାର୍ତ୍ତା ସାଜିଥିଲା ମୁଖ୍ୟ ଆକର୍ଷଣ। ପ୍ରଥମ ସନ୍ଧ୍ୟାରେ ଆୟୋଜିତ ମଞ୍ଚରେ ମୟୂରଭଞ୍ଜ ଜିଲା ପରିଷଦ ସଭାପତି ଭାରତୀ ହାଁସଦା, ଉଦଳା ବିଧାୟକ ଭାସ୍କର ମଢ଼େଇଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ ଯୋଗ ଦେଇଥିଲେ। ଶେଷ ସନ୍ଧ୍ୟାରେ ଉଦଳା ବିଡ଼ିଓ ସମରଜିତ୍ କରଙ୍କ ସମେତ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଏବଂ କପ୍ତିପଦା ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ତିନି ଦିନ ଧରି ନିରନ୍ତର ଭାବେ କଳା, ସଂସ୍କୃତିର ବାର୍ତ୍ତା ଦେବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାର ନିଆରା ପରମ୍ପରା ଏହି କପ୍ତିପଦା ମହୋତ୍ସବକୁ ଏକ ନୂଆ ପରିଚୟ ଦେଉଛି ବୋଲି ଅତିଥିମାନେ କହିଥିଲେ। ଆଦିବାସୀ ଗାୟକ ମଙ୍ଗଳ ହାଁସଦା, ଗାୟିକା ପରାୟଣୀଙ୍କ ସହିତ ଗାୟିକା ଅଙ୍କିତା ପାତ୍ରଙ୍କ ଗୀତରେ ବେଶ ମଜୁଥିଲା ହୋଇଥିଲେ ଦର୍ଶକ। ଜୁନାଗଡ଼ର ଦିଲଖୁସ ନୃତ୍ୟ ଦଳଙ୍କ ସମେତ କୋଲକାତାର କଳାକାରଙ୍କ ନାଚଗୀତ ଶାମୁଆ ସନ୍ଧ୍ୟାକୁ ମାହୋଲ କରି ଉଷ୍ମ କରିଥିଲା। କମିଟିର ସଭାପତି ମାଙ୍କୁ ସିଂ, ସମ୍ପାଦକ ତପନ କୁମାର ବାରିକଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

**MUNICIPAL OFFICE: KENDRAPARA**
ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା
E-mail:kendraparamunicipality@gmail.com
Notice No.118/KM, Date:09.01.26
**"e" Procurement Notice**
No.C-2037: Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in
1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.
Further details can be seen from the procurement portal i.e. www.tendersorissa.gov.in.
OIPR- Sd/- Executive Officer, Kendrapara Municipality

**ପୂର୍ବ ତଟ ରେଳପଥ**
ଟେଣ୍ଡର ନଂ. ST-OT-HIRING-VEHICLE-532, ତା.06.01.2026ରିଖ
କାର୍ଯ୍ୟର ନାମ: 30 ମାସ ଅବଧି ନିମନ୍ତେ ... (Attending Breakdown) ... (En-route Detention) ... [illegible]
ଟେଣ୍ଡର ମୂଲ୍ୟ: ₹ 35,40,000.00, EMD: ₹ 70,800/-, ଟେଣ୍ଡର କାଗଜପତ୍ରର ମୂଲ୍ୟ: ₹ 3,540/-
ବିଡ଼ ଆରମ୍ଭ ହେବା ତାରିଖ: ତା.14.01.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.01.2026ରିଖ 1100 ଘଣ୍ଟା।
[illegible] www.ireps.gov.in [illegible]
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-993/Q/25-26

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001
**ଟେଣ୍ଡର ବିଜ୍ଞପ୍ତି**
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,08,600/- ଟଙ୍କା ଆନୁମାନିକ ମୂଲ୍ୟରେ ନିଜର ଷ୍ଟାଫ କ୍ୱାର୍ଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ ତତ୍ତ୍ୱରେ (ଶ୍ରେଣୀ) ର ବାର୍ଷିକ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛନ୍ତି ଏବଂ ଏହି କାର୍ଯ୍ୟଟିର 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ 28 ଜାନୁଆରୀ, 2026 ଅପରାହ୍ନ 02:00 ଟା ଅଟେ।
ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧
**ପରିବେଶୀୟ ମଞ୍ଜୁରୀ**
ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ପତ୍ର ସଂ. ୫୨୦୧୬୨/୭୭-ଇସିଏ/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇନ୍ଫୋସିସ୍ ପ୍ଲଟ୍ ନଂ. ଏସ୍-ଏଚ୍-୦୫, ଇନ୍ଫୋସିଟି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନ"କୁ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।
ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ ୱେବସାଇଟ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।
ସ୍ଥାନ: ମୁମ୍ବାଇ — ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
**e-Procurement Notice**
**BID IDENTIFICATION NO.RWKSNG-online-08/25-26**
No.O-2027:1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding From | To | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| Superintending Engineer, Rural Works Division, Kesinga | RWKSNG-online-09/25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR- Sd/- Superintending Engineer, Rural Works Division, Kesinga

**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470 'e' Procurement Notice No. BDO-RPS-02 of 2025-26

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender From | To | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| Block Development Officer, Raghunathpur | BDO-RPS-02/2025-26 | 13.01.2026 at 10.00 Hours | 28.01.2026 at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website "https://tendersodisha.gov.in"
All corrigendum/ cancellation of tender if any, will only be uploaded in the above website.
OIPR- Sd/- BLOCK DEVELOPMENT OFFICER, RAGHUNATHPUR

**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
**NOTICE INVITING TENDER (NIT)**
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**
Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.
The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.
By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

# ଖୋଲା ଆକାଶ ତଳେ ଚାଷୀଙ୍କ ଧାନ

## ଏଯାଏ ଖୋଲିନି ମଣ୍ଡି

ବନ୍ତ,୧୨।୧(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ୨୦ ଦିନ ହେବ ଖରିଫ ଧାନ ଅମଳ ହୋଇସାରିଛି। ହେଲେ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ଖଳାରେ ଶତାଧିକ ବସ୍ତା ଧାନକୁ ଖୋଲା ଆକାଶ ତଳେ ପକାଇ ରଖିଛନ୍ତି। ପ୍ରତିବର୍ଷ ଖରିଫ ଧାନ ବିକ୍ରୟ ପାଇଁ ରାଜ୍ୟ ସରକାର ଡିସେମ୍ବର ୨୦ରୁ ୨୫ ମଧ୍ୟରେ ଧାନ ମଣ୍ଡି ଖୋଲିବାର ବ୍ୟବସ୍ଥା କରିଆସିଛନ୍ତି। ଧାନ ବିକ୍ରୟ ପ୍ରକ୍ରିୟା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା ରହିଛି। ଚଳିତବର୍ଷ ବନ୍ତ ବ୍ଲକରେ ଜାନୁଆରୀ ୧୨ ସୁଦ୍ଧା କେବଳ ଗଣିଜାଙ୍ଗ



ନିଳୋକ ପଞ୍ଚାୟତରେ ଖୋଲା ଆକାଶ ତଳେ ଖଳାରେ ପଡ଼ିରହିଥିବା ଧାନ ବସ୍ତା।

ସେବା ସମବାୟ ସମିତିକୁ ଛାଡ଼ିଦେଲେ ଆଉ କୌଣସି ସ୍ଥାନରେ ମଣ୍ଡି ଖୋଲିନାହିଁ। ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଚାଷୀମାନେ ୧୫ଶହରୁ ୧୬ ଶହ ଟଙ୍କା ଦରରେ ବେପାରୀମାନଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ବହୁ ଚାଷୀ ନିଜ ଖଳାରେ ଧାନକୁ ବସ୍ତାରେ ପୂରାଇ ଖୋଲା ଆକାଶ ତଳେ ରଖିଥିବା ଦେଖାଯାଉଛି। ଫଳରେ ଧାନ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଚଳିତବର୍ଷ ଏଭଳି ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ଏପଟେ ୮ଶହ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେଇ ସେପଟେ ଜାଣିଶୁଣି ଚାଷୀଙ୍କ ଧାନକୁ ବେପାରୀ ମୁହଁକୁ ଠେଲି ଦେଉଛନ୍ତି ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି। ତୁରନ୍ତ ମଣ୍ଡି ଖୋଲି ଧାନ କିଣିବା ବ୍ୟବସ୍ଥା କରା ନ ଗଲେ ସେମାନେ ବାଧହୋଇ ଆନ୍ଦୋଳନ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ୬୫ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ,୧୨।୧(ସନାତନ ରାଉତ): ଭଦ୍ରକ ପୌରପାଳିକା ଜଗନ୍ନାଥପୁର କଲେଜ ଛକଠାରେ ମହାବୀର ସେବା ସଙ୍ଗଠନ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀରାମ ସେନା ସେବା ଟ୍ରଷ୍ଟର ରାଜ୍ୟ ଉପଦେଷ୍ଟା ଜ୍ଞାନପ୍ରକାଶ ପାଣି ଯୋଗ ଦେଇଥିଲେ। ରକ୍ତଦାନଠାରୁ ବଡ଼ ପୁଣ୍ୟ କାର୍ଯ୍ୟ କିଛି ନାହିଁ। ଏହା ସର୍ବଶ୍ରେଷ୍ଠ ସେବା ବୋଲି ଜିଲାପାଳ କହିଥିଲେ। ଶିବିରରେ ମୋଟ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ସଙ୍ଗଠନ ପୁରୀ ରଥଯାତ୍ରାଠାରୁ ଆରମ୍ଭ କରି ଭଦ୍ରକ ଶ୍ରୀରାମ ନବମୀ, ଶ୍ରାବଣ ମାସରେ କାଉଡ଼ିଆମାନଙ୍କ ସେବା କରିଥାଏ ବୋଲି ସଂଘ ସଭାପତି ସଞ୍ଜୟ କୁମାର ନାୟକ କହିଛନ୍ତି। ସଙ୍ଗଠନର ସମସ୍ତ ସଦସ୍ୟା ସଦସ୍ୟ ଶିବିରରେ ସହଯୋଗ କରିଥିଲେ।

# ଆରଡ଼ିରେ ଅଟଳ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ



ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ବ୍ୟୋମକେଶ ରାୟ ଏବଂ ଜିଲାପାଳ ଦିଲୀପ କୁମାର ରାଉତରାଏ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଧୁସୁରୀ,୧୨।୧(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲାର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ତଥା ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ନବନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡ ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ ହୋଇଥିବା ବେଳେ ଏଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲାପାଳ ଦିଲୀପ କୁମାର ରାଉତରାଏ, ବିଡିଓ ସଞ୍ଜୀବ କୁମାର ମହାପାତ୍ର ଓ ତହସିଲଦାର ଭବତୋଷ ମଲ୍ଲିକ ଯୋଗ ଦେଇଥିଲେ। ୧୫ କୋଟି ୭୮ ଲକ୍ଷ ୩ ହଜାର ୪ଶହ ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡ ନିର୍ମିତ ହୋଇଛି। ଏହାଦ୍ୱାରା ପୀଠକୁ ଆଗମନ କରୁଥିବା ଶ୍ରଦ୍ଧାଳୁମାନେ ଆଉ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ପର୍ଯ୍ୟଟନ ତଥା ପୀଠର ବିକାଶରେ ଏହି ନବନିର୍ମିତ ବସ୍‌ଷ୍ଟାଣ୍ଡ ସହାୟକ ହେବ ବୋଲି ଏମ୍‌ପି, ବିଧାୟକ ଓ ଜିଲାପାଳ କହିଥିଲେ।

ସଡ଼କ ଓ ପରିବହନ ବିଭାଗ ଜିଲା ପରିଚାଳକ ରକ୍ଷାକର ବାରିକ, ଜିଲା ଓଡ଼ିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ମ୍ୟାନେଜର ସୌମ୍ୟରଞ୍ଜନ ଜେନା ଯୋଗ ଦେଇଥିଲେ। ଭାଜପା ଜିଲା ଉପସଭାପତି କିଶୋର ନାୟକ, ଅଜୟ ନାୟକ, ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ, ଉପସଭାପତି ସୁବାସ ଚନ୍ଦ୍ର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର ରାଉଳ, ସୁନ୍ଦରପୁର ସମିତିସଭ୍ୟ ଶରତ ଚନ୍ଦ୍ର ବେହୁରିଆ, ଓଳଗ ସରପଞ୍ଚ ପ୍ରଫୁଲ୍ଲ ବେହେରା, ନାନ୍ଦପୁର ସରପଞ୍ଚ ପ୍ରତିନିଧି ଗଣେଶ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସରୋଜ କୁମାର ଦାସ, ସମିତିସଭ୍ୟ ସୁଦେଶ ପଣ୍ଡା, ଆରଡ଼ି ସମିତିସଭ୍ୟ ଗିରିଧାରୀ ସାମଲ, ସମବାୟ ସେବା ସମିତି ସଭାପତି ନରେଶ କୁମାର ସେଠୀ, ଲଲାଟ କିଶୋର ପାଢ଼ୀ, ଶକ୍ତି ପ୍ରମୁଖ ସଦାନନ୍ଦ ମଲିକ, ଦୀପକ ରଞ୍ଜନ ବିଶ୍ୱାଳ, ଦେବଦତ୍ତ ପାଢ଼ୀ, ସଞ୍ଜୟ କୁମାର ରାୟ, ଜୀବନାନନ୍ଦ ପାଢ଼ୀ, ଆଶିଷ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦିନ ବନ୍ଦ ପରେ ସ୍କୁଲରେ ମଧ୍ୟାହ୍ନଭୋଜନ ରୋଷେଇ



ବାସୁଦେବପୁର,୧୨।୧(କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଅଧୀନ ଶୁକଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ଦିନ ମଧ୍ୟାହ୍ନଭୋଜନ ବନ୍ଦ ପରେ ସୋମବାର ରୋଷେଇ ଆରମ୍ଭ ହୋଇଛି। ଏହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ଉଦ୍ଦିଷ୍ଟ ଅର୍ଥ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର କାଠ ପାଇ ନ ଥିବାରୁ ଗତ ସପ୍ତାହରେ ସୋମବାର ରୋଷେଇ ବନ୍ଦ ଥିଲା। ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଦିଆଯାଇଥିବା ବେଳେ ବୁଧବାର, ଗୁରୁବାର ଅଭିଭାବକମାନଙ୍କ ଉଦ୍ୟମରେ ମଧ୍ୟାହ୍ନଭୋଜନ ରୋଷେଇ ହୋଇଥିଲା। ଶୁକ୍ରବାର ଓ ଶନିବାର ମଧ୍ୟାହ୍ନଭୋଜନ ବନ୍ଦ ରହିଥିବା ବେଳେ ୧୦୯ ଛାତ୍ରୀଛାତ୍ର ଉପାସରେ ଘରକୁ ଫେରିଥିଲେ। ଶୁକ୍ରବାର ମଧ୍ୟାହ୍ନଭୋଜନ ଯୋଗାଉଥିବା ସଂସ୍ଥା ଖାଦ୍ୟ ଦେବା ପାଇଁ ବିଦ୍ୟାଳୟକୁ ଆସିଥିବା ବେଳେ ପୂର୍ବରୁ ନିମ୍ନମାନର ଖାଦ୍ୟ ଦେଇଥିବାରୁ ଛାତ୍ରୀଛାତ୍ର ଗ୍ରହଣ କରି ନ ଥିଲେ। ସୋମବାର ପ୍ରଧାନଶିକ୍ଷକ ଭାବେ ଶରତ କୁମାର ଓଝା ଦାୟିତ୍ୱ ଗ୍ରହଣ କରିବା ପରେ ମଧ୍ୟାହ୍ନଭୋଜନ ପାଇଁ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଦିଆଯାଇଛି।

# ‘ଉଦାହରଣ ନ ଦେଇ ଉଦାହରଣ ହେବାକୁ ଚେଷ୍ଟା କର’





ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ତିହିଡ଼ି,୧୨।୧(ସଞ୍ଜିତ ବଳ)

କିଏ କେଉଁଠୁ ଆସିଛନ୍ତି ବଡ଼ କଥା ନୁହେଁ, କିଏ କ'ଣ କରିପାରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। କାହାର ଉଦାହରଣ ନ ଦେଇ ଉଦାହରଣ ହେବାକୁ ଛାତ୍ରୀଛାତ୍ର ଉଦ୍ୟମ କରିବା ଆବଶ୍ୟକ ବୋଲି ତିହିଡ଼ି ବ୍ଲକ ନରେନ୍ଦ୍ରପୁର ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ସୋମବାର ସକାଳେ ପୁରାତନ ଛାତ୍ର ସଂସଦର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟ ଓ ସାଧାରଣ ସମ୍ପାଦକ ଅଧ୍ୟାପକ ଗୋଲକ ନାୟକଙ୍କ ସଞ୍ଚାଳନରେ ଆୟୋଜିତ ସମାରୋହରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କ ନୈତିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିବା ଆବଶ୍ୟକ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଗୋବିନ୍ଦପୁର ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଗଗନ ବେଉରା, ଭଦ୍ରକ ସମ୍ମିଳନୀର ସାଧାରଣ ସମ୍ପାଦକ ନିରୋଦ କୁମାର ରାଉତ, ଜିଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀ, ସରପଞ୍ଚ ଦୀପ୍ତିମୟୀ ନାୟକ, ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଭଦ୍ରକ ସମ୍ମିଳନୀର ସାଧାରଣ ସମ୍ପାଦକ ରାଉତ, ଶିକ୍ଷାବିତ୍ କବି ଶୀତଳ ବେହେରାଙ୍କ ସମେତ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଓ ଇଂ.ସୂତାରଙ୍କ ଲିଖିତ 'ଉତ୍କଳର ବନ୍ଧୁ ଗୋପବନ୍ଧୁ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଜିଲାପାଳ ସ୍କୁଲ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ବରିଷ୍ଠ ସଂସ୍କୃତି ଗବେଷକ ବଂଶୀଧର ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ଦାସ, ଶଶଧର ବେହେରା, ଗୋପବନ୍ଧୁ ପତି, କୁଞ୍ଜବିହାରୀ ମହାପାତ୍ର, କରୁଣାକର ବେହେରା, ଲକ୍ଷ୍ମୀଧର ମାଝୀ, ସୁଧାଂଶୁ ନାୟକ, ଅକ୍ଷୟ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟାନନ୍ଦ ପଣ୍ଡା, ବିଜୟ କୁମାର ତ୍ରିପାଠୀ, ଦିଲୀପ କୁମାର ଆଚାର୍ଯ୍ୟ, କାଦମ୍ବିନୀ ଧଳ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ଧାମନଗର,୧୨।୧(ଦୀନକୃଷ୍ଣ ମହାପାତ୍ର)

ଧାମନଗର ଥାନା ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ପଦିନାରାୟଣପୁର ଗ୍ରାମର ବନମାଳୀ ଦାସ ସୋମବାର ଅପରାହ୍ନରେ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସେ ବାଇକ୍‌ରେ ଧାମନଗର ଛକ ଓଭରବ୍ରିଜ ତଳେ ଭଣ୍ଡାରିପୋଖରୀ ଆଡ଼କୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ମାଲ୍ ବୋଝେଇ ମିନିଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ସହ ବନମାଳୀ ଟ୍ରକ୍‌ର ଆଗ ଚକା ତଳେ ପଶି ରହିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଫେରାର ହୋଇଯାଇଛି।

# ଶହୀଦ ପୂର୍ଣ୍ଣଚନ୍ଦ୍ରଙ୍କ ଦେଶଭକ୍ତିରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ବାସୁଦେବପୁର,୧୨।୧(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀଠାରେ ରବିବାର ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରିୟବ୍ରତ ଦାସ, ମୁଖ୍ୟବକ୍ତା ଭାବେ ନାଟ୍ୟକାର ବିଜୟ ଦାସ ଯୋଗଦେଇ ଶହୀଦ ପୂର୍ଣ୍ଣଚନ୍ଦ୍ର ଦେଶ ପାଇଁ ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ। ଯୁବ ସମାଜ ପୂର୍ଣ୍ଣଚନ୍ଦ୍ରଙ୍କ ସାହସିକତା ଓ ଦେଶଭକ୍ତିରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଜୟ କୁମାର ନାୟକ, ଶିକ୍ଷାବିତ୍ ସୁଧାଂଶୁ ଶେଖର ରାୟ, ସାମାଜିକ କର୍ମୀ ତ୍ରୈଲୋଚନ ଜେନା, ସରପଞ୍ଚ ଅରୁଣ କୁମାର ମହାନ୍ତି, ସମିତିସଭ୍ୟ ରମେଶ ଚନ୍ଦ୍ର ବଳ, ଭୋଳାନାଥ ନାୟକ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ସୈନିକ ସଂଘର ଅଧ୍ୟକ୍ଷ ବନମାଳୀ ପରିଡ଼ା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଭାପତି ଶରତ କୁମାର ନାୟକ ଶହୀଦଙ୍କ ନୂତନ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ବାସୁଦେବପୁର ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ରୋଡ୍ ମାର୍ଚ୍ଚ କରାଯାଇଥିଲା। ଅବସରପ୍ରାପ୍ତ ସୈନିକ ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ନାଥ ମଞ୍ଚ ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ ହାବିଲଦାର ପ୍ରଭଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଧୀରେନ୍ଦ୍ର ନାୟକ ସହଯୋଗ କରିଥିଲେ।

# ରାସ୍ତା, ଡାକ୍ତର ଅଭାବ, ଜବରଦଖଲ ନେଇ ଅଭିଯୋଗ

## ବ୍ଲକସ୍ତରୀୟ ମିଳିତ ଜନଶୁଣାଣି

ତିହିଡ଼ି,୧୨।୧(ସଞ୍ଜିତ ବଳ)

ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚି ସେମାନଙ୍କ ସମସ୍ୟା ସମାଧାନ କରିବ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ତିହିଡ଼ି ବ୍ଲକ ଅଧୀନ ବାରସର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିରରେ ଜିଲାପାଳ ଏହା କହିଥିଲେ। ମୋଟ ୧୧୯ ଅଭିଯୋଗର ଶୁଣାଣି କରାଯାଇଛି। ମୁଖ୍ୟତଃ ରାସ୍ତା ସମସ୍ୟା, ଡାକ୍ତର ଅଭାବ ଓ ସରକାରୀ ଜମି ଜବରଦଖଲ ନେଇ ଅଭିଯୋଗ ହୋଇଥିଲା।


ଅର୍ଜୁନବିନ୍ଧା-ମଧୁପୁର ରାସ୍ତାର କେଳାସାହିଠାରେ ରାସ୍ତା ସଙ୍କୁଚିତ ହୋଇଥିବାରୁ ଗମନାଗମନ ବାଧାପ୍ରାପ୍ତ ହେଉଛି। ସରକାରୀ ଜାଗା ଅବରୋଧ ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଥିଲା। ତିଆଡ଼ିସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାଂଶ ସମୟରେ ଡାକ୍ତର ଅନୁପସ୍ଥିତ ରହିବା ଯୋଗୁ ଲୋକେ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଦାବି କରାଯାଇଛି। ସେହିପରି ବାରସର ମୌଜାର ଖାତା ନଂ. ୫୮୧, ପ୍ଲଟ୍ ନଂ. ୨୧୦୯ରେ ୨୫ ଏକର ଜମି ଜବରଦଖଲ ହୋଇଥିବାରୁ ବହୁ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଥିଲା। ରାଜାରାମ ମହାକୁଡ଼, ନୃସିଂହ ମହାକୁଡ଼, ବିପିନ ରାଉତ, ପ୍ରଦୀପ ମିଶ୍ର, ମାନସ ରଞ୍ଜନ ନାୟକ, ବିଜୟ ବାରିକ ପ୍ରମୁଖ ଏସବୁ ଅଭିଯୋଗ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ସ୍କୁଲରେ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ନ ଥିବାବେଳେ ମିଥ୍ୟା ଆବେଦନ ଯୋଗୁ ତିଆଡ଼ିସାହି ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ଦଶରଥ ବାରିକଙ୍କୁ ନିଲମ୍ବନ କରିବାକୁ ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ମନୋଜ ରାଉତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ।

# ମଞ୍ଚକୁ ଜୋତା, ଚେୟାର ଫିଙ୍ଗିଲେ ଦର୍ଶକ

## ଯାତ୍ରାରେ ଅଶ୍ଳୀଳ ନୃତ୍ୟ

ଭଣ୍ଡାରିପୋଖରୀ,୧୨।୧
(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ହନୁମାନ ପଡ଼ିଆରେ ରବିବାର ରାତିରେ ଯାତ୍ରା ଚାଲିଥିବା ବେଳେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ଉତ୍ତେଜନା ଦେଖାଦେଇଛି। ମଞ୍ଚରେ ମେଲୋଡିରେ ଆଇଟମ୍ ଗାର୍ଲ ନିଶା ମହାରଣା ନୃତ୍ୟ ପରିବେଷଣ କରିଥିଲେ। କିଛି ସମୟ ମଧ୍ୟରେ ନିଶା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିବା ଅଭିଯୋଗ ଆଣି ଦର୍ଶକମାନେ ମଞ୍ଚ ଉପରକୁ ଚପଲ ଓ ଚେୟାର ଫିଙ୍ଗିଥିଲେ। ବିଶେଷକରି ମହିଳାମାନେ ଏହାର ଅଧିକ ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ପାଇଁ ମଞ୍ଚରେ ନୃତ୍ୟ ପରିବେଷଣ ବନ୍ଦ ହୋଇଯାଇଥିଲା। ଆୟୋଜକମାନେ ନିଶାଙ୍କୁ ମଞ୍ଚରୁ ହଟାଇ ନେଇଥିଲେ। ପାର୍ବତୀ ଗଣନାଟ୍ୟର ନାଟକ



'ତୋ ଲାଗି ବଡ଼ଦାଣ୍ଡ ମନା' ପରିବେଷଣ ହେବାକୁ ଥିବାରୁ ଗ୍ୟାଲେରିରେ ଭରପୂର ଦର୍ଶକ ଉପସ୍ଥିତ ଥିଲେ। ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ହେବାରୁ ଦର୍ଶକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇ ଉଗ୍ରରୂପ ନେଇଥିଲା। କିଛି ସମୟ ପରେ ସ୍ୱାଭାବିକ ଭାବେ ଯାତ୍ରା ପରିବେଷଣ ହୋଇଥିଲା।

# ୩ ବ୍ୟାଙ୍କ ଆକାଉଣ୍ଟରୁ ୩.୨୪ ଲକ୍ଷ ଗାଏବ

## ସାଇବର ଠକେଇ

ଧାମନଗର,୧୨।୧(ଦେବେନ୍ଦ୍ର ଆଦିଆ): ଧାମନଗର ଥାନା ଅଧୀନ ଦଳାଙ୍ଗ ଗ୍ରାମର ଏଲ୍‌ଆଇସି ଏଜେଣ୍ଟ ଭରତ ଚନ୍ଦ୍ର ବାରିକ ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କର ୩ଟି ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୩ ଲକ୍ଷ ୨୪ ହଜାର ଟଙ୍କା ସାଇବର ଠକ ଲୁଟି ନେଇଛନ୍ତି। ଏନେଇ ଭରତ ରବିବାର ସନ୍ଧ୍ୟାରେ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ରାତି ପ୍ରାୟ ୮ଟା ବେଳେ ଭରତଙ୍କର ପ୍ରଥମେ ଭଦ୍ରକସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଆକାଉଣ୍ଟ, ପରେ ଧାମନଗରସ୍ଥିତ ୟୁକୋ ବ୍ୟାଙ୍କର ସେଭିଙ୍ଗ୍‌ସ ଓ କରେଣ୍ଟ ୨ଟି ଆକାଉଣ୍ଟରୁ ଆପେ ଆପେ ଟଙ୍କା କଟିଯାଇଥିଲା। ମୋବାଇଲକୁ ଆସିଥିବା ମେସେଜ୍ ଦେଖି ସେ ଜାଣିଥିଲେ। ଥାନାରେ ଥିବା ସମୟରେ ମଧ୍ୟ ଦୁଇଥର ଟଙ୍କା କଟିଥିଲା। ଏନେଇ ସେ ସାଇବର ହେଲ୍ପ ଲାଇନରେ ଅଭିଯୋଗ କରିଛନ୍ତି। ଧାମନଗର ପୋଲିସ ମାମଲା ରୁଜୁ କରିନାହିଁ। ଭରତ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଅବଗତ କରାଇଛନ୍ତି।

# ‘ମହାସଂଗ୍ରାମର ମହାନାୟକ ବକ୍ସି ଜଗବନ୍ଧୁ’ ନାଟକ ପରିବେଷିତ

ଭଦ୍ରକ,୧୨।୧(ସନାତନ ରାଉତ)

ଭଦ୍ରକ ଟାଉନ ହଲ୍‌ରେ ଭୁବନେଶ୍ୱର ଶତାବ୍ଦୀର କଳାକାର ପକ୍ଷରୁ ରବିବାର ରାତିରେ ଦେଶାତ୍ମବୋଧକ ନାଟକ 'ମହାସଂଗ୍ରାମର ମହାନାୟକ ବକ୍ସି ଜଗବନ୍ଧୁ' ପରିବେଷଣ ହୋଇଯାଇଛି। ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ନାଟକ ରଚନା କରିଥିବା ବେଳେ ଧିରେନ୍ଦ୍ର ନାଥ ମଲ୍ଲିକ ନାଟ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ତ୍ୟାଗଭୂମି ସଭାପତି ଅଜୟ ନାୟକ ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାସ ସଭାପତିତ୍ୱ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକଦାର ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଗ୍ରହ ଦୀକ୍ଷିତ, ବିଜୟ ବହଳୀ, ପ୍ରୋଦ୍ୟୋତନ ସୁଆର, ପ୍ରଫୁଲ୍ଲ ଦାସ, ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁଙ୍କ ସମେତ ଭଦ୍ରକ ବିମଳା ନାଟ୍ୟ ସଂସଦର କର୍ମକର୍ତ୍ତା ସହଯୋଗ କରିଥିଲେ।



ଭଦ୍ରକ ଟାଉନ ହଲ୍‌ରେ ପରିବେଷିତ ନାଟକର ଏକ ଦୃଶ୍ୟ।

# ‘ମତ୍ସ୍ୟ, ପ୍ରାଣୀ ପାଳନ ଗ୍ରାମାଞ୍ଚଳ ଉନ୍ନତିର ମେରୁଦଣ୍ଡ’

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ

ଭଦ୍ରକ,୧୨।୧(ସନାତନ ରାଉତ)

ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ କହିଥିଲେ, ମତ୍ସ୍ୟ ଓ ପ୍ରାଣୀ ପାଳନ ଗ୍ରାମାଞ୍ଚଳ ଉନ୍ନତିର ମେରୁଦଣ୍ଡ। ଗ୍ରାମାଞ୍ଚଳର ଲୋକଙ୍କୁ ଅଧିକ ପରିମାଣରେ ମାଛଚାଷ ଓ ପ୍ରାଣୀ ପାଳନ ପାଇଁ ଉତ୍ସାହିତ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ସରକାରୀ ଯୋଜନାରେ ମତ୍ସ୍ୟ ଓ ପ୍ରାଣୀ ପାଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ।

ଅବସରପ୍ରାପ୍ତ ଅତିରିକ୍ତ ପ୍ରାଣୀ ସମ୍ପଦ ନିର୍ଦ୍ଦେଶକ ଡା. ଅମିତାଭ



ଏକ ସ୍ୱୟଂସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଉଛି।

ପଣ୍ଡା ଏବଂ ଡା. ଭବାନୀ ପ୍ରସାଦ ମହାପାତ୍ର ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ ୪ଜଣ ଶ୍ରେଷ୍ଠ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୋଗଲ ତାମସା ମାଧ୍ୟମରେ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷୀକେଶ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଜୟ କେତନ ପଟ୍ଟନାୟକ, ଡା. ଜ୍ୟୋତିରଞ୍ଜନ ମିଶ୍ର, ଡା. ତରୁଣ କୁମାର ମଲ୍ଲିକ, ସବ୍‌ଡିଭିଜନ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ କୁମାର ଭୁୟାଁ ଓ ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ସମସ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ, ପ୍ରାଣୀଧନ ନିରୀକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ୨ ଘରୁ ଚୋରି

ହାଟଡିହି,(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଗେଡ଼ମା ପଞ୍ଚାୟତ ଜଳସରପୁର ଗ୍ରାମର ୨ ଘରୁ ଚୋରି ହୋଇଛି। ଗ୍ରାମର ପ୍ରଭାକର ଜେନା, ନରହରି ଚକ୍ରଙ୍କ ପରିବାର ଲୋକ ଶୋଇଥିବା ବେଳେ ଚୋର ଘର କବାଟ ତାଲା ଭାଙ୍ଗି ସୁନା, ଗହଣା ଏବଂ ନଗଦ ଟଙ୍କା ନେଇଥିଲେ। ଅନ୍ୟ ୩ ଜଣଙ୍କ ଘରୁ ଚୋରି ଉଦ୍ୟମ ହୋଇଛି। ୨ ମାମଲା (ନଂ.୧୬/୨୦୨୬, ୧୭/୨୦୨୬) ରୁଜୁ ହୋଇଛି।



କେନ୍ଦୁଝର

## ରାସ୍ତା କାମକୁ ନେଇ ଗଣ୍ଡଗୋଳ ଘଟଣା, ୨ ମାମଲା ରୁଜୁ

ହାଟଡ଼ିହୀ,୧୨।୧(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ହାଟଡ଼ିହୀ ବ୍ଲକ୍ ଇଂଚୋଳ ପଞ୍ଚାୟତରେ ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟ ଗଣ୍ଡଗୋଳ ହୋଇଥିଲା। ୧୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଆହତ ହୋଇଥିଲେ। ଭାଜପା କର୍ମୀ ସଚ୍ଚିକାନ୍ତ ନାୟକଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ଏକ ମାମଲା (ନଂ.୨୦/୨୦୨୬)ରୁଜୁ କରିଛି। ସେହିପରି ବିଜେଡି ପକ୍ଷରୁ ସୁଦର୍ଶନ ଜେନାଙ୍କ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୧/୨୦୨୬) ରୁଜୁ ହୋଇଛି। ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ଦୁଇଟି ମାମଲା ରୁଜୁ ହୋଇଛି। ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ସମ୍ପୃକ୍ତ ଅଞ୍ଚଳରେ ନଜର ରଖିଛି। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା କହିଛନ୍ତି, ଯେଉଁମାନେ ଗଣ୍ଡଗୋଳ ସୃଷ୍ଟି କରିଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଶାଗମାଛ ଦରରେ ଧାନ ବିକୁଛନ୍ତି ଚାଷୀ

## ଶାସଙ୍ଗରେ ଖୋଲୁନି ଧାନମଣ୍ଡି

ଛେନାପଦି,୧୨।୧(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାସଙ୍ଗ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲିନାହିଁ। ଫଳରେ ଚାଷୀମାନେ ୮ କିଲୋମିଟର ଦୂର ମରେଇଗାଁ ସମିତିରେ ଖୋଲିଥିବା ମଣ୍ଡିରେ ଧାନ ବିକ୍ରି କରୁଛନ୍ତି। ଅନେକ ଚାଷୀ ଶାଗମାଛ ଦରରେ ଦଲାଲଙ୍କୁ ଧାନ ବିକ୍ରି କରୁଥିବା କହିଛନ୍ତି। ସମସ୍ୟାର ସମାଧାନ ନିମନ୍ତେ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଚାଷୀ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୩ ବର୍ଷ ହେଲା ନୂତନ କରି ଗଠିତ ଉକ୍ତ ସମବାୟ ସମିତିରେ ୯ ଶହ ପାଖାପାଖି ଚାଷୀ ସଦସ୍ୟ ଅଛନ୍ତି। ପୂର୍ବରୁ ଏହି ଚାଷୀ ମରେଇଗାଁ ସମିତିରେ ଥିବାବେଳେ ଅନେକ ଦାବିପରେ ପୂର୍ବ ସରକାର ସମୟରେ ନୂତନ ସମିତି ଖୋଲାଯାଇ କାର୍ଯ୍ୟକ୍ଷମ ହୋଇଥିଲା। ସମିତି ଖୋଲା ଯାଇଥିଲେ ମଧ୍ୟ ଏଠାରେ ଧାନମଣ୍ଡି କରା ନ ଯିବାରୁ ଚାଷୀ ୭ରୁ ୮ କି.ମି. ଦୂର ଧାନମଣ୍ଡିକୁ ଧାନ ବିକ୍ରି କରିବାକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟା ପାଇଁ ଚଳିତ ବର୍ଷ ୯ ଶହ ଚାଷୀଙ୍କ ଭିତରୁ ମାତ୍ର ୧୩୨ଜଣ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜିକୃତ କରିଛନ୍ତି। ଅନ୍ୟ ଚାଷୀ ବାଧ୍ୟ ହୋଇ ଦଲାଲଙ୍କ ହାତରେ ବହୁ କମ ଦରରେ ଧାନ ବିକ୍ରି କରୁଥିବା କହିଛନ୍ତି। ତେଣୁ ତୁରନ୍ତ ଶାସଙ୍ଗ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲିବାକୁ ଅନାଦୀ ଚରଣ ବିଶ୍ୱାଳ, ଚୈତନ୍ୟ ପୁହାଣ, ଭୀମସେନ ନାୟକ, ସୁଧାଂଶୁ ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ବାସନ୍ତୀ ବିଶ୍ୱାଳ, ପ୍ରଶାନ୍ତ ସ୍ୱାଇଁ, ସୁଧାକର ସା, କମଳାକାନ୍ତ ଆୟଚ, ଆକାଶ ସା ପ୍ରମୁଖ ଦାବି କରିଛନ୍ତି।


ଅଭିଯୋଗ କରିବାକୁ ଆସିଥିବା ଚାଷୀ।

## ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା,୧୨।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ସୋମବାର ପୁରସ୍କାର ବିତରଣ ହୋଇଯାଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ସ୍ନାତକୋତ୍ତର ଶିକ୍ଷକ ପ୍ରଭଞ୍ଜନ ନାଏକ ଶିକ୍ଷାନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୫ ସିଏଚ୍‌ଏସ୍‌ଇ ପରୀକ୍ଷାର ବିଭିନ୍ନ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷା ଓ ମୁଖ୍ୟ ଅତିଥି ଡା. ଉଜ୍ଜ୍ୱଳ ସାହୁ ଟ୍ୟାଲେଣ୍ଟ ଆୱାର୍ଡ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟରେ ବିଭିନ୍ନ ସମୟରେ ଅୟୋଜିତ ହୋଇଯାଇଥିବା ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ‘ବନ୍ଦେ ମାତରମ୍’ ଗାନରେ ପ୍ରକମ୍ପିତ ହେଲା ଦରବାରହଲ

କେନ୍ଦୁଝର,୧୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦରବାର ହଲାଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ‘ଜାତୀୟ ଯୁବ ଦିବସ’ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତର ସାହିତ୍ୟିକ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ‘ବନ୍ଦେ ମାତରମ’ ରଚନାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବୃହତ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦେଶର ଆତ୍ମନିର୍ଭରଶୀଳତା ପାଇଁ ‘ସ୍ୱଦେଶୀ ସଂକଳ୍ପ’ ପାଠ କରାଯାଇଥିଲା। ଜାତୀୟତା ବୋଧକୁ ସୁଦୃଢ଼ କରିବା ଏବଂ ଦେଶର ଅର୍ଥନୀତିକୁ ମଜବୁତ୍ କରିବା ଏବଂ ଭାରତୀୟ ସଂସ୍କୃତି ଓ ଜ୍ଞାନକୌଶଳକୁ ପ୍ରାଧାନ୍ୟ ଦେବା ପାଇଁ ଜାତୀୟ ଯୁବ ଦିବସ ଅବସରରେ ଏହି ଶପଥ ପାଠ କରାଯାଇଥିଲା। ଦରବାର ହଲରେ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଏକତ୍ରିତ ହୋଇ ସାମୂହିକ ଭାବେ ‘ବନ୍ଦେ ମାତରମ’ ଗାନ କରିଥିଲେ। କେନ୍ଦୁଝରର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲରେ ମଧ୍ୟ ସମାନ୍ତରାଳଭାବେ ଜାତୀୟ ଯୁବ ଦିବସ ଓ ‘ବନ୍ଦେ ମାତରମ’ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ମନ୍ଦଧର ମହାଳିକ, ସୁକାନ୍ତ ମାଝୀ, ଶୁଭଦର୍ଶୀ ଯୋଶୀ, ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତ, ରମେଶ ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ।

## ୨ ଶିଶୁଙ୍କ ଥଇଥାନ, ଶିକ୍ଷା ଗ୍ରହଣ ପାଇଁ ପଦକ୍ଷେପ

କେନ୍ଦୁଝର,୧୨।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ୨ ଶିଶୁଙ୍କ ଥଇଥାନ ଓ ଶିକ୍ଷା ଗ୍ରହଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସଦର ବ୍ଲକ୍ ଯୋଗୀମଠ ଗ୍ରାମର ଶତ୍ରୁଘ୍ନ ମୁଣ୍ଡା ଓ ସୂର୍ଯ୍ୟା ମୁଣ୍ଡାଙ୍କର ୨ ସନ୍ତାନ ସୁମୀ ଏବଂ ଦେବାଶିଷଙ୍କୁ ଉକ୍ତ ସହାୟତା ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ୨ ବର୍ଷ ପୂର୍ବେ ମାଆ ସୂର୍ଯ୍ୟାଙ୍କ ଅକାଳ ବିୟୋଗ ପରେ ବାପା ଅନ୍ୟତ୍ର ବିବାହ କରି ରହୁଛନ୍ତି। ୨ ଶିଶୁ ଅଜା ଜୁଗନ ମୁଣ୍ଡା ଓ ଆଈ ସମ୍ବାରୀଙ୍କ ପାଖରେ ଦୟନୀୟ ଭାବେ ରହୁଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଖବର ପାଇ ପାରା ଆଇନ ସ୍ୱେଚ୍ଛାସେବୀ ବନଲତା ଜେନାଙ୍କୁ ୨ ଶିଶୁଙ୍କ ଅଜା, ଆଈଙ୍କ ଘରକୁ ପଠାଇଥିଲେ। ସେମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପାଇବା ପରେ ଶିଶୁଙ୍କୁ ଆଶ୍ରମ ବିଦ୍ୟାଳୟରେ ମାଗଣାରେ ପାଠ ପଢ଼ାଇବାକୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ପତ୍ର ଲେଖିଥିଲେ। ତଦ୍ ଅନୁସାରେ ଜିଲା ମଙ୍ଗଳ ଅଧିକାରୀ ଜଗନ୍ନାଥପୁର ଆଶ୍ରମ ବିଦ୍ୟାଳୟରେ ଉକ୍ତ ୨ ଶିଶୁଙ୍କ ନାମ ଲେଖାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେମାନଙ୍କ ପାଇଁ ସରକାରୀ ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ପ୍ରାଧିକରଣ ସଚିବ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ ସମିତିକୁ ପତ୍ର ଲେଖିଛନ୍ତି।

## ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ମେଗା ନାମଲେଖା


ପ୍ରଧାନଶିକ୍ଷକ ଯଯାତି କେଶରୀ ବେହେରା, ଶିକ୍ଷୟିତ୍ରୀ, ଶିକ୍ଷକମାନେ।

ଯୋଡ଼ା,୧୨।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ବନେଇକଳା ଉଚ୍ଚ ବିଦ୍ୟାଳୟଠାରେ ଏକ ମେଗା ନାମଲେଖା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଯାତି କେଶରୀ ବେହେରା ଉଦ୍‌ଘାଟନ କରି ୧୪ରୁ ୧୮ବୟସ ମଧ୍ୟରେ ଓ ୧୮ରୁ ଅଧିକ ବୟସର ପିଲା ଅଧାରୁ ପାଠ ଛାଡ଼ି ଦେଉଥିବାରୁ ସରକାରଙ୍କ ତରଫରୁ ସେମାନଙ୍କୁ ବିନା ଦେୟରେ ଆଡ଼ମିସନ କରାଇ ପରୀକ୍ଷା ଦେବାକୁ ସୁଯୋଗ ସୃଷ୍ଟି କରାଇବା ପାଇଁ ସଚେତନ କରିଛନ୍ତି। କିପରି ଡ୍ରପ୍ ଆଉଟ୍ ହାର କମାଯାଇ ସମସ୍ତଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ଓ କୌଣସି ପିଲାମାନେ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସରକାରଙ୍କ ତରଫରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ବୋଲି ପ୍ରଧାନଶିକ୍ଷକ ସୂଚନା ଦେଇଥିଲେ। ୧୮ବର୍ଷରୁ ୪୫ବର୍ଷ ବୟସ ମଧ୍ୟରେ ଥିବା ଛାତ୍ରୀଛାତ୍ର ମଧ୍ୟ ଏହି ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ଓ ଇଂରାଜୀ ମିଡିୟମ ଛାତ୍ରୀଛାତ୍ର ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ପରୀକ୍ଷା ଦେବାର ସୁଯୋଗ ପାଇବା ସହିତ ବୋର୍ଡ ତରଫରୁ ସାର୍ଟିଫିକେଟ ହାସଲ କରିପାରିବେ ବୋଲି କହିଥିଲେ। କ୍ୟାମ୍ପରେ ମୋଟ ୪୩ଜଣ ଛାତ୍ରୀଛାତ୍ର ଉପସ୍ଥିତ ହୋଇଥିଲେ। ସେଥି ମଧ୍ୟରୁ ୧୪ରୁ ୧୮ମଧ୍ୟରେ ୪୧ଜଣ ନାମ ଲେଖାଇଥିବା ବେଳେ ୧୮ରୁ ଅଧିକ ବୟସର ୨ଜଣ ନାମ ଲେଖାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି, ସଦସ୍ୟାମାନେ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିବାରୁ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ

ବଉଳା/ହାଟଡିହୀ,୧୨।୧
(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଭାଜପା କାର୍ଯ୍ୟାଳୟରେ ଆନନ୍ଦପୁର ବିଧାନସଭା ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଙ୍ଗଠନିକ ମନ୍ତ୍ରୀ ମାନସ ମହାନ୍ତି, ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ, ବିଧାନସଭା ପ୍ରଭାରୀ ହରିହର ମହାନ୍ତ, ଜିଲା ଭାଜପା ଉପସଭାପତି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ବରିଷ୍ଠ ତଥା କାର୍ଯ୍ୟକାରୀ ସଦସ୍ୟ ଆଲୋକ ସେଠୀ, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ସାହୁ ଯୋଗଦେଇ ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁମନ୍ତ୍ର ଦେଇଥିଲେ। ଏହି ସମୟରେ ବିଧାନସଭାର ବିଭିନ୍ନ ପଞ୍ଚାୟତର ମଣ୍ଡଳ ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଗାନ୍ଧୀଙ୍କ ନାମ ବାଦ୍‌କୁ ନେଇ କଂଗ୍ରେସର ସମାଲୋଚନା

କେନ୍ଦୁଝର,୧୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଜାତୀର ପିତା ମହାତ୍ମାଗାନ୍ଧୀଙ୍କ ନାମ ଉଚ୍ଛେଦକୁ ନେଇ କେନ୍ଦ୍ର ସରକାରଙ୍କୁ କଂଗ୍ରେସ ସମାଲୋଚନା କରିଛି। ଯେଉଁ ମହାତ୍ମା ଗାନ୍ଧୀଙ୍କୁ ଦେଶ ତଥା ବିଶ୍ୱରେ ସମ୍ମାନ ଦିଆଯାଉଛି, ଯୋଜନାରୁ ତାଙ୍କ ନାମକୁ ହଟାଇବା ଅତ୍ୟନ୍ତ ଦୁଃଖଦ ବୋଲି କଂଗ୍ରେସ କଂଗ୍ରେସ ଭବନରେ ଜିଲା ସଭାପତି ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିବା ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି। ଜିଲା ପ୍ରଭାରୀ ସୁଦର୍ଶନ ଦାସ ଉପସ୍ଥିତ ରହି ଅନ୍ୟାନ୍ୟ ଦାବି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଦାବି ମୁତାବକ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ବଦଳାଇ ନୂଆ ଆଇନ୍‌ରେ ଗରୀବ ଲୋକଙ୍କ ୧୦୦ ଦିନର କାମର ଗ୍ୟାରେଣ୍ଟି ବ୍ୟବସ୍ଥାକୁ ହଟାଇ ଦିଆଯିବା ଏବଂ କେନ୍ଦ୍ର, ରାଜ୍ୟର ଭାଗୀଦାରୀ ୯୦ ଓ ୧୦ପ୍ରତିଶତରୁ କମାଇ ୬୦ ଓ ୪୦ ପ୍ରତିଶତ କରିଦେବା ଫଳରେ ଦେଶର ୧୨ କୋଟି ଜବକାର୍ଡଧାରୀ କ୍ଷତିଗ୍ରସ୍ତ ହେବେ ବୋଲି କହିଛନ୍ତି। ସେହିପରି ଡବଲ ଇଞ୍ଜିନ ସରକାରରେ ବଳକା ବିଦ୍ୟୁତ୍ ଥିଲେ ହେଁ ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ ଦେଢ଼ ବର୍ଷ ପରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ ସହିତ ଚାଷ କାର୍ଯ୍ୟ ପାଇଁ ମାଗଣା ବିଦ୍ୟୁତ୍ ଯୋଗାଣ ଦାବି କରିଛନ୍ତି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ୪.୫ ଟଙ୍କା ବଦଳରେ ୟୁନିଟ୍ ପିଛା ୮ ଟଙ୍କା ଶିଳ୍ପରୁ ଆଦାୟ କରିବାକୁ ଦାବି ହୋଇଛି। କଂଗ୍ରେସ ପକ୍ଷରୁ ଚାଏ ପେ ଚର୍ଚ୍ଚା ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏଥିସହ ତୁରନ୍ତ ଅଭାବୀ ଧାନ ବିକ୍ରି ଉପରେ ପଦକ୍ଷେପ ନେବାକୁ କହିଥିଲେ। ସମସ୍ତ ପ୍ରସଙ୍ଗରେ କଂଗ୍ରେସ ଲୋକଙ୍କ ପାଖକୁ ଯିବ, ସମାଧାନ ନ ହେଲେ ବିଧାନସଭା ଘେରାଉ କରିବ ବୋଲି ଚେତାବନୀ ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ପିସିସି ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ସଦର ବ୍ଲକ୍ ସଭାପତି ଉତ୍ତମ ସାହୁ, ଯଦୁମଣୀ ବାରିକ ଉପସ୍ଥିତ ଥିଲେ।

## ଜିଲାପାଳ ହସ୍ତକ୍ଷେପ ନ କଲେ ଆନ୍ଦୋଳନ

### ବିଡିଓଙ୍କୁ ବ୍ଲକ୍ ଅଧ୍ୟକ୍ଷାଙ୍କ ଦୁର୍ବ୍ୟବହାର ଘଟଣା

ହାଟଡିହୀ,୧୨।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ାଙ୍କୁ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଯାହାକୁ ନେଇ ବ୍ଲକ୍ କର୍ମଚାରୀ ସୋମବାର ଅପରାହ୍ନରେ ଏକ ଜରୁରିକାଳୀନ ବୈଠକ ହୋଇଥିଲା। ବିନା କାରଣରେ ଆକ୍ରୋଶ ମୂଳକ ଭାବେ ବିଡିଓଙ୍କ ପ୍ରତି ଏପରି ଦୁର୍ବ୍ୟବହାରକୁ କର୍ମଚାରୀ ମାନେ ନିନ୍ଦା କରିଥିଲେ। ସର୍ବସମ୍ମତି କ୍ରମେ ଘଟଣା ସମ୍ପର୍କରେ ପ୍ରଥମେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଏଥିରେ ସୁଫଳ ନ ମିଳିଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ବିଡିଓ କହିଛନ୍ତି।

ସୂଚନାଯୋଗ୍ୟ, ବ୍ଲକ୍‌ର ଜଣେ ଯନ୍ତ୍ରୀ ବିଧାୟକଙ୍କୁ ତିର ମାରିଦେବି ବୋଲି କହିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବିଧାୟକ ଅଭିମନ୍ୟୁ ସେଠୀ ସମର୍ଥକଙ୍କ ସହ ବିଡିଓଙ୍କୁ ଭେଟିବାକୁ ଯାଇଥିଲେ। ଏହି ସମୟରେ ବିଧାୟକଙ୍କ ସ୍ତ୍ରୀ ତଥା ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏ ନେଇ ବୈଠକ ହୋଇଥିବା ବେଳେ ଅଧ୍ୟକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା।


ବୈଠକରେ ଉପସ୍ଥିତ ବ୍ଲକ୍ କର୍ମଚାରୀ।

## ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ଉତ୍ସବ

ଯୋଡ଼ା,୧୨।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ପକ୍ଷରୁ ରାଷ୍ଟ୍ରଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକ ଉତ୍ସବ, ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ଓ ସାମୂହିକ ଗାନ କାର୍ଯ୍ୟକ୍ରମ ବନେଇକଳା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ, ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡେନିସ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିରଞ୍ଚି ନାରାୟଣ ଶତପଥି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥିମାନେ ୧୫୦ତମ ରାଷ୍ଟ୍ର ଗୀତ ବନ୍ଦେ ମାତରମ ବାର୍ଷିକ ଦିବସ ପୂର୍ତ୍ତି ପାଳନ ଉପଲକ୍ଷେ ବକ୍ତବ୍ୟ ପ୍ରଦାନ କରିବା ସହିତ ନିଜ ମାତୃଭାଷା, ମାତୃଭୂମି ଓ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ସହିତ ଅଖଣ୍ଡତା ଓ ଏକତା ବଜାଇ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଯୋଡ଼ା ବ୍ଲକ୍ ପକ୍ଷରୁ ବନେଇକଳା ଉଚ୍ଚ ବିଦ୍ୟାଳୟ, ଯୋଡ଼ା ପୌର ପାଳିକା ପକ୍ଷରୁ ଯୋଡ଼ା ମହିଳା ମହାବିଦ୍ୟାଳୟ ଓ ବଡ଼ବିଲ ପୌର ପାଳିକା ପକ୍ଷରୁ କଳିଙ୍ଗନଗରଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସିଆରସିସି, ବନେଇକଳା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଯୋଡ଼ା ବ୍ଲକ୍‌ର କର୍ମଚାରୀ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଦୀନବନ୍ଧୁ ପତି ମଞ୍ଚ ପରିଚାଳନା କରିଥିଲେ।

## କେରଳା ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଚମ୍ପୁଆ,୧୨।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ଶିକ୍ଷା ନଗରୀଠାରେ ଥିବା କେରଳା ଇଂଲିଶ ମାଧ୍ୟମ ବିଦ୍ୟାଳୟର ୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଖେଳପଡ଼ିଆଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ସହିତ ଜୁନିୟର, ସବ୍‌ଜୁନିୟର ଓ ସିନିୟର ବିଭାଗରେ ଦୌଡ କୁଦ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଡ. ପିଏସ ରାଜମୋହନ କ୍ରୀଡ଼ାବିତ୍‌ଙ୍କ ମନବଳ ବୃଦ୍ଧି କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟର କଣ୍ଟ୍ରୋଲର ଚିନ୍ମୟ ପ୍ରଧାନ ଓ ଅନ୍ୟତମ ଅତିଥିଭାବେ ଆନ୍ତର୍ଜାତୀୟ ଜୁନିୟର କୋଚ୍ ବିଏସ୍‌କେ ସାମଲ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କ ପାଇଁ ବିଦ୍ୟାଳୟ ହେଉଛି ଏନ୍‌ତୁଡିଶାଳ, ଏଠାରୁ ହିଁ ଜଣେ କ୍ରୀଡ଼ାବିତ୍‌ର ସଂଘର୍ଷ ଆରମ୍ଭ ହେଉଥିବା ବେଳେ କ୍ରୀଡ଼ା କ୍ଷେତ୍ରରେ ଭବିଷ୍ୟତର ଲକ୍ଷ୍ୟ ସ୍ଥିର ହୋଇଥାଏ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ମୁଖ୍ୟ ଦୈତାରି ସାହୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ। ଉପସ୍ଥିତ ଅତିଥି ଅଧିକାରୀଙ୍କ ଦ୍ୱାରା କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।


କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଧରଣୀଧର ମେଡିକାଲ କଲେଜ ଚାମ୍ପିୟନ

### ଆନ୍ତଃ ମେଡିକାଲ କଲେଜ୍ କ୍ରିକେଟ୍ ଟୁର୍ନାମେଣ୍ଟ

କେନ୍ଦୁଝର,୧୨।୧(ଦୀପକ ମିଶ୍ର / ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟ ଖେଳ ପଡ଼ିଆରେ ଆନ୍ତଃ ମେଡିକାଲ କଲେଜ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ନର୍ସିଂ ଅଫିସରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଆନ୍ତଃ ମେଡିକାଲ କଲେଜ କ୍ରିକେଟ୍ ଟୁର୍ନାମେଣ୍ଟରେ ଫକିର ମୋହନ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ହରାଇ ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଚାମ୍ପିୟନ ହୋଇଛି।

ଟୁର୍ନାମେଣ୍ଟରେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ, ପୁରୀର ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବାଲେଶ୍ୱରର ଫକିର ମୋହନ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଯାଜପୁରର ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଆଦି ୬ଟି ଦଳକୁ ନେଇ ନକ୍‌ଆଉଟ ଭିତ୍ତିରେ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ଫକିର ମୋହନ ଭେଷଜ ମହାବିଦ୍ୟାଳୟ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୭୦ ରନ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରି ଧରଣୀଧର ଭେଷଜ ମହାବିଦ୍ୟାଳୟ ନିର୍ଦ୍ଧାରିତ ୧୦ ଓଭର ମଧ୍ୟରୁ ୬.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୭୦ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସନତ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଫେସର ସନ୍ତୋଷ ସେଠୀ, ସମ୍ମାନିତ ଅତିଥିଭାବେ ପ୍ରଫେସର ଡା. ସୁରେନ୍ଦ୍ର ନାଥ ସୋରେନ ଯୋଗଦେଇ ଚାମ୍ପିୟନ, ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ବିତ୍ତ ଅଧିକାରୀ ରାଜେନ୍ଦ୍ର ଜେନା, ହସ୍ପିଟାଲ ମ୍ୟାନେଜର ରାଜା ପ୍ରଧାନ, ସୁନିଲ ସିଂ, ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଜାନକୀ ସେଠୀ, ସିନିୟର ନର୍ସିଂ ଅଫିସର ଶକୁନ୍ତଳା ସର୍ଦ୍ଦାର ପ୍ରମୁଖ ସହଯୋଗ କରିଥିଲେ। ରଞ୍ଜୀତ ପଟ୍ଟନାୟକ ଓ ରାକେଶ ସାହୁ ଖେଳ ପରିଚାଳନା କରିଥିଲେ। ମୁକେଶ କୁମାର ମହାନ୍ତି, ଚିନ୍ମୟ କୁମାର ସାହୁ ଦାୟିତ୍ୱ ଏବଂ ଧାରା ବିବରଣୀ ପ୍ରଦାନ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳ।

# ଇଣ୍ଡିଆନ ଅଏଲ୍, ମାରୁତି ସୁଜୁକି ମଧ୍ୟରେ ଏମ୍ଓୟୁ

**ଇନ୍ଧନ ଷ୍ଟେଶନରେ ମିଳିବ ଯାନବାହନ ସେବା**

ଭୁବନେଶ୍ୱର,୧୨।୧



ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ ଏବଂ ଯାତ୍ରୀବାହୀ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍ଏସ୍ଆଇଏଲ୍) ଗ୍ରାହକଙ୍କ ସୁବିଧା ବୃଦ୍ଧି କରିବା ପାଇଁ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ, ଦେଶର ବିଭିନ୍ନ ମନୋନୀତ ଇଣ୍ଡିଆନ ଅଏଲ ଇନ୍ଧନ ଷ୍ଟେଶନରେ ମାରୁତି ସୁଜୁକି ସେବା ସୁବିଧାକେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ସମନ୍ୱୟ ଦ୍ୱାରା ଗ୍ରାହକମାନେ ଇନ୍ଧନ ଭରୁଥିବା ଷ୍ଟେଶନରେ ହିଁ ମାରୁତି ସୁଜୁକି କାର୍ ପାଇଁ ନିର୍ଦ୍ଧାରିତ ସମୟସୀମା ରକ୍ଷଣାବେକ୍ଷଣ ଏବଂ ଛୋଟ ମରାମତି ଭଳି ସୁବିଧା ପାଇପାରିବେ। ଇଣ୍ଡିଆନ ଅଏଲ ଏହାର ବ୍ୟାପକ ରିଟେଲ ଉପସ୍ଥିତି ସହିତ ମାରୁତି ସୁଜୁକିର ୫,୭୮୦ରୁ ଅଧିକ ସର୍ଭିସ୍ ଟଚ୍ ପଏଣ୍ଟକୁ ଆହୁରି ସୁଦୃଢ଼ କରିବ। ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ମାର୍କେଟିଂ) ସୌମିତ୍ର ପି ଶ୍ରୀବାସ୍ତବ କହିଛନ୍ତି, ଇଣ୍ଡିଆନ ଅଏଲର ଭାରତରେ ୪୧,୦୦୦ ରୁ ଅଧିକ ଇନ୍ଧନ ଷ୍ଟେଶନ ରହିଛି। ମାରୁତି ସୁଜୁକିର ସହଭାଗିତାରେ ଶକ୍ତି ପ୍ରଦାନ ସହିତ ବିଶ୍ୱସ୍ତରୀୟ ଅଟୋମୋଟିଭ ରକ୍ଷଣାବେକ୍ଷଣକୁ ଏକୀକୃତ କରୁଥିବା ସେ କହିଛନ୍ତି। ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧିକାରୀ (ସେବା) ରାମ ସୁରେଶ ଆକେଲା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଆମ ଗ୍ରାହକମାନଙ୍କ ପାଇଁ କାର୍ ସେବାକୁ ଯଥା ସମ୍ଭବ ସହଜ ଏବଂ ସୁବିଧାଜନକ କରିବା। ଭାରତର ସବୁଠାରୁ ବିଶ୍ୱସ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ସହିତ ସହଭାଗିତା କରି ଗ୍ରାହକଙ୍କ ସେବାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ ଆଶା ରଖିଛନ୍ତି।

# ବଢ଼ିଲା ସୁନାରୁପା ଦର

ଭୁବନେଶ୍ୱର,୧୨।୧
(ଅନୁରାଧା ମହାରଣା)

ଉଭୟ ସୁନା ଓ ରୁପା ଦର ସୋମବାର ମହଙ୍ଗା ହୋଇଛି । ବର୍ଷ ଆରମ୍ଭରେ ସୁନା ଓ ରୁପା ଦର ସାମାନ୍ୟ ଖସିଥିଲା। ମାତ୍ର ସୋମବାର ୨୪ କ୍ୟାରେଟ ସୁନା ୧୦ଗ୍ରାମ୍ ପ୍ରତି ୧.୪୦ଲକ୍ଷ ଟଙ୍କା ଅତିକ୍ରମ କରିଛି । ସେହିପରି ରୁପା ଦର କିଲୋଗ୍ରାମ ପ୍ରତି ୧୨ହଜାର ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ୨୪ କ୍ୟାରେଟ ସୁନାର ଦାମ୍ ୧୦ଗ୍ରାମ୍ ପ୍ରତି ୧,୪୨, ୩୦୦ ରହିଛି । ଗତ ସପ୍ତାହ ଅପେକ୍ଷା ୨୪୩୭ ଟଙ୍କା ବୃଦ୍ଧି ହୋଇଛି। ୨୨ କ୍ୟାରେଟ ସୁନା ଦର ୧,୩୦,୪୫୦ ଟଙ୍କା ରହିଛି । ସେହିପରି ରୁପା ଦର କିଲୋଗ୍ରାମ୍ ପ୍ରତି ୨,୬୫,୧୩୩ ଟଙ୍କାରେ ପହଞ୍ଚିଛି। ବିବାହ ଋତୁ ଚାଲିଥିବାବେଳେ ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କୁ ଚିନ୍ତାରେ ପକାଇଛି।

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ୧୧% ଅଭିବୃଦ୍ଧି

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ରେକର୍ଡ କରିଛି। ଡିସେମ୍ବର ପର୍ଯ୍ୟନ୍ତ ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୨୦୯.୯୭ ନିୟୁତ ଟନ୍ ମୋଟ ମାଲ୍ ପରିବହନ ହାସଲ କରିଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ପ୍ରଦର୍ଶନ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ୪% ଅଧିକ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ଟିଲାଇଜର ପରିବହନରେ ୪୦% ବୃଦ୍ଧି ଘଟିଥିବା ବେଳେ ଉତ୍ପାଦ ଇସ୍ପାତରେ ୩୧% ବୃଦ୍ଧି ଘଟିଛି। ସେହିଭଳି ଲୁହାପଥର ପରିବହନରେ ୨୦% ଓ ଖାଦ୍ୟ ଶସ୍ୟ ପରିବହନରେ ୧୬% ବୃଦ୍ଧି ରେକର୍ଡ କରାଯାଇଛି। ନୂତନ ରେଳ ଲାଇନର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହ ଦୋହରୀକରଣ ଏବଂ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା, ଯାହା ସମଗ୍ର ଅଞ୍ଚଳରେ ସଂଯୋଗକୁ ବୃଦ୍ଧି କରିଥିବାରୁ ପଣ୍ୟବହନ ସରଳ ହୋଇଛି। ଏହାସହ ବିସ୍ତାରିତ ରେଳ ଭିତ୍ତିଭୂମି ମାଧ୍ୟମରେ ଖଣିଜ ବେଲ୍ଟ ଏବଂ ବନ୍ଦର ସହିତ ଶିଳ୍ପଗୁଡ଼ିକୁ ସଂଯୋଗ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ହବ୍ ଭାବରେ ରେଳପଥର ସ୍ଥିତିକୁ ସୁଦୃଢ଼ କରାଯାଇଛି। ବିଭିନ୍ନ ସରକାରୀ ଏଜେନ୍ସି ଏବଂ ଶିଳ୍ପଗୁଡ଼ିକ ସହିତ ସାମଗ୍ରୀ ପରିବହନର ସମୟାନୁବର୍ତ୍ତୀ ଏବଂ ଦକ୍ଷତାର ସହିତ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିରନ୍ତର ସହଯୋଗ ଏବଂ ଯୋଜନା ଏଥିରେ ସହାୟକ ହୋଇଛି।

# ‘ଓଡ଼ିଶା ସ୍କିଲ୍ସ’ରେ ୬୩ ପଦକ ହାସଲ କଲା ସିଜିୟୁ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ଦକ୍ଷତା ପ୍ରତିଯୋଗିତା ‘ଓଡ଼ିଶା ସ୍କିଲ୍ସ ୨୦୨୫-୨୬’ରେ ସିଭି ରମଣ ଗ୍ଲୋବାଲ୍ ୟୁନିଭରସିଟି(ସିଜିୟୁ)ର ଛାତ୍ରୀଛାତ୍ରମାନେ ୨୭ଟି ଦକ୍ଷତା ବିଭାଗରେ ଅଂଶଗ୍ରହଣ କରି ୬୩ଟି ପଦକ ହାସଲ କରି ଶୀର୍ଷସ୍ଥାନରେ ରହିଛନ୍ତି। ୨୩ଟି ସ୍ୱର୍ଣ୍ଣ, ୧୯ଟି ରୌପ୍ୟ ଏବଂ ୨୧ଟି କାଂସ୍ୟ ପଦକ ଜିତିବାରେ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ସିଜିୟୁର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ କହିଛନ୍ତି, ଭାରତ ସରକାରଙ୍କ ନ୍ୟାଶନାଲ ଏଜୁକେଶନ ପଲିସି ଅନୁସାରେ ବିଶ୍ୱବିଦ୍ୟାଳୟ ତା’ର ସମସ୍ତ କରିକୁଲମରେ ସ୍କିଲ୍କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଦକ୍ଷତା ବୃଦ୍ଧି ହେବା ସହ ଦେଶ ବିଦେଶରେ ନିଯୁକ୍ତି ପାଇବାରେ ସଫଳ ହେଉଛନ୍ତି। ସୂଚନା ଥାଉକି, ୱାର୍ଲ୍ଡ ସ୍କିଲ୍ ୨୦୧୯ରେ ସିଜିୟୁ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୱାର୍ଲ୍ଡ ସ୍କିଲ୍ ୨୦୨୨ରେ ରୌପ୍ୟ ପଦକ ଓ ମେଡାଲିୟନ୍ ଅଫ୍ ଏକ୍ସିଲେନ୍ସ ପଦକ ଜିତିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୪ରେ ମଧ୍ୟ ମେଡାଲିୟନ୍ ଏକ୍ସିଲେନ୍ସ ହାସଲ କରିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୨ରେ ୯ଜଣ ଏବଂ ୨୦୨୪ରେ ୧୦ ଜଣ ଭାରତକୁ ପ୍ରତିନିଧିତ୍ୱ କରିଥିଲେ।

# ୪୦ କୋଟିରୁ ଅଧିକ ଭାରତୀୟ ବୀମା କରିନାହାନ୍ତି: ସିଙ୍ଘେଲ

ଭୁବନେଶ୍ୱର,୧୨।୧

ସରକାରୀ ଯୋଜନା ସତ୍ତ୍ୱେ ୪୦ କୋଟିରୁ ଅଧିକ ଭାରତୀୟ ବୀମାବିହୀନ ରହିଛନ୍ତି ଏବଂ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜ ପକେଟରୁ ଚିକିତ୍ସା ଖର୍ଚ୍ଚ କରି ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଉଛନ୍ତି । ଆମେ ୟୁନିଅନ ବଜେଟ ଆଡ଼କୁ ଅଗ୍ରସର ହେଉଥିବାବେଳେ, ଅଭିବୃଦ୍ଧି, ପୁଞ୍ଜି ଏବଂ ନିବେଶ ଉପରେ ଆଲୋଚନା ହେବା ସ୍ୱାଭାବିକ । ତେବେ ଏକ ସୁରକ୍ଷିତ ଏବଂ ଅଧିକ ଆତ୍ମବିଶ୍ୱାସୀ ଭାରତର ମୂଳଦୁଆ ଭାବରେ ବଜେଟ ପ୍ରାଥମିକତାରେ ଇନ୍ସୁରାନ୍ସ ରହିଛି। ଇନ୍ସୁରାନ୍ସକୁ ସାମାଜିକ ଭିତ୍ତିଭୂମି ଭାବରେ ସ୍ୱୀକାର କରିବା ଦ୍ୱାରା ଆମେ ଏକ ଅଧିକ ସୁଦୃଢ଼ ରାଷ୍ଟ୍ର ଗଠନ କରିପାରିବା ବୋଲି ବଜାଜ ଜେନେରାଲ ଇନ୍ସୁରାନ୍ସ ଲିମିଟେଡ୍ର ଏମ୍ଡି ଓ ସିଇଓ ଏବଂ ଜେନେରାଲ ଇନ୍ସୁରାନ୍ସ କାଉନସିଲ୍ର ଚେୟାରମ୍ୟାନ ଡ. ତପନ ସିଙ୍ଘେଲ କହିଛନ୍ତି। ସେ କହିଛନ୍ତି, ପୂର୍ଣ୍ଣକାଳୀନ, ଚୁକ୍ତିଭିତ୍ତିକ ଏବଂ ଗିଗ୍ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରୁଥିବା ଏକ ପର୍ଯ୍ୟାୟକ୍ରମେ, ବାଧ୍ୟତାମୂଳକ ଏମ୍ପ୍ଲୟର-ଏମ୍ପ୍ଲୟୀ ହେଲ୍ଥ ଇନ୍ସୁରାନ୍ସ ଫ୍ରେମୱାର୍କ ଏହି ବ୍ୟବଧାନକୁ ପୂରଣ କରିବା ହେଲ୍ଥ କଭର ପାଇଁ ଟ୍ୟାକ୍ସ ଇନସେନଟିଭ ଏବଂ ସିଏସଆର୍ ସ୍ୱୀକୃତି ଏହାର ବ୍ୟାପକ ଗ୍ରହଣକୁ ଉତ୍ସାହିତ କରିପାରିବ ।

# କେୟାର ହସ୍ପିଟାଲ୍ସରେ ବିରଳ ହୃଦ୍‌ରୋଗ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

କେୟାର ହସ୍ପିଟାଲ୍ସ ଭୁବନେଶ୍ୱର ଏକ ବିରଳ ଏବଂ ଜଟିଳ ହୃଦରୋଗ ଅସ୍ତ୍ରୋପଚାର ସଫଳ ହୋଇଛି। ଡା. ଶୁଭକାନ୍ତ ବିଶ୍ୱାଳ, ବରିଷ୍ଠ ପରାମର୍ଶଦାତା - କାର୍ଡିଓଥୋରାସିକ ଏବଂ ଭାସ୍କୁଲାର୍ ସର୍ଜରୀଙ୍କ ନେତୃତ୍ୱରେ ଏକ ଅଭିଜ୍ଞ କାର୍ଡିଓଥୋରାସିକ ସର୍ଜରୀ ଦଳ ଦ୍ୱାରା ଏହି ଅସ୍ତ୍ରୋପଚାର କରାଯାଇଥିଲା, ଯେଉଁଥିରେ ଡାକ୍ତର ସୋମେନ, ପରାମର୍ଶଦାତା - ସିଟିଭିଏସ୍ ଏବଂ ଦକ୍ଷ ସିଟିଭିଏସ୍ ନର୍ସିଂ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ ସହାୟତା କରିଥିଲେ। ଏହି ପ୍ରକ୍ରିୟା ପାଇଁ ବହୁବିଧ କ୍ଲିନିକାଲ ଦଳ ମଧ୍ୟରେ ସୂକ୍ଷ୍ମ ଯୋଜନା ଏବଂ ସମନ୍ୱୟ ଆବଶ୍ୟକ ଥିଲା। ସମଗ୍ର ଅସ୍ତ୍ରୋପଚାରକୁ ଡା. ମନୋରଞ୍ଜନ ପାଢ଼ୀ ଏବଂ ଡାକ୍ତର ଧର୍ମଜୀବନଙ୍କ ନେତୃତ୍ୱରେ କାର୍ଡିଆକ ଆନାସ୍ଥେସିଆ ଦଳ ଦ୍ୱାରା ଦକ୍ଷତାର ସହିତ ପରିଚାଳିତ କରାଯାଇଥିଲା, ଯାହାଙ୍କ ବିଶେଷଜ୍ଞତା ପ୍ରକ୍ରିୟା ସାରା ରୋଗୀଙ୍କ ସ୍ଥିରତା ଏବଂ ସୁରକ୍ଷା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଅସ୍ତ୍ରୋପଚାର ପରେ, ରୋଗୀ ସ୍ଥିର ସୁସ୍ଥତା ଦେଖାଇଲେ ଏବଂ ଷଷ୍ଠ ଅସ୍ତ୍ରୋପଚାର ପରେ ସ୍ଥିର ଅବସ୍ଥାରେ ତାଙ୍କୁ ଡିସଚାର୍ଜ କରାଯାଇଥିଲା। ଏହି ଅବସରରେ ଡାକ୍ତରୀ ଦଳ ଆଲୋକପାତ କରିଥିଲେ ଯେ ଏପରି ଜଟିଳ ପ୍ରକ୍ରିୟାଗୁଡ଼ିକ ପାଇଁ କେବଳ ଉନ୍ନତ ଭିତ୍ତିଭୂମି ନୁହେଁ ବରଂ ଦୃଢ଼ ଦଳଗତ କାର୍ଯ୍ୟ ଏବଂ କ୍ଲିନିକାଲ ବିଶେଷଜ୍ଞତା ମଧ୍ୟ ଆବଶ୍ୟକ।

# ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ବିବେକାନନ୍ଦ ଜୟନ୍ତୀ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ସୋମବାର ପବିତ୍ର ବିବେକାନନ୍ଦ ଜୟନ୍ତୀ ତଥା ‘ଜାତୀୟ ଯୁବ ଦିବସ’ ପାଳିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟ ଅତିଥି ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ ପ୍ରାରମ୍ଭିକ ଭାଷଣରେ ସମଗ୍ର ଭାରତ ଓ ବିଶ୍ୱମଙ୍ଗଳ ପାଇଁ ସ୍ୱାମୀ ବିବେକାନନ୍ଦଙ୍କର ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ତାଙ୍କ ମହାର୍ଘ ଜୀବନକୁ ଆଦର୍ଶ କରି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନଶୈଳୀ, ଦୃଢ଼ ଆତ୍ମବିଶ୍ୱାସ, ମାନବୀୟ ମୂଲ୍ୟବୋଧ, କଠୋର ପରିଶ୍ରମ ଓ ମହତ୍ ଲକ୍ଷ୍ୟ ସହିତ ନିଜର ଜୀବନକୁ ସଫଳ ଓ ସାର୍ଥକ କରନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ତାଙ୍କ ଅଭିଭାଷଣରେ ବିବେକାନନ୍ଦଙ୍କ ଦର୍ଶନ, ଆଧ୍ୟାତ୍ମିକତା, ରାଷ୍ଟ୍ରବାଦ୍ ଏବଂ ଶିକ୍ଷାର ଗୁଣବା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଆଜିର ଯୁବପିଢ଼ି ନିଜ ଚରିତ୍ର ଗଠନ ସହ ସତ୍ୟତା, ପବିତ୍ରତା ଏବଂ ନିଃସ୍ୱାର୍ଥପରତାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ୍ । ବୈଷୟିକ ଜ୍ଞାନକୌଶଳ ସହ ଆଧ୍ୟାତ୍ମିକ ଚେତନାର ସମନ୍ୱୟ ରକ୍ଷା କରି ଏକବିଂଶ ଶତାବ୍ଦୀର ଆହ୍ୱାନକୁ ସାମ୍ନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଶେଷରେ ସମସ୍ତେ ‘ବନ୍ଦେ ମାତରମ୍’ ଗାନ କରିବା ସହିତ ‘ସ୍ୱଦେଶୀ ସଂକଳ୍ପ’ ପାଠ କରି ଆତ୍ମନିର୍ଭର ଭାରତ ଗଠନ ପାଇଁ ଶପଥ ନେଇଥିଲେ ।

## ଅପରାଧ

# ଗ୍ୟାଙ୍ଗ୍‌ର ଆଉ ୩ ଗିରଫ

**ଭୁବନେଶ୍ୱରରେ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ଘଟଣା**

- କେରଳ, ବିହାରକୁ ଯିବ କମିଶନରେଟ୍ ପୋଲିସ
- ଜବତ ସାମଗ୍ରୀକୁ ଫୋରେନ୍ସିକ୍ ଲାବ୍‌କୁ ପଠାଗଲା

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)



ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କାପାଣି ରୋଡ୍‌ର ପ୍ଲଟ ନଂ.୨୧୭୧/୧୬ସ୍ଥିତ ଘରେ ଆନ୍ତଃରାଜ୍ୟ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ହେବା ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି। ସାଇବର ଠକ ଗ୍ୟାଙ୍ଗ୍‌ର ୧୨ଜଣ ରବିବାର ଗିରଫ ହୋଇ ଜେଲ ଯାଇଥିବାବେଳେ ଆଉ ୩ ଜଣ ସୋମବାର ବଡ଼ଗଡ଼ ଅଞ୍ଚଳରୁ ଧରାପଡ଼ିଛନ୍ତି। ସେମାନେ ହେଲେ ବିହାର ନାଳନ୍ଦା ଜିଲା କଟ୍‌ରିସରାଇ ଅଞ୍ଚଳର ଚନ୍ଦନ କୁମାର(୪୦), ପଙ୍କଜ କୁମାର(୩୮) ଓ ରିଶି କୁମାର(୨୭)। ୩ଟି ମୋବାଇଲ ଓ ଗୋଟିଏ କାର୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ସାଇବର ଠକଙ୍କ ପାଖରୁ ଜବତ ହୋଇଥିବା ୩୦ଟି କି’ପ୍ୟାଡ୍ ମୋବାଇଲ, ୩୦ଟି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍, ୨ଟି ଲାପ୍‌ଟପ୍, ୬ଟି ସିମ୍‌କାର୍ଡ ଆଦିକୁ ଯାଞ୍ଚ ପାଇଁ ଷ୍ଟେଟ୍ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରି (ଏସ୍ଏଫ୍ଏସ୍ଏଲ୍)କୁ ମଧ୍ୟ ପଠାଯାଇଛି।

ଗିରଫ ୩ ଅଭିଯୁକ୍ତ ବିଶେଷ କରି ଫେକ୍ ସିମ୍‌କାର୍ଡ ଓ ମ୍ୟୁଲ୍ ଆକାଉଣ୍ଟ ସଂଗ୍ରହ କରିବା, ସ୍ପିଡ୍ ପୋଷ୍ଟ ଜରିଆରେ ଲୋକମାନଙ୍କୁ ଲେଟର ପଠାଇବା ଏବଂ ମ୍ୟୁଲ୍ ଆକାଉଣ୍ଟରୁ ଟଙ୍କା ଉଠାଣ କରିବା କାମ କରୁଥିଲେ। ତେବେ ଏହି ଠକେଇ ଗ୍ୟାଙ୍ଗ୍‌ର ଅନ୍ୟ ସହଯୋଗୀ ଓ ଏଜେଣ୍ଟମାନେ ବିହାର ଓ କେରଳରେ ଥିବାବେଳେ ସେମାନଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଅଭିଯୁକ୍ତମାନଙ୍କ ପ୍ରକୃତ ପରିଚୟ, ଶିକ୍ଷାଗତ ଯୋଗ୍ୟତା ସମେତ ଅପରାଧ ପୃଷ୍ଠଭୂମି ବିଷୟରେ ଜାଣିବା ଏବଂ ଗ୍ୟାଙ୍ଗ୍‌ର ଲିଙ୍କ୍‌ରେ ଥିବା ସହଯୋଗୀଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ଯୋଜନା କରିଛି। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ଏହି ଗ୍ୟାଙ୍ଗ୍‌ର ବିହାର କଟରିସରାଇରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟକୁ ଯୋଗାଡ଼ କରିଥିଲେ। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ। ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଅଧିକ ହାସଲ ପାଇଁ ସେମାନଙ୍କ ବିହାର ଓ କେରଳସ୍ଥିତ ଜିଲାର ଏସ୍‌ପିଙ୍କୁ ଚିଠି ଲେଖାଯିବ। କମିଶନରେଟ ପୋଲିସ ଟିମ୍ ଉକ୍ତ ଜିଲାଗୁଡ଼ିକୁ ଯାଇ ଏହି ଗ୍ୟାଙ୍ଗ୍‌ର ଚେନ୍‌ରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବ ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଦେବାଶିଷ ତ୍ରିପାଠୀଙ୍କ ଘରେ ଏହି କଲ୍ ସେଣ୍ଟର ଚାଲିଥିଲା। ଦେବାଶିଷଙ୍କ ସହ ଅର୍ଜୁନ ଓ ପଙ୍କଜ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଥିଲେ। ସାଇବର ଠକମାନେ ଗିଫ୍ଟ ଭାଉଚର, କେରଳ ଲଟେରି, ଲୋନ୍ ଦେବାକୁ କହି ଠକୁଥିଲେ। ଦେବାଶିଷ ଜଣେ ଗ୍ରାଫିକ୍ସ ଡିଜାଇନର ହୋଇଥିବବେଳେ ସେ ସ୍କ୍ରାଚ୍ କାର୍ଡ, ଗିଫ୍ଟ ଭାଉଚର, ଲକି କୁପନ, ଅଫର ଲେଟର ଓ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେବା ପାଇଁ ଇମେଜ୍ ବନାଇ ହେଲ୍ପଲାଇନ୍ ନମ୍ବର ରଖି ଜାଲ ବିଛାଉଥିଲେ। ଏଜେଣ୍ଟଙ୍କ ଦ୍ୱାରା ସ୍ପିଡ୍ ପୋଷ୍ଟ ଜରିଆରେ କୁପନ, ସ୍କ୍ରାଚ୍ କାର୍ଡ, ଲକି ଡ୍ର’ କୁପନ ଆଦି ପଠାଇ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜିତିବାର ପ୍ରଲୋଭନ ଦେଖାଉଥିଲେ। ଗ୍ରାହକମାନେ ପୁରସ୍କାର ପାଇବା ପାଇଁ ହେଲ୍ପଲାଇନ୍ ନମ୍ବରକୁ କଲ୍ କଲେ ଠକମାନେ ବିଭିନ୍ନ ଫିସ୍ ଦେବାକୁ କହି ଟଙ୍କା ନେଇ ଆସୁଥିଲେ। ସେହିପରି ବିଭିନ୍ନ ଲୋନ୍ ଦେବାକୁ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେଉଥିଲେ। ଅଭିଯୁକ୍ତମାନେ କେରଳ ଲଟେରି ନାଁରେ ଫେସବୁକ୍‌ରେ ବିଜ୍ଞାପନ ଦେଇ ମଧ୍ୟ ଠକୁଥିଲେ।

# ବ୍ୟବସାୟୀଙ୍କଠାରୁ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ରୁପା ଅଳଙ୍କାର

କବିସୂର୍ଯ୍ୟନଗର,୧୨।୧
(କୃପାସିନ୍ଧୁ ସ୍ୱାଇଁ)

**ମାଉଜର ଦେଖାଇ ଲୁଟ୍**



ଲୁଟ୍ ର ଶିକାର ହୋଇଥିବା ବ୍ୟବସାୟୀ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କଠାରୁ ସୋମବାର ବଡ଼ ଧରଣର ଲୁଟ୍ ହୋଇଛି। ତାଙ୍କଠାରୁ ୨୫ ଲକ୍ଷଟଙ୍କାର ରୁପା ଅଳଙ୍କାର ଦୁର୍ବୃତ୍ତମାନେ ମାଉଜର ଦେଖାଇ ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ଖବରରୁ ଜଣାପଡିଛି, ପୁରୁଷୋତ୍ତମପୁରର ବ୍ୟବସାୟୀ ବେଲା ସେନାପତି ସବୁଦିନ ପରି ସୋମବାର ବାଇକ୍‌ରେ ଏକ ଟିଣ ବାକ୍ସରେ ୧୫ କେଜିର ବିଭିନ୍ନ ପ୍ରକାର ରୁପା ଅଳଙ୍କାର ଧରି ମୋହନାପଲ୍ଲୀ ଗ୍ରାମକୁ ବ୍ୟବସାୟ ପାଇଁ ଯାଉଥିଲେ। ତାଙ୍କୁ ପିଛା କରୁଥିବା ତିନିଜଣ ଯୁବକ ଗୁଡିଆଳି ରାସ୍ତାର ପୋଖରୀ ନିକଟରେ ତାଙ୍କ ବାଇକ୍ ଅଟକାଇ ଥିଲେ। ପରେ ସେମାନେ ମାଉଜର ଦେଖାଇ ବେଲାଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର, ସେ ପିନ୍ଧିଥିବା ୨ଟି ସୁନାମୁଦି ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହାର ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବେଲା ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ନଂ. ୧୭/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବାଯାଏ ସେମାନଙ୍କ କୌଣସି ପତ୍ତା ମିଳିନାହିଁ।

# ଅଣଛାତ୍ରଙ୍କ ଆକ୍ରମଣରେ ୨ ଛାତ୍ର ଗୁରୁତର

**ନାରାୟଣୀ ଉଚ୍ଚ ବିଦ୍ୟାଳୟ**

ଗୋପାଳପୁର,୧୨।୧(ନବୀନରାଜ୍ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନସ୍ଥ ଫୁଲଟା ଗ୍ରାମସ୍ଥିତ ମା’ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅଣଛାତ୍ରମାନେ ପଶି ୨ ଜଣ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ। ମା’ ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟ ୧ଟା ୩୦ରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲା। ଏହି ସମୟରେ ୪ଜଣ ଅଣଛାତ୍ର ଲୁହାରଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସ୍କୁଲ ପାଚେରି ଡେଇଁ ଭିତରକୁ ପଶିଥିଲେ। ସେମାନେ ଛାତ୍ର ଓମ୍‌ଙ୍କୁ ଲୁହାରଡରେ ଆକ୍ରମଣ କରିବା ସହ ସେଠାରେ ଖେଳୁଥିବା ଛାତ୍ର ରାମକୃଷ୍ଣଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାଦେଖି ଶିକ୍ଷକ ଓ ଅନ୍ୟମାନେ ଉଭୟଙ୍କୁ ରକ୍ଷା କରିଥିଲେ ମଧ୍ୟ ସେମାନେ ସାମାନ୍ୟ ଆହତ ହୋଇଥିଲେ। ଓମ୍ ଅଚେତ ହୋଇପଡ଼ିଥିଲେ ଏବଂ ରାମକୃଷ୍ଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ୨ ଶିକ୍ଷକ ଛାତ୍ରଦ୍ୱୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। ଖବର ପାଇ ସନ୍ଧ୍ୟାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏସ୍. ଧନଞ୍ଜୟ ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ମେଡିକାଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଖବରଲେଖା ହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏନେଇ ଥାନାରେ ଅଭିଯୋଗ ହେବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ଅଣଛାତ୍ରମାନଙ୍କ ଏଭଳି ଆତଙ୍କରାଜ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ବିଦ୍ୟାଳୟରେ ପଶି ଛାତ୍ରଙ୍କୁ ଆକ୍ରମଣ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କୋର୍ଟରେ ହାଜର ହେଲେ ପ୍ରଦୀପ ପାଣିଗ୍ରାହୀ

**ଟାଟା କମ୍ପାନୀରେ ଚାକିରି ଠକେଇ ମାମଲା**

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)

ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଏକାଧିକ ଯୁବକଙ୍କୁ ଠକେଇ କରିବା ମାମଲାରେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ସୋମବାର ଭୁବନେଶ୍ୱର ଜେଏମ୍ଏଫ୍‌ସି-୧ କୋର୍ଟରେ ହାଜର ହୋଇଛନ୍ତି। ସେହିପରି ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକ ମଧ୍ୟ ହାଜର ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଏବେ ଶୁଣାଣିପ୍ରକ୍ରିୟା ଜାରିରହିଛି। ପୂର୍ବରୁ ଏହି ମାମଲାରେ ଥିବା ସାକ୍ଷୀମାନଙ୍କ ବୟାନ ରେକର୍ଡ ହୋଇସାରିଥିବା ବେଳେ ଏବେ ଅଭିଯୋଗକାରୀଙ୍କୁ ଜେରା ପ୍ରକ୍ରିୟା ଚାଲୁ ରହିଛି। ଏହି ମାମଲାରେ ଆକାଶ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ପ୍ରଦୀପ ସହ ଅଭିଯୁକ୍ତ ରହିଛନ୍ତି।

# ବେଆଇନ ସିମ୍‌କାର୍ଡ କାରବାର, ୪ ଗିରଫ

ଭଣ୍ଡାରିପୋଖରୀ,୧୨।୧(ରାଜେନ୍ଦ୍ର ଶତପଥୀ)



ଗିରଫ ୪ ଅଭିଯୁକ୍ତ।

ବେଆଇନ ସିମ୍‌କାର୍ଡ ବ୍ୟବସାୟ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କୁଲଣାର ଦିଲୀପ ସାହୁ(୩୦), ବିଶୋଳ ଶାସନର ରମେଶ ଚନ୍ଦ୍ର ପରିଡ଼ା ଓରଫ କାଳିଆ(୩୭), ଆଶିଷ କୁମାର ସ୍ୱାଇଁ(୪୦) ଓ ଚାନ୍ଦବାଲି ଥାନା ନଳଗୁଣ୍ଡା ଅଞ୍ଚଳର ଗଣେଶ କୁମାର ରାଉତ(୨୫)।

ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ସୂଚନା ଅନୁଯାୟୀ, ବେଆଇନ ସିମ୍‌କାର୍ଡ ବ୍ୟବସାୟ କରି ସାଇବର ଅପରାଧୀଙ୍କୁ ଯୋଗାଇବା ଅଭିଯୋଗରେ ଦିଲ୍ଲୀ ସାହିନବାଗ ପୋଲିସ ଗତ ଡିସେମ୍ବର ୧୦ରେ ମଞ୍ଜୁରୀରୋଡ୍ ଅଞ୍ଚଳରୁ ଅଭିଯୁକ୍ତ ସନ୍ତୋଷ ଖଣ୍ଡେଇଙ୍କୁ ଗିରଫ କରିବା ପରେ ସ୍ଥାନୀୟ ପୋଲିସ ଏହି କାରବାର ଉପରେ ଦୃଷ୍ଟି ରଖିଥିଲା। ସନ୍ତୋଷଙ୍କୁ ଦିଲ୍ଲୀ ପୋଲିସ ସ୍ଥାନୀୟ ଥାନାରେ ପଚରାଉଚରା କରିବା ସମୟରେ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ କୁଲଣା ଗ୍ରାମର ଦିଲୀପ, ବିଶୋଳ ଶାସନର ରମେଶ ଓ ଅନ୍ୟମାନଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଏହି କାରବାରରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଧରିବା ପାଇଁ ଏସ୍‌ପି ମନୋଜ ରାଉତ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଦିଲୀପ ‘ଏୟାରଟେଲ ମିତ୍ର’ର ଅଧିକୃତ ସିମ୍‌କାର୍ଡ ବିକ୍ରେତା ଥିଲେ। ‘ଇଲେକ୍ଟ୍ରୋନିକ୍ କଷ୍ଟମର ଆପ୍ଲିକେଶନ ଫର୍ମ’, କେୱାଇସି, ବାୟୋମେଟ୍ରିକ ଯାଞ୍ଚ ଆଦି ସମସ୍ତ ନୀତିନିୟମକୁ ଏଡ଼ାଇ ଏବଂ ନିରୀହ ଲୋକଙ୍କ ଅଜାଣତରେ ସେମାନଙ୍କ ଆଧାରକାର୍ଡକୁ ଉପଯୋଗ କରି ଗୋଟିଏ ଆଧାର କାର୍ଡରେ ଏକାଧିକ ସିମ୍‌କାର୍ଡ ଆକ୍ଟିଭ କରିବା ସହ ଏହାକୁ ବହୁ ଦାମ୍‌ରେ ବିକ୍ରୟ କରିଆସୁଥିଲେ। ବେଆଇନ ସିମ୍‌କାର୍ଡ ସାଇବର ଅପରାଧରେ ଉପଯୋଗ ହେଉଥିଲା। ପଞ୍ଜାବ ଏସ୍ଏଏସ୍(ସାହିବଜାଦା ଅଜିତ ସିଂ) ନଗର ଥାନାରେ ଗତ ସେପ୍ଟେମ୍ବର ୨୫ରେ ସାଇବର ମାମଲା (ନଂ.୧୯/୨୫)ରେ ଅଭିଯୁକ୍ତ ଭାବେ ସ୍ଥାନୀୟ ଅଞ୍ଚଳର ୩ଜଣ ଥିବା ଜଣାପଡ଼ିବା ପରେ ପୋଲିସର ମୁଣ୍ଡବିନ୍ଧା ଆରମ୍ଭ ହୋଇଥିଲା। ପଞ୍ଜାବ ପୋଲିସ ଗତ ୬ ତାରିଖରେ ଆସି କୁଲଣା ଓ ଚନ୍ଦ୍ରଭାନୁପୁର ଗ୍ରାମରେ ଚଢ଼ାଉ କରିବା ସହ ଫେରାର ଅଭିଯୁକ୍ତଙ୍କ ନାମରେ ନୋଟିସ ଜାରି କରିଥିଲା। ଜାଲ୍ ସିମ୍‌କାର୍ଡ ବେପାରୀଙ୍କୁ ଧରିବା ପାଇଁ ପୋଲିସ କୁଲଣା, ବିଶୋଳ ଆଦି ଅଞ୍ଚଳରୁ ପର୍ଯ୍ୟାୟକ୍ରମେ ସନ୍ଦିଗ୍ଧଙ୍କୁ ଉଠାଇନେଇ ପଚରାଉଚରା କରିଥିଲା। ଏହି ସମୟରେ କେତେଜଣ ନେତା ଅଟକ ଥିବା ସନ୍ଦିଗ୍ଧଙ୍କ ସପକ୍ଷରେ ଥାନାକୁ ଯାଇ ପୋଲିସ ଉପରେ ଚାପ ପ୍ରୟୋଗ କରିଥିଲେ। ଗତ ୧୦ ତାରିଖରେ ସବ୍‌ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୪/୨୬) ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଏହି ର୍‍ୟାକେଟରେ ବହୁ ବ୍ୟକ୍ତି ସମ୍ପୃକ୍ତ ଥିବା ଥାନାଧିକାରିଣୀ ନାୟକ କହିଛନ୍ତି।

## ସୋରରେ ୫ ଧାନମଣ୍ଡି ଖୋଲିଲା

ସୋର, (ଜନ୍ମେଜୟ ମିଶ୍ର): ସୋର ବ୍ଲକର ୫ ସେବା ସମବାୟ ସମିତିରେ ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସୋର ବ୍ଲକରେ ଥିବା ଅନନ୍ତପୁର, ମହୁମୁହାଣ, ଗୋପୀନାଥପୁର, ପୌରପାଳିକାର ଅଡଙ୍ଗ ଓ ଉତ୍ତରେଶ୍ୱର ସେବା ସମବାୟ ସମିତିରେ ଧାନମଣ୍ଡିକୁ ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ସମସ୍ତ ସେବା ସମବାୟ ସମିତିର ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଜନ୍ମଦିନର ଶୁଭେଚ୍ଛା


ନାମ: ...............................
ବୟସ:...............................
ଜନ୍ମ ତାରିଖ: ..........................



ଝୁମୁରି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଭୋଗରାଇ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋ ହୃଦୟର ଗଭୀରତମ ପ୍ରଦେଶରୁ ଜଣାଉଛି ସଭକ୍ତି ପ୍ରଣାମ, ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ଆସନ୍ତୁ ସଭିଏଁ ମିଳିମିଶି ବାବା ଭୂଷଣ୍ଡେଶ୍ୱର ମହାଦେବ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ ପାଇଁ ଅଣ୍ଟାଭିଡିବା ଏବଂ ଭୋଗରାଇ ନିର୍ବାଚନମଣ୍ଡଳୀକୁ ସ୍ୱଚ୍ଛ, ସବୁଜ ଓ ସଚେତ ରଖିବା। ନବବର୍ଷ ଭୋଗରାଇବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହା ହିଁ ପ୍ରଭୁଙ୍କଠାରେ ପ୍ରାର୍ଥନା।

ଇଂ. ଅଭିଜିତ ଦାସ | କାର୍ଯ୍ୟକାରୀ ସଭାପତି, ଅନନ୍ତ ଦାସ ଫାଉଣ୍ଡେସନ, ଭୋଗରାଇ, ବାଲେଶ୍ୱର



ଇଂରାଜୀ ନବବର୍ଷ ଓ ପବିତ୍ର ମକରସଂକ୍ରାନ୍ତି ଅବସରରେ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ (ଆର୍.ଆଇ.ଏଚ୍.ଏସ୍) ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ, ପରିଚାଳନା କମିଟି ଓ ଶିକ୍ଷପ୍ରେମୀମାନଙ୍କୁ ଜଣାଉଛି ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଆସନ୍ତୁ ସଭିଏଁ ମିଳିମିଶି ଏହି ଶିକ୍ଷାନୁଷ୍ଠାନକୁ ଓଡ଼ିଶାରେ ଏକନମ୍ବର ଆଦର୍ଶ ଓ ଉପଯୁକ୍ତ ମଣିଷ ତିଆରି କାରଖାନା କରି ଗଢିତୋଳିବା।

ଶ୍ରୀ ବିଜୟ କୁମାର ମିଶ୍ର
ଅଧ୍ୟକ୍ଷ, ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ (ଆର୍.ଆଇ.ଏଚ୍.ଏସ୍) ମହାବିଦ୍ୟାଳୟ, ଭୋଗରାଇ, ବାଲେଶ୍ୱର

# 'ବିଶ୍ୱ ମାନଚିତ୍ରରେ ଚାନ୍ଦିପୁରର ସ୍ଥାନ ସ୍ୱତନ୍ତ୍ର'

■ସରିଲା ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ
■ମନମୋହିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୨।୧(ବାଞ୍ଛାନିଧି ଦେ)

ଚାନ୍ଦିପୁରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ବିଶ୍ୱ ମାନଚିତ୍ରରେ ଏହାର ସ୍ଥାନ ସ୍ୱତନ୍ତ୍ର। ବେଳାଭୂମିର ସୌନ୍ଦର୍ଯ୍ୟକରଣ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବ କମିଟି ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ପୌରଧ୍ୟକ୍ଷା ସବିତା ସାହୁ ପ୍ରମୁଖ ଯୋଗଦେଇ ବାଲେଶ୍ୱରର ଗାରିମା ବହନ କରୁଥିବା ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମିର ପୁନରୁଦ୍ଧାର ପାଇଁ ସାମୂହିକ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବ କମିଟି ସାଧାରଣ ସମ୍ପାଦକ ଆଇନଜୀବୀ ହରେକୃଷ୍ଣ ଦାଶ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ପାଦକ କିଶୋର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ସମରେନ୍ଦ୍ର ଦାସ, ଭାଗବତ ସାହୁ ଓ ପ୍ରଶାନ୍ତ ମହାନ୍ତି, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ସାମାଜିକ କର୍ମୀ ପର୍ଶୁରାମ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବର ସ୍ମରଣିକା 'ସୁବର୍ଣ୍ଣ ସିକତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ଷ୍ଟଲଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ବିପ୍ଳବ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

## ବିବେକାନନ୍ଦ ଜୟନ୍ତୀ

ଔପଦା, ୧୨।୧(ଧରିତ୍ରୀ ପଣ୍ଡା): ଔପଦା ବ୍ଲକ ତଳକିଆ ପଞ୍ଚାୟତ ଖଇରା ଗ୍ରାମର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିବେକାନନ୍ଦ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିସ୍ମା ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫତେପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର ବେହେରା ପିଲାମାନେ ଇଚ୍ଛା କଲେ ନିଜ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୁନି ସିଂ, ପୂର୍ବତନ ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, ଡିମ୍ବୁରା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ରାଉଳ, ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ସାହୁ, ବିବେକାନନ୍ଦ ବିଦ୍ୟାଳୟର ପ୍ରତିଷ୍ଠାତା ଗଡ଼ସଙ୍ଗ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବଳ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଛାତ୍ରୀ ନବ୍ୟାପ୍ରିୟଦର୍ଶନୀ ନାୟକ ଇଂରାଜୀରେ ଏବଂ ଛାତ୍ର ଆଦର୍ଶ ତ୍ରିପାଠୀ ହିନ୍ଦୀରେ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ବକ୍ତୃତା ଦେଇଥିଲେ।

# ସାପ୍ତାହିକ ହାଟ ଉଦ୍‌ଘାଟନ କଲେ ବିଧାୟକ



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

■ନହଙ୍ଗ ଗ୍ରାମବାସୀଙ୍କ ଆଶା ପୂରଣ ହେଲା
■ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକତା ପୂରଣ କରିବ ନହଙ୍ଗ ହାଟ

ଖଇରା, ୧୨।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ସମେତ ପଡୋଶୀ ରୁସ୍ତମପୁର, ପାଣିଛତ୍ର, ସିଙ୍ଗିଡି ଓ ବେଲଗଡିଆ ଆଦି ଗ୍ରାମର ଅଧିବାସୀ ହାଟ ପାଇଁ କୁପାରୀ ଓ ଖଇରା ଉପରେ ନିର୍ଭର କରି ଚଳୁଥିଲେ। ସ୍ଥାନୀୟ ପରିବା ଚାଷୀମାନେ ମଧ୍ୟ ନିଜର ପରିବା ବିକ୍ରି ପାଇଁ ଖରା ବର୍ଷାରେ ଦୂର ହାଟକୁ ଯିବାକୁ ବାଧ ହେଉଥିଲେ। ଏଥିପାଇଁ ଉପରୋକ୍ତ ଗ୍ରାମର ବାସିନ୍ଦା ଏକ ହାଟ ପାଇଁ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ନିକଟରେ ଦୀର୍ଘଦିନରୁ ଦାବି କରି ଆସୁଥିଲେ। ନହଙ୍ଗ ସରପଞ୍ଚ ରବୀନ୍ଦ୍ର ନାୟକ ନିଜେ ଏଥିରେ ଆଗ୍ରହ ପ୍ରକାଶ କରି ହାଟ ଖୋଲିବା ପାଇଁ ତତ୍ପରତା ଦେଖାଇ କମିଟି ଗଠନ କରି କମିଟି ସହଯୋଗରେ ଗ୍ରାମର ହରିଦାସ ପୋଖରୀ ନିକଟରେ ପ୍ରତ୍ୟେକ ରବିବାର ହାଟ ବସାଇବାକୁ ନିଷ୍ପତ୍ତି ନେଇଥିଲେ। ରବିବାର ଅପରାହ୍ନରେ ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ହାଟର ଶୁଭ ଉଦ୍‌ଘାଟନ କରିଛନ୍ତି। ପ୍ରଭାତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଓ ସରପଞ୍ଚଙ୍କ ବ୍ୟତୀତ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, କମିଟି ସଭାପତି ବ୍ରଜ ଦାସ, ସମ୍ପାଦକ ଲକ୍ଷ୍ମୀଧର ଦାସ, ମହେନ୍ଦ୍ର ସେଠୀ, ଅନାମ ଚରଣ ନାୟକ ଓ ଶାନ୍ତି କୁମାର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ସହଯୋଗ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# ମିଳିତ ଜନଶୁଣାଣିରେ ୬୧ ଅଭିଯୋଗ ପଞ୍ଜୀକରଣ

ନୀଳଗିରି, ୧୨।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅଧୀନ ବିଭିନ୍ନ ପଞ୍ଚାୟତରୁ ମୋଟ ୬୧ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଭାବେ ରାଶନକାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ବିଲ୍ ସମସ୍ୟା, ଉଦ୍ୟାନ କୃଷି, ଜଙ୍ଗଲ ଜମି ପଟ୍ଟା, ହାତୀ ଦ୍ୱାରା ଫସଲ କ୍ଷତିଗ୍ରସ୍ତ, ଆଇନଶୃଙ୍ଖଳା ସମ୍ପର୍କିତ ଥିଲା। ଏହି ମିଳିତ ଜନଶୁଣାଣି ଶିବିରରେ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲା ପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ ଉପଜିଲାପାଳ ଶୁଭଶ୍ରୀ ରଥ, ବିଡିଓ ବିକ୍ରମ କେଶରୀ ପରିଡ଼ାଙ୍କ ସମେତ ଜିଲା ଏବଂ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।



# ଗଙ୍ଗାସାଗରରେ ୪୫ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ

ଭୋଗରାଇ, ୧୨।୧(ପ୍ରଦୀପ ଦାସ): ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦୀପ ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ୪୫ଲକ୍ଷରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ସମବେତ ହୋଇଥିବା ଜିଲା ଶାସକ ଅରବିନ୍ଦ ମୀନା ସୋମବାର ସରକାରୀ ମେଳା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ଲକ୍ଷାଧିକ ପୁଣ୍ୟାର୍ଥୀ ସମୁଦ୍ରରେ ମକର ବୁଡ଼ ଦେଇ ପ୍ରସିଦ୍ଧ କପିଳ ମୁନି ମନ୍ଦିରରେ ପୂଜାର୍ଚ୍ଚନା କରି ଘର ବାହୁଡା ହୋଇଛନ୍ତି। ତୀର୍ଥଯାତ୍ରୀ ଲଟ୍ ନଂ ୮, କାକଦୀପ, ନାମଖାନା ସ୍ଥାନରେ ଭିଡ ଜମାଇଛନ୍ତି। କପିଳମୁନି ମନ୍ଦିର, ଶଙ୍କରାଚାର୍ଯ୍ୟ ଆଶ୍ରମ, ଭାରତ ସେବାଶ୍ରମ ସଂଘ ସହ ବହୁ ମନ୍ଦିର ଓ ଆଶ୍ରମଗୁଡ଼ିକ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ହଜାର ହଜାର ସାମାଜିକ କର୍ମୀ ଅସୁସ୍ଥ ହୋଇପଡୁଥିବା ରୋଗୀଙ୍କୁ ଅସ୍ଥାୟୀ ହସ୍‌ପିଟାଲକୁ ଚିକତ୍ସା ନିମନ୍ତେ ପଠାଉଛନ୍ତ। ୧୪ ତାରିଖରେ ମକରବୁଡ଼ ଦେବାଲାଗି ଓଡିଶାରୁ ଲକ୍ଷାଧିକ ପୁଣ୍ୟାର୍ଥୀ ଆସୁଥିବାର ସୂଚନା ମିଳିଛି। ପୁରୀ ଗୋବର୍ଦ୍ଧନ ପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମକରବୁଡ଼ ଦେବା ସହିତ ମଙ୍ଗଳବାର ଖବରଦାତାଙ୍କୁ ସମ୍ବୋଧିତ କରିବେ ବୋଲି ଆଦିତ୍ୟ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି।


## Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452. D-232



3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



Wellness relax body massage & jointpain treatment by traind therapist. 7008773793. D-3034

All types of physiotherapy and massage. Contact: 9556924059/ 7656969134. D-3075

AFFIDAVIT

By virtue of an affidavit sworn before Executive Magistrate, Nayagarh, dated- 10.11.2025, I, TULU SAHOO, S/o.- SATRUGHANA SAHOO, At/P.O.- Saradhapur, P.S.- Itamati, Dist.- Nayagarh, PIN- 752068 declare that I have changed my name from SULU SAHOO to TULU SAHOO. Henceforth, I shall be known as TULU SAHOO for all purposes.
TULU SAHOO
D- 3089

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Executive Magistrate, Bhubaneswar, dated- 12.01.2026, I, Farzana Rahman, At- 15A, Bapuji Nagar, P.O.- Ashok Nagar, P.S.- Capital, Bhubaneswar-751009, Dist.- Khurda, Odisha declare that I have changed my name from Farzana Tabassum to Farzana Rahman. Henceforth, I shall be known as Farzana Rahman for all purpose.
Farzana Rahman
D- 234

By virtue of an affidavit sworn before Notary Public, Bhubaneswar, Khordha, dated- 12.01.26, I, Snehamayee Swain, Address: At- Mangarajpur, P.O.- Sankhameri, P.S.- Badamba, Dist.- Cuttack, Odisha, PIN- 754031 declare that I have changed my name from Snehamayee Baral to Snehamayee Swain. Henceforth, I shall be known as Snehamayee Swain for all purposes.
(Snehamayee Swain)
D- 3090

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No. 131 sworn before Executive Magistrate, Dhenkanal, dated- 06.01.2026, I, Kalpana Panda, At- Balyamba, P.O.- Sarakpatana, Dist.- Dhenkanal, Odisha, PIN-759015 declare that I have changed my name from "Kalpana Deep" to "Kalpana Panda". Henceforth, I shall be known as "Kalpana Panda" for all purposes.
Kalpana Panda
D- 3091

By virtue of an Affidavit sworn before Notary Public, Bhubaneswar, dtd.- 09.01.2026, I, "DEBARATI SINHA" (New name), Address: At- Plot No. 231/B, Samarpana Lane- 2, Aerodrum Area near Nabin Niwas, P.S.- Aerodrum, Bhubaneswar-751020, Dist.- Khordha, Odisha declare that I have changed my name from "DEBARATI BANERJEE" (Old name) to "DEBARATI SINHA (New name). Henceforth, I shall be known as "DEBARATI SINHA" (New name) for all purposes.
Debarati Sinha
(New name)
D- 3092

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

ସ୍ମୃତି ତର୍ପଣ



୰ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆଜି ଆପଣଙ୍କ ପବିତ୍ର ୩୧ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
D-3093

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରବୀନ୍ଦ୍ର କୁମାର ମହାନ୍ତି
ଆବିର୍ଭାବ– ୦୨।୦୪।୧୯୫୯
ତିରୋଧାନ– ୨୪।୦୧।୨୦୨୫
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
D- 3086

ଏକାଦଶାହ ଉପଲକ୍ଷେ



୰ ସ୍ୱର୍ଣ୍ଣପ୍ରଭା ମହାନ୍ତି
ସୂର୍ଯ୍ୟବଂଶୀ ଭବନ, ପଳାଶୁଣି, ଭୁବନେଶ୍ୱର
ଆବିର୍ଭାବ : ୧୯.୦୬.୧୯୫୩
ତିରୋଧାନ : ୦୩.୦୧.୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ହତଭାଗ୍ୟ ସ୍ୱାମୀ-ବଂଶୀଧର, ପୁତ୍ର-ସୁଜିତ, ବିଶ୍ୱଜିତ, ରଣଜିତ, ପୁତ୍ରବଧୂ-ଈପ୍ସିତା, ସୁଲକ୍ଷଣା, ଶୁଚିସ୍ମିତା, ଝିଅ-ସ୍ନେହାଞ୍ଜଳି, ଜ୍ୱାଇଁ-ସୁବ୍ରତ, ନାତି-ଓମ୍, ସୁଲିନ, ଅଙ୍କିତ, ନାତୁଣୀ-ସାଇନା ଓ ସୁହାନା
D-3087

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତଅପୋଇ ସାହୁ
ସ୍ଥାନ: ବାଲକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: କ୍ଷେତ୍ରବାସୀ ସାହୁ, ପୁତ୍ର: ବସନ୍ତ କୁମାର ସାହୁ (ବାବୁଲି), ଶରତ କୁମାର ସାହୁ, ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3087

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରୋଜାଲିନ୍ ସାହୁ
ସ୍ଥାନ: ବାଲକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଶରତ କୁମାର ସାହୁ, ପୁତ୍ର: କାର୍ତ୍ତିକ ସାହୁ, ରାକେଶ ସାହୁ, ଝିଅ: ପ୍ରୀତିକା ସାହୁ, ପ୍ରିୟାଂଶୀ ସାହୁ ଏବଂ ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3088

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଅଫିସ୍ ଷ୍ଟ୍ରେସ୍



"ଅଫିସ୍ କାମକୁ ନେଇ ଅନେକେ ଟେନ୍‌ସନରେ ରହନ୍ତି। ହେଲେ ଏହାଦ୍ୱାରା ସେମାନେ ନିଜ କାମକୁ ଠିକ୍ ଭାବରେ ତୁଲାଇପାରନ୍ତି ନାହିଁ । ତେଣୁ କାମ ବୋଝ ବଢ଼ିଯାଇଥାଏ। ତେବେ ନିଜକୁ ଅଫିସ ଷ୍ଟ୍ରେସ୍‌ଠାରୁ କିପରି ଦୂରେଇ ରଖିବେ ଏବଂ ସେଠାରେ ନିଜ କାମକୁ କିପରି ଠିକ୍ ଭାବରେ ତୁଲାଇବେ ଜାଣନ୍ତୁ ଏ ସମ୍ପର୍କରେ..."

ଆଜିକାଲି ଅନେକ ମହିଳା ସ୍ୱାବଲମ୍ବୀ ହେଲେଣି। ଘରେ ବସି କୌଣସି କର୍ମସଂସ୍ଥାନଟିଏ ଖୋଲି ଅବା ବାହାରେ ଚାକିରିଟିଏ କରି ସେମାନେ ରୋଜଗାର କରୁଛନ୍ତି। ବିଶେଷଭାବରେ ଜଣେ ଗୃହିଣୀ ଯେତେବେଳେ ଚାକିରି କରନ୍ତି ସେତେବେଳେ ତାଙ୍କୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଣେ ଘର କାମ, ତା'ସହ ସେପଟେ ଅଫିସ୍‌ର କାମ-ଏ ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ଅଫିସ୍‌ରେ କାମର ଚାପକୁ ନେଇ କେତେଜଣ କର୍ମଜୀବୀ ଟେନ୍‌ସନରେ ଥାଆନ୍ତି। ହେଲେ ଏଥିପାଇଁ ଯଦି ସୁଚିନ୍ତିତ ଯୋଜନା ମୁତାବକ ଆଗକୁ ଆଗାନ୍ତି ତେବେ ଏପରି ଚାପ ବା ଷ୍ଟ୍ରେସ୍‌ଠାରୁ ସେମାନେ ଅନେକାଂଶରେ ନିଜକୁ ଦୂରେଇ ରଖିପାରିବେ। ଏପରି କିଛି ସରଳ ଉପାୟ ରହିଛି ଯାହାକୁ କର୍ମଜୀବୀମାନେ ଆପଣେଇ ପାରିଲେ ନିଜର ଅଫିସ ଷ୍ଟ୍ରେସ୍ ସମସ୍ୟାକୁ ସହଜରେ ସମାଧାନ କରିପାରିବେ। ସେଭଳି କେତୋଟି ଟିପ୍ସ ନିମ୍ନରେ ଦିଆଯାଉଛି।

**ଦୈନନ୍ଦିନ ରୁଟିନ୍ ପ୍ରସ୍ତୁତ କରନ୍ତୁ**
ଦିନ ଆରମ୍ଭରୁ ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ନିୟମିତ ସମୟରେ ଉଠିବା, ଖାଇବା, ଶୋଇବା ଶରୀରକୁ ମନକୁ ସ୍ଥିରତା ଦେଇଥାଏ।

**ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ**
ଡିହାଇଡ୍ରେସନ୍ ଶରୀରରେ ଥକ୍କାପଣ, ଚିଡ଼ାଚିଡ଼ା ଭାବ ଏବଂ ଧ୍ୟାନର କମ୍ ଦେଖିବାକୁ ମିଳିଥାଏ। ଅଫିସ୍‌ରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପାଣି ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ଜରୁରୀ। ଏହାଦ୍ୱାରା କିଛି ପରିମାଣରେ ଷ୍ଟ୍ରେସ୍ କମ୍ ହୋଇଥାଏ।

**ଭଲ ସ୍ଲିପ୍ ରୁଟିନ୍ ପ୍ରସ୍ତୁତ କରନ୍ତୁ**
୭/୮ ଘଣ୍ଟାର ନିଦ୍ରା ମେଣ୍ଟାଲ ହେଲ୍‌ଥ ପାଇଁ ଜରୁରୀ। ଶୋଇବା ପୂର୍ବରୁ ସ୍କ୍ରିନ୍ ଟାଇମ୍ କମ୍ କରନ୍ତୁ। ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ ଏବଂ ଶାନ୍ତ ବାତାବରଣରେ ଶୁଅନ୍ତୁ।

**ହେଲ୍‌ଦୀ ମେକାନିଜମ୍ ଆପଣାନ୍ତୁ**




ଷ୍ଟ୍ରେସ୍‌ରେ ରାଗିବା ଏବଂ ସୋସିଆଲ ମିଡିଆ ସ୍କ୍ରଲ୍ କରିବା ପରିବର୍ତ୍ତେ ମଝିରେ ଛୋଟ ବ୍ରେକ୍ ନିଅନ୍ତୁ, ଏହି ସମୟରେ ଚାଲନ୍ତୁ କିମ୍ବା କୌଣସି ସହକର୍ମୀଙ୍କ ସହ କଥା ହୋଇପାରିବେ।

**ଡିପ୍ ବ୍ରିଦିଂ ମାଇଣ୍ଡଫୁଲ୍‌ନେସ୍ ଆକ୍ଟିଭିଟି କରନ୍ତୁ**
୫ରୁ ୧୦ମିନିଟ୍ ଜୋର୍ ଜୋର୍‌ରେ ନିଃଶ୍ୱାସ ନେବାର ଟେକ୍‌ନିକ୍ ଦ୍ୱାରା କିମ୍ବା ମାଇଣ୍ଡଫୁଲ୍ ନେସ୍ ଏକ୍ସରସାଇଜ୍ କରିବା ଦ୍ୱାରା ଏହା ଚିନ୍ତା ଦୂରକରିବାରେ ସାହାଯ୍ୟ କରିବ। ଅଫିସ୍ ମଝିରେ୨ମିନିଟ୍ ବ୍ରିଦିଂ ବ୍ରେକ୍ ନେବା ନିହାତି ଜରୁରୀ।

**ସମାଜ ସହ ଜଡ଼ିତ ରୁହନ୍ତୁ**
ଲଞ୍ଚ ବ୍ରେକ୍ ସମୟରେ ହାଲ୍‌କା ଫୁଲ୍‌କା ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବା ଦ୍ୱାରା ମାନସିକ ବୋଝ କମ୍ ହୋଇଥାଏ । ସାମାଜିକ ଭାବେ ଜଡ଼ିତ ରହିବା ଯୋଗୁ ଏହା କିଛି ପରିମାଣରେ ଅବସାଦ ଦୂର କରିବାରେ ସାହାଯ୍ୟ କରେ।


**ଫେଭ୍‌ରେଟ୍ ଆକ୍ଟିଭିଟି କରନ୍ତୁ**
ୱିକେଣ୍ଡରେ କାମ ପରେ ନିଜ ପସନ୍ଦର ଆକ୍ଟିଭିଟି ଯେପରି ସ୍ପୋର୍ଟ୍ସ ,ମ୍ୟୁଜିକ୍ ଏବଂ ପରିବାର ସହ ସମୟ ବିତାଇବା , ଏହା ମନକୁ ରିଫ୍ରେଶ କରିଥାଏ।



**କାମ ମଧ୍ୟରେ ଛୋଟ ବ୍ରେକ୍ ନିଅନ୍ତୁ**
ଲଗାତର କେତେ ସମୟ ପର୍ଯ୍ୟନ୍ତ କାମ କରିବା ଦ୍ୱାରା ମସ୍ତିଷ୍କ ଥକିଯାଏ। ପ୍ରଡକ୍ଟିଭିଟି କମ୍ ହେବାକୁ ଲାଗିଥାଏ। ପ୍ରତି ଘଣ୍ଟାରେ ଥରେ ୨/୩ ମିନିଟ୍ ବ୍ରେକ୍ ନିଅନ୍ତୁ। ନିଃଶ୍ୱାସ ନିଅନ୍ତୁ, ଷ୍ଟ୍ରେଚ୍ କରନ୍ତୁ । ଏହି ଛୋଟ ବ୍ରେକ୍ ମାନସିକ ଫୁର୍ତ୍ତିକୁ ରିସେଟ୍ କରିଥାଏ, ଚିନ୍ତାମୁକ୍ତ କରିଥାଏ।

**ଏକ୍ସପର୍ଟଙ୍କ ସହ କନ୍‌ସଲ୍ଟ କରନ୍ତୁ**
ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଏକ ସ୍କିଲ୍। ଯାହାକୁ ନିରନ୍ତର ଅଭ୍ୟାସ ଦ୍ୱାରା ମଜଭୁତ କରାଯାଇପାରିବ। ଯଦି ଅଫିସ୍ ଷ୍ଟ୍ରେସ୍ ଲଗାତର ବଢୁଛି ତେବେ ଏହା ଆପଣଙ୍କ ପର୍ସନାଲ୍ ଲାଇଫ୍‌କୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ତେବେ ଏଥିପାଇଁ ମେଣ୍ଟାଲ ହେଲ୍‌ଥ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ। କାମ ସହ ନିଜ ମନର ମଧ୍ୟ ଧ୍ୟାନ ରଖିବା ଆବଶ୍ୟକ। ଜୀବନକୁ ସଫଳତା କରିବାରେ ଏହା ହେଉଛି ଏକ ମନ୍ତ୍ର।





## ଏମାନେ କ'ଣ କରନ୍ତି

**ଅଫିସ୍ ଷ୍ଟ୍ରେସ୍‌ଠାରୁ ଦୂରେଇ ରହିବାକୁ ଚେଷ୍ଟାକରେ**



ଯେହେତୁ ଚାକିରି କରିଛି ତେଣୁ ମୋତେ ଘର କାମ ସହ ଚାକିରି ପ୍ରତି ଦୃଷ୍ଟିଦେବାକୁ ହୋଇଥାଏ। ଅଫିସରେ ତ କାମର ଚାପ ନିଶ୍ଚୟ ରହିବ। ହେଲେ ତାକୁ ନେଇ କେବେ ବିଚଳିତ ହୁଏନା। କେଉଁ ଦିନ ଅଫିସ୍‌ରେ କିପରି କାମ କରିବି ସେ ନେଇ ସେଦିନ ସକାଳୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। ଯେତେ ସମ୍ଭବ ଅଫିସ୍ ଷ୍ଟ୍ରେସ୍‌ଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକରେ। ଏଥିପାଇଁ ମୁଁ ଡେଲି ରୁଟିନ୍ ପ୍ରସ୍ତୁତକରି ତାହାକୁ ଠିକ୍ ଭାବରେ ଅନୁସରଣ କରେ।

*-ଟିପା ନାୟକ, କର୍ମଜୀବୀ, ଗଜାନନ୍ ଟାୱାର, ବୁଦ୍ଧ ନଗର, ଭୁବନେଶ୍ୱର*

**ଅଫିସ କାମକୁ ନେଇ ଟେନ୍‌ସନ ହୋଇ ନ ଥାଏ**



ମୁଁ ଜଣେ କର୍ମଜୀବୀ ମହିଳା। ଘର ଆଉ ଅଫିସ୍ ଦୁଇଟି ବାଲାନ୍ସ କରି ଚଳିବାକୁ ପଡ଼େ। ଘରେ ମୋ ସ୍ୱାମୀ ଓ ଶାଶୁ ରୁହନ୍ତି। ଝିଅ ବାହାରେ ରହି ଚାକିରି କରୁଛି। ଘରକାମ ସାରି ଅଫିସ୍ ପୁଣି ଯିବାକୁ ହୋଇଥାଏ। ଅଫିସ୍ କାମ ଭିତରେ ଏତେ ଦାୟିତ୍ୱ ରହିଯାଏ ଯେ ଆଉ ଘର କଥା ଜମା ମନେପଡ଼େନି। ପୁଣି ଘରକୁ ଆସିଲା ପରେ ଅଫିସ୍ କଥାକୁ ଭୁଲି ଘର କାମରେ ଲାଗିପଡ଼େ। ଏଇ ଅଫିସ୍ କାମ ଓ ଘରକାମ ଭିତରେ ନିଜ ପାଇଁ ଟିକେ ସମୟ ଦେଇ ହୁଏନି। ସେ ଯାହା ହେଉ ଘର ଆଉ ଅଫିସ୍ ଦୁଇଟିକୁ ମ୍ୟାନେଜ୍ କରି ଜୀବନଟା ସୁରୁଖୁରୁରେ ଚାଲିଛି। ଅଫିସରେ କାମ କରିବା ବେଳେ ନିଜକୁ ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟାକରେ। ନିଜର ପ୍ରସ୍ତୁତ ଯୋଜନା ମୁତାବକ ସବୁବେଳେ ଚାଲିଥାଏ, ଫଳରେ ମୋତେ ଅଫିସ୍ ଷ୍ଟ୍ରେସ୍ ସେତେଟା ଅନୁଭବ ହୋଇ ନ ଥାଏ।

*-ସ୍ୱପ୍ନା ମଞ୍ଜରୀ ଦାଶ*
*କର୍ମଜୀବୀ, ଡିଡିସି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

# କିପରି ସଫା କରିବେ ଫ୍ୟାନ୍ସି ସ୍ୱେଟର

ଶୀତଦିନରେ ଶୀତରୁ ରକ୍ଷା ପାଇବା ଲାଗି ପ୍ରାୟ ତ ଦାମୀ ସ୍ୱେଟର କିଣି ଆଣିଥାଉ। ହେଲେ ଏହାକୁ ଧୋଇବା ସମୟରେ କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଆସନ୍ତୁ , ଜାଣିବା ଏ ବିଷୟରେ....



ଶୀତଦିନରେ ଫ୍ୟାନ୍ସି ସ୍ୱେଟର ପିନ୍ଧିବାକୁ ଯେତେଭଲ ଲାଗେ , ତାକୁ ସଫା କରିବା ସେତିକି କଷ୍ଟକର ହୋଇଥାଏ। ଅଳ୍ପ ଟିକେ ଲାପରବାହି କାରଣରୁ ସ୍ୱେଟରେ ରୁଇ,ଲିଣ୍ଟ ପିଲିଙ୍ଗ ଆସିଥାଏ। ଫଳରେ ନୂଆ ସ୍ୱେଟର ପୁରୁଣା ଦେଖାଯାଇଥାଏ। ନିମ୍ନଲିଖିତ ଟିପ୍ସକୁ ଅନୁସରଣ କରି ଶୀତଦିନେ ଫ୍ୟାନ୍ସି ସ୍ୱେଟରରେ ଚମକ ଆଣିପାରିବେ...

➤ସ୍ୱେଟରକୁ ବାରମ୍ବାର ଧୋଇବା ଠିକ୍ ନୁହେଁ। ଯଦି ସ୍ୱେଟର ଅଧିକ ଅପରିଷ୍କାର ହୋଇନାହିଁ ତାକୁ ସଫା କରନ୍ତୁ ନାହିଁ। ପ୍ରତିଥର ପିନ୍ଧିବା ପରେ ତାକୁ ପବନରେ ଶୁଖାଇ ରଖିଲେ ଭଲ। ଯେତେବେଳେ ବି ସ୍ୱେଟର ସଫା କରୁଛନ୍ତି ସବୁବେଳେ ଥଣ୍ଡା ପାଣିରେ ଅଳ୍ପ ଲିକ୍ୟୁଇଡ୍ ଡିଟରଜେଣ୍ଟ ବ୍ୟବହାର କରନ୍ତୁ।

➤ଧୋଇବା ସମୟରେ ସ୍ୱେଟରକୁ ଭିତର ପଟରୁ ଓଲଟାଇ ଦିଅନ୍ତୁ। ଯଦି ମେଶିନରେ ସଫା କରୁଛନ୍ତି ତେବେ ଜେଣ୍ଟଲ କିମ୍ବା ଉଲ୍ ମୋଡ୍ ଚୟନ କରନ୍ତୁ। ଯଦି ହାତରେ ଧୋଉଛନ୍ତି ତେବେ ଏହାକୁ ମୋଡ଼ିମାଡ଼ି ଏଥିରୁ ପାଣି ବାହାର କରି ଶୁଖାନ୍ତୁ ନାହିଁ। ଏଥିରୁ ପାଣି ବାହାରୁଥିଲେ ତାକୁ ଏହିପରି ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଏଥିରୁ ପାଣି ସମ୍ପୂର୍ଣ୍ଣ ନିଗିଡ଼ିଗଲା ପରେ ତାକୁ ସିଧା କରି କିଛି ସମୟ ଶୁଖାନ୍ତୁ।

➤ସ୍ୱେଟରକୁ କେବେ ବି ଟାଙ୍ଗି କି ଶୁଖାନ୍ତୁ ନାହିଁ। ଏହାଦ୍ୱାରା ସ୍ୱେଟର ଅଧିକ ଝୁଲିଯିବ। ଫଳରେ ଏହା ଜଲ୍‌ଦି ଖରାପ ହେବା ସମ୍ଭାବନା ଅଛି। ସବୁବେଳେ ମୋଡ଼ିକୁ ଟାୱେଲ ଉପରେ ଖେଳାଇ ଶୁଖାନ୍ତୁ। ଖରାରେ ଶୁଖାଇବା ବଦଳରେ ଏହାକୁ ଛାଇରେ ଶୁଖାନ୍ତୁ।

➤ଯଦି ସ୍ୱେଟରରେ ଲିଣ୍ଟ ବାହାରିଛି ତେବେ ଏହାକୁ ଲିଣ୍ଟ ରୋଲର କିମ୍ବା ଫ୍ୟାବ୍ରିକ୍ ଶେଭରର ବ୍ୟବହାର କରାଯାଇପାରେ। ଯଦି ଏହା ସମ୍ଭବ ହେଉନାହିଁ , ତେବେ ହାଲ୍‌କା ହାତରେ ରେଜର କିମ୍ବା ଅଠା ଟେପ୍ ସାହାଯ୍ୟରେ ରୁଇକୁ ମଧ୍ୟ ଦୂରେଇପାରିବେ। ଧ୍ୟାନରଖନ୍ତୁ, ସବୁବେଳେ ବାରମ୍ବାର ଗୋଟିଏ ଜାଗାକୁ ରଗଡ଼ନ୍ତୁ ନାହିଁ।

**ଫ୍ୟାଶାନ**

# ୱିଣ୍ଟର ଗ୍ଲାମର ଲୁକ୍

ଗ୍ଲାମର ଦେଖାଯିବେ ବୋଲି କେବଳ କହିଦେଲେ ହେବ ନାହିଁ, ସେଥିପାଇଁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ତେବେ ଶୀତଦିନେ ଫ୍ୟାଶନେବୁଲ ଦେଖାଯିବା ପାଇଁ ଚାହୁଁଥିଲେ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...

➤ଶୀତଦିନରେ ଆରାମ ଏବଂ ଷ୍ଟାଇଲ୍ ଦୁଇଟା ଦରକାର, ତେବେ ଲଙ୍ଗ୍ ଟପ୍ ବେଷ୍ଟ ଅପ୍‌ସନ୍। ଏହି ଟପ୍ ଆପଣଙ୍କୁ ସ୍ମାର୍ଟ ଏବଂ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଆପଣ ଏହାକୁ ଜିନ୍ସ ସହ ପିନ୍ଧିପାରିବେ। ଯଦି ଆପଣ ଏହାକୁ ଆହୁରି ଷ୍ଟାଇଲିଶ କରିବାକୁ ଚାହୁଁଥାନ୍ତି ତେବେ ବେକରେ ନିହାତି ନେକ୍‌ଲେସ୍ ପିନ୍ଧିପାରିବେ।

➤ଯଦି ଆପଣ କୌଣସି ପାର୍ଟି କିମ୍ବା ଡିନରରେ ଯାଉଛନ୍ତି ତେବେ ଭେଲଭେଟ୍ ଟପ୍ ଏକ ଭଲ ଅପ୍‌ସନ। ଏହାକୁ ଆପଣ ଲଙ୍ଗ୍ ସ୍କର୍ଟ କିମ୍ବା ପ୍ୟାଣ୍ଟ ସହିତ ପିନ୍ଧିପାରିବେ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିଶ୍ ଏବଂ ଆଟ୍ରାକ୍ଟିଭ୍ ହୋଇଯିବ।

➤ଭି ନେକ୍ ଟପ୍ ଏକ ଏପରି ଟପ୍ ଯାହା ପ୍ରତ୍ୟେକ ଝିଅ ଲାଗି ବହୁତ ଜରୁରୀ। ଏହାକୁ ଆପଣ ପ୍ୟାଣ୍ଟ କିମ୍ବା ଜିନ୍ସ ସହ ପିନ୍ଧିପାରିବେ। ଏହି ଟପ୍ କଲେଜ ସାଙ୍ଗମାନଙ୍କ ସହିତ ଶପିଂ କିମ୍ବା କାଜୁଆଲ ଆଉଟିଂ ପାଇଁ ପରଫେକ୍ଟ। ଏହା ସହ ଏକ ପତଳା ଚେନ୍ ଏବଂ ଇୟର ରିଙ୍ଗ୍ସ ପିନ୍ଧନ୍ତୁ। ଏହାଦ୍ୱାରା ଆପଣ ଆହୁରି ସ୍ମାର୍ଟ ଦେଖାଯିବେ।



**ଖାଦ୍ୟରୁଚି**

# କ୍ୟାବେଜ୍ କ୍ୟାପ୍‌ସିକମ୍ ସୁପ୍

**ଆବଶ୍ୟକ ସାମଗ୍ରୀ**
ଛୋଟ ଛୋଟ ଆକାରରେ କଟାହୋଇଥିବା ବନ୍ଧାକୋବି ୧ କପ୍, କ୍ୟାପ୍‌ସିକମ୍ ୧ କପ୍,କଟାହୋଇଥିବା କଞ୍ଚାଲଙ୍କା ୨ଟି,ଧନିଆପତ୍ର ୧ ଚାମଚ,କର୍ନଫ୍ଲୋର ୧ ଚାମଚ, କ୍ଷୀର ୧ କପ୍ ,ସ୍ୱାଦ ଅନୁସାରେ ଲୁଣ, ସ୍ୱାଦ ଅନୁସାରେ ଗୋଲମରିଚ ଗୁଣ୍ଡ , ବଟର ୧ ବଡ଼ ଚାମଚ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ବଡ଼ ପ୍ୟାନ୍‌ରେ ବଟର ପକାଇ ଗରମ କରନ୍ତୁ। ଏବେ ବନ୍ଧାକୋବି,କ୍ୟାପ୍‌ସିକମ୍ ଏବଂ କଞ୍ଚାଲଙ୍କା ପକାଇ ସିମ୍‌ରେ ଭାଜନ୍ତୁ। ଯେତେବେଳେ ପନିପରିବା ନରମ ହୋଇଯିବ ସେତେବେଳେ କ୍ଷୀର ଏବଂ ଆବଶ୍ୟକତା ଅନୁଯାୟୀ ପାଣି ମିଶାନ୍ତୁ। କର୍ନଫ୍ଲୋର ଅଳ୍ପ ପରିମାଣରେ ପକାଇ ଏହ ମିଶ୍ରଣରେ ପକାନ୍ତୁ। ଏବେ ଏଥିରେ ଲୁଣ ପକାନ୍ତୁ। ଯେତେବେଳେ ମିଶ୍ରଣ ବହଳିଆ ହୋଇଯିବ ସେତେବେଳ ଗ୍ୟାସ୍ ଚୁଲାରୁ ଓହ୍ଲାଇ ସେଥିରେ ଗୋଲମରିଚ ଗୁଣ୍ଡ ଏବଂ ଧନିଆପତ୍ର ପକାନ୍ତୁ। ଏବେ ଗରମା ଗରମ ସୁପ୍ ପରଷନ୍ତୁ।



**ସୌନ୍ଦର୍ଯ୍ୟ**

# ଡାର୍କ ସର୍କଲର ଘରୋଇ ଉପଚାର

ଡାର୍କ ସର୍କଲ ଦୂରକରିବା ଲାଗି କେତୋଟି ଘରୋଇ ଟିପ୍ସ ଫଲୋ କରିପାରନ୍ତି । ଜାଣନ୍ତୁ ସେ ସମ୍ପର୍କରେ...



➔ନଡ଼ିଆ ତେଲ ଏବଂ ଆଲୋଭେରା ଜେଲ୍‌ର ଘରୋଇ ଉପାୟ ଦ୍ୱାରା ଡାର୍କ ସର୍କଲ କମ୍ କରିବାରେ ବହୁତ ପ୍ରଭାବୀ ହୋଇଥାଏ। ନଡ଼ିଆ ତେଲରେ ଥିବା ଭିଟାମିନ୍ ଇ ଏବଂ ଫ୍ୟାଟି ଏସିଡ୍ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଯେତେବେଳେ କି ଏଥିରେ ଆଣ୍ଟି ଏଫ୍ଲିମେଟରି ଗୁଣ ରହିଛି ଯାହା ଆଖି ତଳେ ଥିବା ଯନ୍ତ୍ରଣାକୁ କମ୍ କରିଥାଏ।

➔ନଡ଼ିଆତେଲ ଆଲୋଭେରା ଜେଲ୍ ପ୍ରସ୍ତୁତ କରନ୍ତୁ ଏଥିପାଇଁ ୧ ଚାମଚ ନଡ଼ିଆ ତେଲ,ଏକ ଚାମଚ ଭେସଲିନ୍,୧/୨ଚାମଚ ହଳଦୀ ପାଉଡର ଏବଂ ୧ ଚାମଚ ଆଲୋଭେରା ଜେଲ୍ ନିଅନ୍ତୁ। ଏହାକୁ ପ୍ରସ୍ତୁତକରି ମୁହଁରେ ଲଗାଇଲେ ଡାର୍କ ସର୍କଲ ଅନେକାଂଶରେ ଦୂରହେବ।



➔ରାତିରେ ଶୋଇବା ପୂର୍ବରୁ ନଡ଼ିଆତେଲ-ଆଲୋଭେରା ଜେଲ୍ ଆଖି ତଳେ ନିହାତି ଲଗାନ୍ତୁ। ସକାଳ ହେଲେ ଥଣ୍ଡାପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଫରକ୍ ଆପଣ ୨ଦିନରେ ନିଶ୍ଚିତ ଦେଖିପାରିବେ। ଏହାଦ୍ୱାରା ଆପଣଙ୍କୁ ଭଲ ନିଦ,ଚିନ୍ତା କମ୍ କରନ୍ତୁ,ଏଲର୍ଜି ଠାରୁ ଦୂରେଇ ରୁହନ୍ତୁ,ପୋଷଣରେ ଭରପୂର ଖାଦ୍ୟ ଖାଆନ୍ତୁ। ଆଖିକୁ ମସାଜ୍ କରନ୍ତୁ। ଏହି ଘରୋଇ ଉପଚାର କରିବା ଦ୍ୱାରା ଡାର୍କ ସର୍କଲକୁ ଆଲ୍‌ବିଦା କୁହନ୍ତୁ। ଏହାଦ୍ୱାରା ଆପଣଙ୍କ ମୁହଁ ସୁନ୍ଦର ଆକର୍ଷଣୀୟ ଦେଖାଯିବ।

# ଖାତା ଖୋଲିଲା ଏସ୍‌ଜି ପାଇପର୍ସ

**ରାଞ୍ଚି,୧୨।୧(ପି.ଟି.)**

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ସୋମବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୨-୧ ଗୋଲରେ ହାଇଦ୍ରାବାଦ ତୁଫାନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ପାଇପର୍ସ ଦଳ ପଏଣ୍ଟ ଖାତା ଖୋଲିଛି। ବିଜୟୀ ଦଳ ପାଇଁ ଟୋମାସ ଡୋମେନେ ଡବଲ ଗୋଲ କରିଥିବା ବେଳେ ଗୋଲକିପର ଟୋମାସ ସାଣ୍ଟିଆଗୋଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଅନ୍ୟପକ୍ଷରେ

**ଏଚ୍‌ଆଇଏଲ**

ହାଇଦ୍ରାବାଦ୍ ପାଇଁ ଅମନଦୀପ ଲାକ୍ରା ଏକମାତ୍ର ଗୋଲ ସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ପାଇପର୍ସ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ଦଳକୁ ୬ଟି ପେନାଲ୍ଟି କର୍ନର (ପିସି) ମିଳିଥିଲା। ଅଷ୍ଟମ ମିନିଟ୍‌ରେ ମିଳିଥିବା ପିସିକୁ ଟେମାସ ଡୋମେନ ଗୋଲରେ କନଭର୍ଟ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ତୁଫାନ୍ସ ଦଳର ଖେଳାଳିମାନେ ୧୨ ଥର ସର୍କଲ ଏଣ୍ଟ୍ରି କରିବା ସହ ୪ ପିସି ହାସଲ କରିଥିଲେ। ହେଲେ ଦଳକୁ ସେଥିରୁ କୌଣସି ଫାଇଦା ମିଳି ନ ଥିଲା। ହେଲେ ୨୯ତମ ମିନିଟ୍‌ରେ ରୋମାନ ଡୁଭେକଟଙ୍କଠାରୁ ପାଇଥିବା ପାସକୁ ଟୋମାସ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ପାଇପର୍ସ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ଫେରିବା ପାଇଁ ତୁଫାନ୍ସ ପକ୍ଷରୁ ଭରପୂର ପ୍ରୟାସ କରାଯାଇଥିଲା। ଶେଷରେ ୪୧ତମ ମିନିଟ୍‌ରେ ତୁଫାନ୍ସ ପାଇଁ ଅମନଦୀପ ଲାକ୍ରାଙ୍କ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରରେ ପାଇପର୍ସ ଦଳ ସମ୍ପୂର୍ଣ୍ଣ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ହାଇଦ୍ରାବାଦର ଖେଳାଳିମାନେ ଅନ୍ତିମ ୧୫ ମିନିଟ୍‌ରେ ୧୬ ଥର ସର୍କଲ ପେନେଟ୍ରେଶନ କରିବା ସହ ୬ ପିସି ଜିତିଥିଲେ। ଏପରିକି ଦଳକୁ ଏକ ପେନାଲ୍ଟି ଷ୍ଟ୍ରୋକ ମଧ୍ୟ ମିଳିଥିଲା। ହେଲେ ଜାକାରି ୱାଲେସଙ୍କ ଶଟ୍‌କୁ ପାଇପର୍ସ ଗୋଲକିପର ସାଣ୍ଟିଆଗୋ ରୋକି ଦେଇଥିଲେ। ଏହାପରେ ସେ ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଦୁଇଟି ଚମତ୍କାର ସେଭ କରି ଦଳକୁ ଚଳିତ ସିଜନର ପ୍ରଥମ ବିଜୟ ଆଣି ଦେଇଥିଲେ।



ଏସ୍‌ଜି ପାଇପର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ମୌସୁମୀ ଦାସଙ୍କୁ ୨ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୨।୧ (ବିଜୟ ରଣା)**

ମୋଦି ନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶାର ମୌସୁମୀ ଦାସ ଯୁବ+୭୭କେଜି ଓଜନ ଶ୍ରେଣୀ ଓ ସିନିୟର

**ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍**

ବିଭାଗରେ (୭୦+୯୪) ୧୬୪କେଜି ଓଜନ ଉତ୍ତୋଳନ କରି ୨ଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥିସହିତ ଓଡ଼ିଶା ଜୁନିୟରଦଳ ଚାମ୍ପିୟନ, ୟୁଥ୍ ବାଳିକା ଓ ସିନିୟର ବିଭାଗରେ ରନର-ଅପ୍ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ସଂଘର କର୍ମକର୍ତ୍ତା, କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି ଏବଂ ମ୍ୟାନେଜର ଟାଙ୍ଗ ଦେବୀ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ପୁରୁଷ ହକି ଇଣ୍ଡିଆ ଲିଗ୍ ପାଇଁ ମାଗଣା ଟିକେଟ୍

**ଭୁବନେଶ୍ୱର,୧୨।୧(ଅନାଦି କର):** ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଅନ୍ତିମ ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ଲାଗି ଟିକେଟ ମାଗଣାରେ ଉପଲବ୍ଧ ହେବ। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୨୬ରେ ହେବାକୁ ଥିବା ଫାଇନାଲ ସମେତ ୧୭ ତାରିଖରୁ ଲିଗ୍ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଟିକେଟ୍ ଉପଲବ୍ଧ ଥିବାରୁ ଫ୍ୟାନ୍ସ ଅନ୍‌ଲାଇନ୍‌ରେ ବୁକ କରିପାରିବେ। ଅଧିକରୁ ଅଧିକ ପ୍ରଶଂସକଙ୍କୁ ଆକୃଷ୍ଟ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ।

# ବାଂଲାଦେଶର ଦାବିକୁ ଆଇସିସିର ଖଣ୍ଡନ

**ଢାକା/ନୂଆଦିଲ୍ଲୀ,୧୨।୧(ପି.ଟି.)**

ଟି୨୦ ବିଶ୍ୱକପ୍ ଲାଗି ଭାରତ ଟୁରକୁ ନେଇ ବାଂଲାଦେଶ ଦଳ ପକ୍ଷରୁ ପ୍ରକଟ କରାଯାଇଥିବା ସୁରକ୍ଷା ଚିନ୍ତାକୁ ଆଇସିସି ବୁଝିପାରିଥିବା ବାଂଲାଦେଶ କ୍ରୀଡ଼ା ଉପଦେଷ୍ଟା ଆସିଫ ନଜ୍ରୁଲ ସୋମବାର ଦାବି କରିଥିଲେ। ହେଲେ ଏହି ଦାବିକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଖଣ୍ଡନ କରାଯାଇଛି। ଆଇପିଏଲ୍‌ରୁ ମୁସ୍ତାଫିଜୁର ରହମାନଙ୍କୁ ହଟାଇ ଦିଆଯିବା ପରେ ସୁରକ୍ଷାଗତ କାରଣ ଦର୍ଶାଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଭାରତ ବଦଳରେ ଶ୍ରୀଲଙ୍କାରେ ଟି୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ଆଇସିସି ନିକଟରେ ଅନୁରୋଧ କରିଥିଲା।

ଆଇସିସିର ସୁରକ୍ଷା ଦଳ ଓ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବିସିବି ନିକଟକୁ ଏକ ଚିଠି କରିଛନ୍ତି। ଚିଠିରେ କୁହାଯାଇଛି ଯେ, ୩ଟି ପ୍ରସଙ୍ଗ ବାଂଲାଦେଶ ଦଳର ସୁରକ୍ଷା ଚିନ୍ତା ବଢ଼ାଇପାରେ। ପ୍ରଥମତଃ, ହେଲା ଯଦି ମୁସ୍ତାଫିଜୁରଙ୍କୁ ଦଳରେ ସାମିଲ କରାଯାଏ କିମ୍ବା ବାଂଲାଦେଶୀ ପ୍ରଶଂସକ ବାଂଲାଦେଶ ଦଳର ଜର୍ସି ପିନ୍ଧି ଭେନ୍ୟୁ ପାଖରେ ବୁଲନ୍ତି ଏବଂ ବାଂଲାଦେଶରେ ନିର୍ବାଚନ ଆସୁଥିବାରୁ ଦଳ ପ୍ରତି ବିପଦ ବୃଦ୍ଧି ପାଇପାରେ ବୋଲି ନଜ୍ରୁଲ ଢାକାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଥିଲେ।

ଅନ୍ୟପକ୍ଷରେ ଆଇସିସି ପକ୍ଷରୁ କୁହାଯାଇଛି ଯେ, ଭାରତରେ ସୁରକ୍ଷା ଚିନ୍ତା ସମ୍ପର୍କରେ ଆଇସିସି ପକ୍ଷରୁ ବିସିବିକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଆସିଫ ନଜ୍ରୁଲ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ। ମୁସ୍ତାଫିଜୁରଙ୍କ ଚୟନ ଏକ ସମସ୍ୟା ହୋଇପାରେ ବୋଲି କଦାପି ଆଇସିସି ପକ୍ଷରୁ କୁହାଯାଇ ନାହିଁ। ଏହା ସମ୍ପୂର୍ଣ୍ଣ ମିଛ ଏବଂ ଔପଚାରିକ ଆଲୋଚନା ବେଳେ ସେଭଳି କୌଣସି ପରାମର୍ଶ ଦିଆଯାଇ ନାହିଁ। ଆଗାମୀ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ହେବ।

# ସେମିରେ କେଟି ଗ୍ଲୋବାଲ, ସାଇ ଇଣ୍ଟରନ୍ୟାଶନାଲ

**ଭୁବନେଶ୍ୱର,୧୨।୧(ଅନାଦି କର)**

ହାଇଟେକ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୨ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କେଟି ଗ୍ଲୋବାଲ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ କେଟି ଗ୍ଲୋବାଲ ହାଇସ୍କୁଲ ୬୯ ରନରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ସ୍କୁଲକୁ ପରାସ୍ତ କରିଛି। କେଟି ଗ୍ଲୋବାଲ ୨୧.୨ ଓଭରରେ

**ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ୍**

୧୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କ୍ରିସ କ୍ରିକେଟ ୩୮ ରନ କରିଥିଲେ। ଜବାବରେ ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ୧୨.୩ ଓଭରରେ ୬୨ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ କ୍ରିସ କ୍ରିକେଟ ୫ ଉଇକେଟ ନେଇଥିଲେ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୩ ଉଇକେଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୮.୫ ଓଭରରେ ୧୧୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳର ମୃତ୍ୟୁଞ୍ଜୟ ରୟ ୩୧ ଓ ଶୁଭମ ପ୍ରଧାନ ୩୦ ରନ କରିଥିବା ବେଳେ ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭିଭାନ ଅଗ୍ରୱାଲ ୩ ଉଇକେଟ ନେଇଥିବା ବେଳେ ମନ୍ଥନ ମହାପାତ୍ର ଓ ଅଧିନାୟକ ସ୍ୱସ୍ତିକ ନାଥ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରେୟାଂଶ ବିଧାରଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୧୬.୫ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଶ୍ରେୟାଂଶ ୫୧ ଓ ଶ୍ରୀହାନ ଭୁୟାଁ ୨୮ ରନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାଧୀନ ଜେନା ୪ ଉଇକେଟ ନେଇଥିଲେ।



ଅତିଥି ରାକେଶ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ସେମିଫାଇନାଲ୍‌ରେ କର୍ନାଟକ, ସୌରାଷ୍ଟ୍ର

**ବେଙ୍ଗାଲୁରୁ,୧୨।୧:** ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ କର୍ନାଟକ ଓ ସୌରାଷ୍ଟ୍ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦୁଇ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭିଜେଡି ମେଥଡ୍‌ରେ କର୍ନାଟକ ୫୫ ରନରେ ମୁମ୍ବାଇକୁ ଏବଂ ସୌରାଷ୍ଟ୍ର ୧୭ ରନରେ ଉତ୍ତର ପ୍ରଦେଶ(ୟୁପି)କୁ ପରାସ୍ତ କରିଛି।

ପ୍ରଥମ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୪ ରନ କରିଥିଲା। ଦଳ ପାଇଁ ଶାମ୍ସ ମୁଲାନି ୮୬ (୮ ଚୌକା) ରନ କରିଥିଲେ। ଜବାବରେ ବର୍ଷା ବାଧକ ସାଜିଲା ବେଳକୁ କର୍ନାଟକ ୩୩ ଓଭରରେ ୧ ଉଇକେଟ ହରାଇ ୧୮୭ ରନ କରିଥିଲା। ଭିଜେଡି ମେଥଡରେ ୩୩ ଓଭରରେ ଜିତିବା ପାଇଁ ୧୩୨ ରନ ଦରକାର ଥିବାବେଳେ କର୍ନାଟକ ୫୫ ରନ ଆଗରେ ରହିଥିଲା। ଦଳ ପାଇଁ ଦେବଦତ୍ତ ପାଡିକଲ ୮୧ (୧୧ ଚୌକା) ଓ କରୁନ ନାୟର ୭୪ (୧୧ ଚୌକା) ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୟୁପି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟରେ ୩୧୦ ରନ କରିଥିଲା। ଦଳ ପାଇଁ ଅଭିଷେକ ଗୋସ୍ୱାମୀ ୮୮ (୧୨ ଚୌକା), ସମୀର ରିଜଭି ୮୮ (୧୦ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ସୌରାଷ୍ଟ୍ର ୪୦.୧ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୨୩୮ ରନ କରିଥିଲା। ଏହାପରେ ବର୍ଷା ବାଧାକ ସାଜିବାରୁ ୪୦.୧ ଓଭରରେ ୨୨୧ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଫଳରେ ୧୭ ରନ ଆଗରେ ଥିବା ସୌରାଷ୍ଟ୍ରକୁ ବିଜୟୀ ଘୋଷିତ କରାଯାଇଥିଲା।

**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍**

# ସୁନ୍ଦର ବାଦ୍, ବଦୋନୀଙ୍କୁ ଡାକରା

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଚଳିତ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ୍‌ରୁ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆହତଜନିତ ସମସ୍ୟା କାରଣରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ନୂଆ ଚେହେରା ଭାବେ ଆୟୁଷ ବଦୋନୀଙ୍କୁ ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଭଦୋଦରାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୱାଶିଂଟନଙ୍କ ପଞ୍ଜରାରେ ଆଘାତ ଲାଗିଥିଲା। ୨୬ ବର୍ଷୀୟ ଅଲରାଉଣ୍ଡ ମ୍ୟାଚ୍‌ରେ ୫ ଓଭର ବୋଲିଂ କରି ୨୭ ରନ ଦେଇଥିଲେ। ମ୍ୟାଚ୍ ମଝିରେ ସେ ପଡ଼ିଆରୁ ଚାଲି ଯାଇଥିଲେ ଏବଂ ଫେରି ନ ଥିଲେ। ଯନ୍ତ୍ରଣା ସତ୍ତ୍ୱେ ନଂ-୮ ପୋଜିଶନରେ ବ୍ୟାଟିଂ କରି ଭାରତୀୟ ଦଳକୁ ଜିତାଇଥିଲେ। ତାଙ୍କର ସ୍କାନ କରାଯିବା ପରେ ବିସିସିଆଇ ମେଡିକାଲ ଦଳ ବିଶେଷଜ୍ଞଙ୍କ ମତାମତ ନେବ। ଏଥିଯୋଗୁ ତାଙ୍କୁ ବଳକା ଦୁଇଟି ମ୍ୟାଚ୍ ଲାଗି ଦଳରୁ ବାଦ୍ ଦିଆଯାଇଛି। ପୁରୁଷ ଚୟନ କମିଟି ସୁନ୍ଦରଙ୍କ ବଦଳରେ ଆୟୁଷ ବଦୋନୀଙ୍କ ନାମ ଘୋଷଣା କରିଛି।

ବଦୋନୀ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ପାଇଁ ରାଜକୋଟରେ ଭାରତୀୟ ଦଳ ସହ ଯୋଗଦେବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ସେ ମଙ୍ଗଳବାର ବେଙ୍ଗାଲୁରୁଠାରେ ବିଦର୍ଭ ଓ ଦିଲ୍ଲୀ ମଧ୍ୟରେ ହେବାକୁ ଥିବା ବିଜୟ ହଜାରେ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍ ମିସ୍ କରିବେ।

# ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୦ ପଦକ




ରନର୍ ଅପ୍ ଟ୍ରଫି ସହ ଓଡ଼ିଶା ତୀରନ୍ଦାଜ।

**ଭୁବନେଶ୍ୱର,୧୨।୧ (ଅନୁରାଧା ମହାରଣା)**

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ଓଭରଅଲ ରନରଅପ ହୋଇଛି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଏବଂ ଆୟୋଜକ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ୧୧ ବାଳିକାଙ୍କ ସମେତ ୧୮ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ୟୁଜିପି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୋହିତ କୁମାର ମାରାଣ୍ଡି ୩୦ ମିଟର୍

**ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ**

ଇଣ୍ଡିଆ ରାଉଣ୍ଡ, ଅଲିମ୍ପିକ ରାଉଣ୍ଡ ଓ ମିକ୍ସଡ୍ ରାଉଣ୍ଡରେ ୩ଟି ସ୍ୱର୍ଣ୍ଣ ଏବଂ ୨୦ ମିଟରରେ ଗୋଟିଏ ରୌପ୍ୟ ପଦକ ଜିତିଥିବା ବେଳେ ତାଙ୍କ ସହିତ କିସ୍ ବିଦ୍ୟାଳୟର ରେଶମା ମଲ୍ଲିକ ୩୦ ମିଟର୍ ମିକ୍ସଡ୍ ରାଉଣ୍ଡରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି କେନ୍ଦୁଝର ଜିଲାର ସୁନୀତା ନାଏକ ୬୦ ମିଟର୍ ରିକର୍ଭ ରାଉଣ୍ଡରେ ଗୋଟିଏ ରୌପ୍ୟ ଓ ୬୦ ଇଣ୍ଡିଭିଜୁଆଲ ରାଉଣ୍ଡରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୬୦ ମିଟର୍ ରିକର୍ଭ ରାଉଣ୍ଡରେ କେନ୍ଦୁଝର ଜିଲାର ସାବିତ୍ରୀ ପାତ୍ର, ସୁନ୍ଦରଗଡ଼ ଜିଲାର ଟେନିସ ମେହେର ଏବଂ ଭୁବନେଶ୍ୱରର ପାଂଖି ଭଦ୍ରା ରୌପ୍ୟ ପଦକ ହାସଲ କରିଛନ୍ତି।

# ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ପୁରୁଣା ଭୁବନେଶ୍ୱର, ୧୨।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ସ୍ଥାନୀୟ ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କ୍ଲବ ପକ୍ଷରୁ ଆୟୋଜିତ ୩ ଦିନିଆ ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବାଞ୍ଚଳର ୧୨ଟି ରାଜ୍ୟର ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ପ୍ରତିଯୋଗୀ ଏବଂ ୭୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା କମିଟିର ଅଧ୍ୟକ୍ଷ ବିଧାୟକ ବାବୁ ସିଂଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଅବସରରେ ଗୋସାଗରେଶର ଛକଠାରୁ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଏକ ବିରାଟ ପଟୁଆରରେ ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପଠାରେ ପହଞ୍ଚିଥିଲା।

ପ୍ରଥମ ଦିବସରେ ମୁଖ୍ୟଅତିଥି ରୁପେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ , ଶିଳ୍ପ ମନ୍ତ୍ରୀ ସମ୍ପଦ ସାଇଁ , ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, କପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ , ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ,ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଚେତନ ମନୋହର ପଠାରେ ,ସର୍ବ ଭାରତୀୟ ସଭାପତି ସାମୀ ରମେଶ କୁମାର, ଅର୍ଜୁନ ପୁରସ୍କାରପ୍ରାପ୍ତ ଏବଂ ପୂର୍ବତନ ମିଷ୍ଟର ୟୁନିଭର୍ସ ପ୍ରେମଚାନ୍ଦ୍ ଡୋଗ୍ରା ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ମଳୟ ମହାପାତ୍ର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ପାଦକ ରାଧାନାଥ ମହାପାତ୍ର ବିବରଣୀ ପାଠ କରିଥିଲେ। ପୂର୍ବାଞ୍ଚଳ ଏବଂ ଭୁବନେଶର ବଡ଼ି ବିଲ୍‌ଡିଂ ଆସୋସିଏଶନର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହିତ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମର ଅଧ୍ୟକ୍ଷା ସୁଲୋଚନା ଦାସ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା,ଉତ୍ତର ବିଧାୟକ ସୁଶାନ୍ତ ରାଉତ, ହାଇଟେକ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ମେଟ୍ରୋ ବିଲଡ଼ର ଅଧ୍ୟକ୍ଷ ପୀୟୁଷ ମହାନ୍ତି ପ୍ରମୁଖ ଯୋଗ ଦେଇ ମିଜୋରାମର ପୂର୍ବାଞ୍ଚଳ ମିଷ୍ଟର ଇଣ୍ଡିଆ ଚାମ୍ପିୟନ ନିରୋଜ କ୍ଷେତ୍ରୀ ମାଉଁ ଙ୍କୁ ୨୦୨୬ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ବଉଳଗଡ଼ କ୍ଲବର ପୂର୍ବତନ ସଭ୍ୟ,କର୍ମକର୍ତ୍ତା ମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତିମ ଦିବସରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ , ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା ଚାମ୍ପିୟନ ଟ୍ରଫି ପ୍ରଦାନ କରିବା ସହିତ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ତିନି ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ରବିନାରାୟଣ ପଟ୍ଟନାୟକ ସଂଚାଳନ କରିଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ